

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-150 WEDNESDAY 26 NOVEMBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୫୦ ବୁଧବାର ୨୬ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


## ଆସନ୍ତାକାଲିଠାରୁ ବିଧାନସଭା ଅଧିବେଶନ

# ମୌସୁମୀରେ ଚାଲିଲାନି; ଶୀତରେ ଚାଲିବ ତ?



### ବିରୋଧୀଙ୍କ ହାତରେ ପୁଳାପୁଳା ପ୍ରସଙ୍ଗ
### ନୂଆପଡ଼ା ବିଜୟ ପରେ ଶାସକ ଉତ୍ସାହିତ
### ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ

■ ଭୁବନେଶ୍ୱର, ୨୫।୧୧ (ସମିସ): ଗତ ମୌସୁମୀ ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ଥିଲା; ତାହାବି ସୁରୁଖୁରୁରେ ଚାଲି ପାରିଲା ନାହିଁ। ଗୋଟିଏ ଦିନ ଆଗରୁ ବିଧାନସଭାକୁ ମୁଲତବୀ ଘୋଷଣା କରାଗଲା। ଆସନ୍ତା ୨୭ ତାରିଖରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଯେ ସୁରୁଖୁରୁରେ ଚାଲିବ, ତାହାକୁ ନେଇ ଏବେଠାରୁ ସନ୍ଦେହ ପ୍ରକାଶ ପାଇଲାଣି। ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ବିଧାନସଭା ଚାଲିବାକୁ ଥିବାବେଳେ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଛି। ତେବେ ବିରୋଧୀଙ୍କ ହାତରେ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ଥିବାରୁ ଶୀତ ଅଧିବେଶନ ବେଶ୍ ଉଷ୍ମ ହେବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଏହି ଲମ୍ବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ସେଥିପାଇଁ ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନ ସୁରୁଖୁରୁରେ ଚାଲିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ। ତେବେ ମୌସୁମୀ ଅଧିବେଶନ ପରି ଶୀତ ଅଧିବେଶନ ଯେ ମୂଳରୁ କମ୍ପମାନ ହେବ, ସେନେଇ ଆକଳନ କଲେଣି ରାଜନୈତିକ ସମୀକ୍ଷକ। ଚଳିତ ଖରିଫ୍ ଋତୁ ପାଇଁ ଧାନ କିଣାର ବିଭ୍ରାଟ ଘଟିବା ନେଇ ଆଶଙ୍କା ଦେଖାଦେଇଛି। ବିଶେଷକରି ମଣ୍ଡି ଖୋଲିବାରେ ବିଳମ୍ବତାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢଆଖି ଆକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନିୟମିତ ଭାବେ ତଳକୁ ତଳକୁ ଯାଉଛି, ସେନେଇ ସରକାରଙ୍କୁ ଜବାବ୍ ମାଗିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି ବିରୋଧୀ। ନୂଆପଡ଼ା ଉପ ନିର୍ବାଚନରେ ସରକାରୀ ଦଳ ଯେପରି ପ୍ରଶାସନକୁ ସମ୍ପୂର୍ଣ୍ଣ ଅକ୍ତିଆରକୁ ନେଇ ନିର୍ବାଚନ ଲଢ଼ିଲା, ଆଚରଣ ବିଧିର ଧଜ୍ଜିଆ ଉଡ଼ାଇଲା ତାହା ମଧ୍ୟ ବଡ଼ ପ୍ରସଙ୍ଗ ହେବ ବୋଲି ବିରୋଧୀ ▶ପୃଷ୍ଠା-୭

# ୨୧ ଲକ୍ଷ ମୋବାଇଲ ନମ୍ବର ବ୍ଲକ୍

■ ନୂଆଦିଲ୍ଲୀ, ୨୫।୧୧ (ଏଜେନ୍ସି): ଦେଶରେ ସମ୍ପ୍ରତି ସ୍ପାମ୍ କଲ୍, ନକଲି ମେସେଜ୍ ଏବଂ ଡିଜିଟାଲ୍ ଠକେଇ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରା ଉପରେ ରୋକ ଲଗାଇବା ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ଟ୍ରାଇ ବର୍ଷକ ମଧ୍ୟରେ ୨.୧ ନିୟୁତରୁ ଅଧିକ ମୋବାଇଲ୍ ନମ୍ବର ବ୍ଲକ୍ କରିଛି ଏବଂ ପ୍ରାୟ ୧ ଲକ୍ଷ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଛି। ଏଗୁଡ଼ିକ ସେହି ସମାନ ନମ୍ବର ଯାହା ଡୁ ନଟ୍ ଡିଷ୍ଟର୍ବ (ଡିଏନ୍‌ଡି) ଆପ୍ ମାଧ୍ୟମରେ ରିପୋର୍ଟ କରାଯାଇଥିଲା। ଆହୁରିମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ସେହି କଲରମାନଙ୍କ ବିରୋଧରେ ନିଆଯାଇଛି ଯେଉଁମାନେ କେୱାଇସି, ବ୍ୟାଙ୍କ ଆକାଉଣ୍ଟ,ଜାଲ୍ ଅଫର ଏବଂ ସରକାରୀ ପରିଚୟ ଦେଇ ଗ୍ରାହକଙ୍କୁ ଠକିବାକୁ ଚେଷ୍ଟା କରିଥାନ୍ତି। ତେବେ ଗତ ବର୍ଷକ ମଧ୍ୟରେ ସ୍ପାମ୍ କଲ୍ ଏବଂ ଠକେଇ କରୁଥିବା ଜାଲ୍ ଫୋନ୍ ନମ୍ବର ବିରୋଧରେ ଏହାକୁ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ କୁହାଯାଉଛି।

**୧ ଲକ୍ଷ ସଂସ୍ଥା କଳା ତାଲିକାଭୁକ୍ତ**

ଏହାଛଡା ଟ୍ରାଇ ଲୋକମାନଙ୍କୁ କେବଳ ସେମାନଙ୍କ ଫୋନ୍‌ରେ ଏପରି ନମ୍ବରଗୁଡ଼ିକୁ ଅବରୋଧ କରିବା ପାଇଁ ନୁହେଁ ବରଂ ଡିଏନ୍‌ଡି ଆପ୍‌ରେ ରିପୋର୍ଟ କରିବାକୁ ମଧ୍ୟ କହିଛି। ଏଥିରେ ଟ୍ରାଇ ନାଗରିକଙ୍କଠାରୁ ସର୍ବାଧିକ ଅଭିଯୋଗ ପାଉଥିବା ନମ୍ବରଗୁଡ଼ିକୁ ଅବରୋଧ କରିଛି। ଡିଏନ୍‌ଡି ଆପ୍‌ରେ କରାଯାଇଥିବା ଅଭିଯୋଗକୁଆଧାର କରି ଟ୍ରାଇ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ନକଲି ନମ୍ବରଗୁଡ଼ିକୁ ଚିହ୍ନଟ କରି ତଦନ୍ତ ପରେ ସେଗୁଡ଼ିକୁ ସ୍ଥାୟୀ ଭାବରେ ବ୍ଲକ୍ କରିଛନ୍ତି। ଟ୍ରାଇ ପକ୍ଷରୁ ଏକ ପରାମର୍ଶ ଜାରି କରି କୁହାଯାଇଛି ଯେ, ଯେତେବେଳେ ଏକ ସ୍ପାମ୍ କଲ୍ ଆସୁଛି,ସେତେବେଳେ କେବଳ ▶ପୃଷ୍ଠା-୭

## ଲଜ୍ଜା

# ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ

■ ଏମ୍‌ଭି ୭୯/କାଲିମେଲା, ୨୫।୧୧ (ସମିସ): ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ। ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ପରିବାରଲୋକ ଅଭିଯୋଗ କରିବା କରିବା ପରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି। ପୀଡ଼ିତାମାନଙ୍କ ବୟସ ୧୦ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଅଭିଯୁକ୍ତଜଣଙ୍କ ନାବାଳିକାଙ୍କ ପଡ଼ୋଶୀ। ଆଜି ସେମାନେ ଘର ଆଗରେ ଖେଳୁଥିବା ବେଳେ ଅଭିଯୁକ୍ତଜଣଙ୍କ ସେମାନଙ୍କୁ ଆଇସକ୍ରିମ୍ ଦେବ ବୋଲି କହି ଘର ଭିତରକୁ ଡାକିଥିଲା। ପରେ ଘର ଭିତରେ ସେମାନଙ୍କୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାରଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଦୁଇଜଣ ନାବାଳିକା ଛାତ୍ରୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ ସହ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାର ସ୍ପଷ୍ଟ ଚିତ୍ର ଆସିନାହିଁ।

## ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲିମାଫିଆ

# ଗାଡ଼ି ଅଟକାଇ ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ



### ସୁପରଭାଇଜର ଓ ଚାଳକଙ୍କୁ ବି ଆକ୍ରମଣ କଲେ
### ଡ୍ରାଇଭରଙ୍କ ମୁଣ୍ଡ ଫାଟିଲା; ଡାକ୍ତରଖାନାରେ ଭର୍ତ୍ତି


■ ବାରିପଦା, ୨୫।୧୧ (ସମିସ): ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲି ମାଫିଆ। ପୁଲିସ କିମ୍ବା ପ୍ରଶାସନ ପ୍ରତି ଖାତିର୍ ତ ଦୂରର କଥା, ମନରେ ଟିକିଏ ଭୟ ବି ନାହିଁ। ବାଟ ମଝିରେ କାର୍ ଅଟକାଇ ତହସିଲଦାରଙ୍କୁ ଆକ୍ରମଣ କରିବାକୁ ବି ପଛାଉ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଆଜି ଏପରି ଏକ ଘଟଣା ଘଟିଛି। ବାଟ ମଝିରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ୍ ବେହେରାଙ୍କ କାର୍ ଅଟକାଇ ମାଫିଆମାନେ ତହସିଲଦାରଙ୍କ ସମେତ ସୁପରଭାଇଜର୍ ଓ ଗାଡ଼ି ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ଗାଡ଼ି ଚାଳକଜଣଙ୍କ ଗୁରୁତର ହୋଇଛନ୍ତି। ମାଫିଆମାନେ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ସେ ହେଲେ ନୀହାର ରଞ୍ଜନ ବିଶ୍ୱାଳ। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖାଲି ସେତିକି ନୁହେଁ, ଯିବା ବେଳେ ମାଫିଆମାନେ ତହସିଲଦାରଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ▶ପୃଷ୍ଠା-୭

# ଉପଭୋକ୍ତାଙ୍କୁ ଲୁଟିଛି ଟାଟା ପାୱାର



**ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ**

■ ଭୁବନେଶ୍ୱର, ୨୫।୧୧ (ସମିସ): ବିଦ୍ୟୁତ୍ ଶୁଳ୍କ ଆଦାୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସହ ଚଞ୍ଚକତା କରିଛି ଟାଟା ପାୱାର । ଏହାର ୪ଟି ବିତରଣକାରୀ ସଂସ୍ଥା ଓଇଆର୍‌ସିଙ୍କ ଧାର୍ଯ୍ୟ ୟୁନିଟ୍ ପିଛା ୫ଟଙ୍କା ୬୭ ପଇସା ପରିବର୍ତ୍ତେ ଉପଭୋକ୍ତାଙ୍କଠାରୁ ଆଦାୟ କରିଛି ୬.୦୩ ପଇସା । ଅର୍ଥାତ୍ ପ୍ରତି ୟୁନିଟ୍ ପିଛା ଟାଟାପାୱାର ଉପଭୋକ୍ତାଙ୍କଠାରୁ ୩୬ ପଇସା ଅଧିକ ନେଇଛି। ସଦ୍ୟ ପ୍ରକାଶିତ ଟାଟା ପାୱାରର ୪ଟି କମ୍ପାନୀ ଓ ଗ୍ରୀଡ୍‌କୋର ୨୦୨୪-୨୫ ବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ପ୍ରଦର୍ଶିତ ହୋଇଛି ଏହି ସାଂଘାତିକ ତଥ୍ୟ। ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ଟାଟା ପାୱାରର ୪ ବିତରକ କମ୍ପାନୀକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତ ବିକ୍ରି ପାଇଁ ଓଇଆର୍‌ସି ଅନୁମୋଦନ ଦେଇଥିଲେ। ଏହ ବିଦ୍ୟୁତ୍ ବିକ୍ରି ▶ପୃଷ୍ଠା-୭


Toyota Mobility Service | TOYOTA U TRUST | TOYOTA FINANCIAL SERVICES

**Neelam Toyota** Baleswar / Jajpur / Bhadrak / Mayurbhanj / Keonjhar Ph: 9124084726, 9124084713.

**Laxmi Toyota** Berhampur / Koraput / Bolangir Ph: 9124103113.

**Espirit Toyota** Cuttack / Bhubaneswar / Angul / Paradeep Ph: 7873044152. Sambalpur & Jharsuguda Ph: 7873044557, 9777014931. Rourkela, Sundergarh & Barbil Ph: 7873044660.

**Capital Toyota** Bhubaneswar Ph: 9040087510, 9040087505.

## ପ୍ରଥମ ଦିନରେ ୧୭ଟି ମାମଲା ଶୁଣାଣି କଲେ ମୁଖ୍ୟ ବିଚାରପତି




ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ଦାୟିତ୍ୱ ନେବା ପରେ ସୁପ୍ରିମକୋର୍ଟର ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ ଆଣିଛନ୍ତି । ସେ ମାମଲାଗୁଡିକୁ ଜରୁରୀ ତାଲିକାଭୁକ୍ତ କରିବା ପାଇଁ ମୌଖିକ ଉଲ୍ଲେଖ କରିବା ପ୍ରକ୍ରିୟା ବନ୍ଦ କରିଛନ୍ତି । ପ୍ରଥମ ଦିନରେ ଦୁଇଘଣ୍ଟାର କାର୍ଯ୍ୟରେ ୧୭ଟି ମାମଲାର ଶୁଣାଣି କରିଥିଲେ । ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପୂର୍ବରୁ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ମଧ ମୌଖିକ ଉଲ୍ଲେଖ ପ୍ରକ୍ରିୟା ବନ୍ଦ କରିଥିଲେ । କିନ୍ତୁ ପୂର୍ବତନ ସିଜେଆଇ ବିଆର ଗଭାଇ ଏହାକୁ ପୁଣି ଦ୍ୱିତୀୟଥର ପାଇଁ ଆରମ୍ଭ କରିଥିଲେ । ଏବେ କେବଳ ଲିଖିତ ମେସିନିଙ୍ଗ ସ୍ଲିପ୍ ବୈଧ ହେବ । ତେବେ କେତେକ ଅସାଧାରଣ ସ୍ଥିତିରେ, ଯେପରିକି ମୃତ୍ୟୁଦଣ୍ଡ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତା ମାମଲାରେ ମୌଖିକ ଉଲ୍ଲେଖ ପ୍ରକ୍ରିୟା ଅବଲମ୍ବନ କରାଯିବ । ଫାଇଲ୍ ଅଟକିଲେ ମଧ ନ୍ୟାୟ ପ୍ରକ୍ରିୟା ବନ୍ଦ ହେବା ଆବଶ୍ୟକ ନୁହଁ ବୋଲି ସେ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ଦେଶର ୫୩ତମ ମୁଖ୍ୟ ବିଚାରପତି ଭାବେ ହିନ୍ଦୀରେ ଶପଥ ନେଇଥିଲେ । ୧୪ ମାସ ପାଇଁ ସିଜେଆଇ ସୂର୍ଯ୍ୟକାନ୍ତ ଦାୟିତ୍ୱରେ ରହିବେ । ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ହେବେ ସିଜେଆଇ ସୂର୍ଯ୍ୟକାନ୍ତ ।

## ଚାରିଧାମରେ ପହଞ୍ଚିଲେ ୫୦ ଲକ୍ଷ ଶ୍ରଦ୍ଧାଳୁ

ଡେରାଡୁନ୍, ୨୫ ।୧୧(ଏଜେନ୍ସି): ଉତ୍ତରାଖଣ୍ଡରେ ମଙ୍ଗଳବାର ଚାମୋଲିରେ ବଦ୍ରିନାଥ ଧାମ ମନ୍ଦିରର ଦ୍ୱାର ବନ୍ଦ ହେବା ସହ ୪ ଧାମ ଯାତ୍ରା ଶେଷ ହୋଇଛି । ଚଳିତ ବର୍ଷ ୫୦ ଲକ୍ଷ ଶ୍ରଦ୍ଧାଳୁ ଚାରଧାମ ଯାତ୍ରା କରିଛନ୍ତି । ଏହି ଯାତ୍ରା ଅକ୍ଷୟ ତୃତୀୟା ଦିନ ଅର୍ଥାତ ୨୦୨୫ ଏପ୍ରିଲ ୩୦ରେ ଯମୁନୋତ୍ରୀ ଓ ଗଙ୍ଗୋତ୍ରୀର ଦ୍ୱାର ଖୋଲିବା ସହ ଆରମ୍ଭ ହୋଇଥିଲା । ପୂରା ୬ ମାସ ସାରା ଉତ୍ତରାଖଣ୍ଡର ପାହାଡି ଉପତ୍ୟାକାରେ 'ଜୟ ବଦ୍ରି ବିଶାଲ' ଏବଂ 'ହର ହର ମହାଦେବ' ଧ୍ୱନିରେ ଗୁଞ୍ଜରିତ ହୋଇଥିଲା । ଗତବର୍ଷ ତୁଳନାରେ ଏବର୍ଷ ଯାତ୍ରୀଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି । ୨୦୨୪ରେ ବଦ୍ରିନାଥ ଓ କେଦାରନାଥରେ ଦର୍ଶନ କରିଥିବା ଶ୍ରଦ୍ଧାଳୁ ରେକର୍ଡ ସୃଷ୍ଟି କରିଥିବା ବେଳେ ୨୦୨୫ରେ ଏହି ରେକର୍ଡ ଭଙ୍ଗାଯାଇଛି । ଗତବର୍ଷ କେଦାରନାଥରେ ୧୬ ଲକ୍ଷ ୫୨ ହଜାର ୭୬ ଶ୍ରଦ୍ଧାଳୁ ପହଞ୍ଚିଥିବାବେଳେ ଏବର୍ଷ ୧୭ ଲକ୍ଷ ୬୮ ହଜାରରୁ ଅଧିକ ଶ୍ରଦ୍ଧାଳୁ ପହଞ୍ଚିଥିଲେ । ଗତବର୍ଷ ବଦ୍ରିନାଥରେ ୧୪ ଲକ୍ଷ ୩୫ ହଜାର ୩୪୧ ଜଣ ଓ ଏବର୍ଷ ୧୬ ଲକ୍ଷ ୫୨ ହଜାର ୯୭୧ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିଥିଲେ । ସେହିପରି ଯମୁନୋତ୍ରୀ ଓ ଗଙ୍ଗୋତ୍ରୀରେ ମଧ ଏବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି । ଉତ୍ତରାଖଣ୍ଡରେ ଶୀତକାଳୀନ ଚାରଧାମ ଯାତ୍ରା ଏଥର ଅକ୍ଟୋବର ୨୪ରୁ ଆରମ୍ଭ ହୋଇଛି ।

## ଆସନ୍ତାବର୍ଷ ଚୀନ୍ ଯିବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ




ୱାସିଂଟନ, ୨୫ ।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ଏପ୍ରିଲରେ ଚୀନ୍ ଗସ୍ତରେ ଯିବେ । ସେ ବେଜିଂ ଯିବା ନେଇ ସମ୍ମତି ଦେଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ସେହିପରି ଆସନ୍ତାବର୍ଷ ଆମେରିକା ଆସିବାକୁ ସେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ଦୁଇ ରାଷ୍ଟ୍ରମୁଖ ଫୋନ୍‌ରେ କଥାବାର୍ତ୍ତା କରିବା ପରେ ଏ ନେଇ ଘୋଷଣା କରାଯାଇଛି । ପ୍ରାୟ ଏକମାସ ତଳେ ଦୁଇ ନେତା ଦକ୍ଷିଣ କୋରିଆରେ ପରସ୍ପରକୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏଥିରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ, ଫେଣ୍ଟାନିଲ୍ ଓ ତାଇୱାନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଚୀନ୍ ସହିତ ଆମେରିକାର ସମ୍ପର୍କ ବହୁତ ଦୃଢ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଦୁଇ ନେତା ପଖାପାଖି ଏକ ଘଣ୍ଟା ଫୋନରେ କଥା ହୋଇଥିଲେ ଓ ଏହା ମୁଖ୍ୟତ ବାଣିଜ୍ୟ ଉପରେ ଥିଲା ବୋଲି ହ୍ୱାଇଟ୍ ହାଉସ୍ ସଚିବ କାରୋଲିନ୍ ଲିଭଟ୍ କହିଛନ୍ତି । ସେପଟେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ କରିବା ପାଇଁ ଆମେ ବଦ୍ଧପରିକର ବୋଲି ଚୀନ ତରଫରୁ କୁହାଯାଇଛି ।

## ସିନେଟରେ ବୁର୍ଖା ପିନ୍ଧି ଅଷ୍ଟ୍ରେଲିଆ ସାଂସଦ ନିଲମ୍ବିତ



ମେଲବୋର୍ଣ୍ଣ, ୨୫ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ସଂସଦର ଉପର ଗୃହ ସିନେଟରେ ଏକ ଅଭାବନୀୟ ଘଟଣା ଘଟିଛି । ଦକ୍ଷିଣପନ୍ଥୀ ସାଂସଦ ପାଓଲିନ ହାନସନ ସିନେଟକୁ ବୁର୍ଖା ପିନ୍ଧି ଆସିବାରୁ ତାଙ୍କୁ ୭ ଦିନ ପାଇଁ ନୀଲମ୍ବିତ କରାଯାଇଛି । ସେ ବୁର୍ଖା ପିନ୍ଧି ଆସିବାରୁ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଏହା ମୁସଲିମ୍ ସମ୍ପ୍ରଦାୟର ଅପମାନ ବୋଲି କେତେକ ସାଂସଦ କହିଥିଲେ । ପୂର୍ବରୁ ହାନସନ ସଂସଦରେ ବୁର୍ଖା ଓ ଚେହରାକୁ ଘୋଡାଉଥିବା ପୋଷାକକୁ ନିଷିଦ୍ଧ କରିବା ପାଇଁ ପ୍ରସ୍ତାବ ଆଣିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କୁ ଏଥିପାଇଁ ଅନୁମତି ମିଳି ନଥିଲା । ଏହାପରେ ସେ ବିରୋଧ କରିବାକୁ ପାଇଁ ବୁର୍ଖା ପିନ୍ଧି ସଂସଦକୁ ଆସିଥିଲେ । ମୁସଲିମ ସାଂସଦମାନେ ହାନ୍‌ସନଙ୍କ ଉପରେ ଧାର୍ମିକ ଭେଦଭାବ ଓ ବର୍ଣ୍ଣବୈଷମ୍ୟର ଆକ୍ଷେପ ଆଣିଛନ୍ତି । ଅଷ୍ଟ୍ରେଲିଆ ବିଦେଶ ମନ୍ତ୍ରୀ ପେନି ୟଙ୍ଗ ହାନ୍‌ସନଙ୍କୁ ଏଥିପାଇଁ ସମାଲୋଚନା କରିଛନ୍ତି ଓ ଅଷ୍ଟ୍ରେଲିଆରେ ରହୁଥିବା ପାଖାପାଖି ୧୦ ଲକ୍ଷ ମୁସଲମାନଙ୍କ ଅପମାନ କରିଛନ୍ତି ବୋଲି ସେ କହିଛନ୍ତି । ପୂର୍ବରୁ ମଧ ହାନସନ ୨୦୧୭ରେ ସଂସଦରେ ବୁର୍ଖା ପିନ୍ଧି ଆସିଥିଲେ ଓ ଦେଶ ବ୍ୟାପୀ ବୁର୍ଖା ନିଷିଦ୍ଧ କରିବାକୁ ଦାବିକରିଥିଲେ ।

## ଭାରତୀୟ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ଖଣ୍ଡନ କଲା ଚୀନ୍



ବେଜିଂ, ୨୫ ।୧୧(ଏଜେନ୍ସି): ସାଂଘାଇ ବିମାନ ବନ୍ଦରରେ ଅରୁଣାଚଳ ପ୍ରଦେଶରେ ଜନ୍ମିତ ଭାରତୀୟ ମହିଳା ପେମ୍ ୱାଙ୍ଗଜାମ୍ ଥାଙ୍ଗଡ଼ୋକ୍‌ଙ୍କ ସହ ଦୁର୍ବ୍ୟବହାର ଅଭିଯୋଗକୁ ଚୀନ ଅନୁଷ୍ଠାନିକ ଭାବେ ଖଣ୍ଡନ କରିଛି । ଏ ସଂକ୍ରାନ୍ତରେ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ ସ୍ପଷ୍ଟୀକରଣ ଦେଇଛନ୍ତି । ପେମ୍‌ଙ୍କ କୌଣସି ପ୍ରକାର ଜବରଦସ୍ତି, ଅଟକ କିମ୍ବା ସମସ୍ୟାରେ ପକାଇବା ଭଳି ବ୍ୟବହାର କରାଯାଇନାହିଁ । ଏୟାରଲାଇନ୍ସ ତାଙ୍କୁ ବିଶ୍ରାମର କରିବା ପାଇଁ ସୁବିଧା, ଖାଦ୍ୟ ଓ ପାଣିର ସୁବିଧା ପ୍ରଦାନ କରିଥିଲା ବୋଲି ସେ କହିଛନ୍ତି । ବ୍ରିଟେନରେ ରହୁଥିବା ପେମ୍ ଅଭିଯୋଗ କରିଥିଲେ ଯେ, ଚୀନ୍ ଅଧିକାରୀମାନେ ଭାରତୀୟ ପାସ୍‌ପୋର୍ଟ ଅବୈଧ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା । ସେ ନଭେମ୍ବର ୨୧ରେ ଲଣ୍ଡନରୁ ଜାପାନ ଯାଉଥିଲେ । ସାଂଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା । ଏହି ଅବସରରେ ତାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରାଯାଇଥିଲା । ତାଙ୍କ ପାସ୍‌ପୋର୍ଟ ଜବତ କରାଯିବ ସହ ବିମାନରେ ଚଢ଼ିବାକୁ ଦିଆଯାଇ ନଥିଲା । ଭାରତୀୟ ଦୂତାବାସର ସହାୟତାରେ ସେ ବାହାରକୁ ଯିବା ପାଇଁ ସକ୍ଷମ ହୋଇଥିଲେ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶକୁ ଚୀନ ନିଜର ଅଂଶ ବୋଲି ଦାବି କରିଆସୁଛି । ଏଥିପାଇଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି କୁହାଯାଇଛି । କିନ୍ତୁ ଚୀନ୍ ତରଫରୁ ପେମ୍‌ଙ୍କ ସବୁ ଅଭିଯୋଗକୁ ଅସ୍ୱୀକାର କରାଯାଇଛି ।

### ଏସ୍‌ଆଇଆର୍ ନେଇ ନିର୍ବାଚନ କମିଶନକୁ ମମତାଙ୍କ ସମାଲୋଚନା

# 'ନିର୍ବାଚନ କମିଶନ ଏବେ ବିଜେପି କମିଶନ'



କୋଲକାତା, ୨୫ ।୧୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ଦେଶର ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି । କମିଶନ ଆଉ ପୂର୍ବପରି ନିରପେକ୍ଷ ହୋଇ ରହିନାହିଁ । ଏହା ଏବେ ବିଜେପି କମିଶନରେ ପରିଣତ ହୋଇଛି । ଯଦି ପଶ୍ଚିମବଙ୍ଗରେ କମିଶନଙ୍କୁ ଜବାବ ଦିଆଯାଏ, ତେବେ ସାରା ଦେଶରେ ବିଜେପିର ମୂଳଦୂଆ ଦୋହଲିଯିବ ବୋଲି ବୋନାଗାଁଓରେ ଆଣ୍ଟି-ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ରାଲିଙ୍କୁ ସମ୍ବୋଧନ କରିବାବେଳେ ସେ ଏହିକଥା କହିଛନ୍ତି । ଯଦି ରାଜ୍ୟରେ ମୋତୁଆ ବହୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ନାଗରିକତା ସଂଶୋଧନ ଅଧିନିୟମ ଅନୁସାରେ (ସିଏଏ) ବିଦେଶୀ ତଥା ଅନୁପ୍ରବେଶକାରୀ ବୋଲି ଘୋଷିତ କରାଯାଏ ତେବେ, ସେମାନଙ୍କୁ ତରୁନ୍ତ ଭୋଟର ତାଲିକାରୁ ହଟାଇ ଦିଆଯିବ । ଖାସ୍‌କରି ବିଜେପି ଶାସିତ ରାଜ୍ୟରେ ଏସ୍‌ଆଇଆର କାହିଁକି ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଏସ୍‌ଆଇଆର ଲାଗୁ କରାଯାଉଛି, ତେବେ ବିଜେପି ଶାସିତ ରାଜ୍ୟରେ ଅନୁପ୍ରବେଶକାରୀ ଅଛନ୍ତି ବୋଲି ସ୍ପଷ୍ଟ ହେଉଛି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀ ସମସ୍ୟା ସୃଷ୍ଟି କରିଛି ତେବେ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ କାହିଁକି ଏସ୍‌ଆଇଆର୍ ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ୨୦୨୪ରେ ଏହି ଭୋଟର ତାଲିକା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୋଟ ମିଳିଥିଲା । ଯଦି ଏହି ତାଲିକାରୁ ଜଣକ ନାମ ହଟାଇ ଦିଆଯାଏ, ତେବେ କେନ୍ଦ୍ର ସରକାରଙ୍କୁ ମଧ ହଟାଯିବା ଉଚିତ୍ ହେବ । ଯେପର୍ଯ୍ୟନ୍ତ ମୁଁ ଅଛି ସେପର୍ଯ୍ୟନ୍ତ କାହାକୁ ତାଲିକାରୁ ବାଦ୍ ପଡ଼ିବାକୁ ଦେବିନି ବୋଲି ମମତା ସ୍ପଷ୍ଟ କରିଛନ୍ତି । ଏସ୍‌ଆଇଆର୍ ହିଁ ବିହାର ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି । କିନ୍ତୁ ବିରୋଧୀ ଦଳ ବିଜେପିର ଏହି ରଣନୀତିକୁ ବୁଝିବାରେ ବିଫଳ ହୋଇଛି । ଯଦି ପଶ୍ଚିମବଙ୍ଗରେ ବିଜେପି ମତେ କ୍ଷତି ପହଞ୍ଚାଏ, ତେବେ ସାରା ଦେଶରେ ବିଜେପିର ନିଅଁ ଦୋହଲାଇ ଦେବି ବୋଲି ସେ କହିଛନ୍ତି । ରାଜନୀତିରେ ବିଜେପି ମୋତେ ହରାଇ ପାରିବ ନାହିଁ ଓ ଚ୍ୟାଲେଞ୍ଜ ମଧ ଦେଇପାରିବ ନାହିଁ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ୨୮ ରୁ ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ଏସ୍‌ଆଇଆର ଜାରି ରହିଛି ଓ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି । ଏସ୍‌ଆଇଆର ପ୍ରକ୍ରିୟାରେ ଦାୟିତ୍ୱ ସମ୍ପାଦନ କରୁଥିବା କେତେଜଣ ବ୍ଲକ ଲିଭେଲ ଅଫିସର (ବିଏଲ୍‌ଓ)ଙ୍କୁ ମୃତ୍ୟୁକୁ ନେଇ ଚର୍ଚ୍ଚା ମଧ ଜାରି ରହିଛି ।

## ସୁପ୍ରିମକୋର୍ଟରେ ତାମିଲନାଡୁର ୬ଷ୍ଠ ଆବେଦନ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ନଭେମ୍ବର ୪ରୁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ପ୍ରକ୍ରିୟା ଜାରି ରହିଛି । ତାମିଲନାଡୁରେ ମଧ ଏହା ଚାଲୁ ରହିଛି । ଏବେ ଏସ୍‌ଆଇଆରକୁ ଆଉ ଜଣେ ରାଜନେତା ଓ ପାର୍ଟି ବିରୋଧ କରିଛନ୍ତି । ସେ ହେଉଛନ୍ତି ମରୁମଲାର୍ଚି ଦ୍ରବିଡ ମୁନେତ୍ରା କାଜଘମ (ଏମ୍‌ଡିଏମ୍‌କେ) ପାର୍ଟି ମୁଖ୍ୟ ଭାଇକୋ । ଏବେ ଭାଇକୋ ଏସ୍‌ଆଇଆର ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଏସ୍‌ଆଇଆର ରାଜ୍ୟରେ ଏକାଧିକ ନିୟମ ଓ ଲୋକଙ୍କ ମୂଳ ଅଧିକାରର ଉଲ୍ଲଂଘନ କରିବ ବୋଲି ସେ କହିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନଙ୍କଠାରୁ ଜବାବା ମାଗିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨ରେ ହେବ । ଭାଇକୋଙ୍କୁ ବାଦ୍ ଦେଲେ ଡିଏମ୍‌କେ, ସିପିଆ(ଏମ୍), ଅଭିନେତା ବିଜୟଙ୍କ ପାର୍ଟି ଟିଭିକେ ଓ କେତେଜଣ ସାଂସଦ ଓ ବିଧାୟକ ଏସ୍‌ଆଇଆର୍ ପ୍ରକ୍ରିୟାକୁ ବିରୋଧ କରିଛନ୍ତି ।

## ସେନା ଅଧିକାରୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ସେନାର ଜଣେ ପୂର୍ବତନ ଖ୍ରୀଷ୍ଟିଆନ ଅଫିସରଙ୍କ ଆବେଦନକୁ ଖାରଜ କରିଛନ୍ତି । ତାଙ୍କ ସେନାରୁ ବରଖାସ୍ତ କରାଯାଇଥିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ତାଙ୍କୁ ଏବେ ନିରାଶ ହେବାକୁ ପଡ଼ିଛି । ନିୟୋଜିତ ହୋଇଥିବା

**■ ଖ୍ରୀଷ୍ଟିଆନ ହୋଇଥିବାରୁ ଗୁରୁଦ୍ୱାରକୁ ଯିବାକୁ ମନା କରିଥିଲେ**

ସ୍ଥାନରେ ଏହି ଅଧିକାରୀ ଜଣକ ଧାର୍ମିକ ଗତିବିଧରେ ଅଂଶଗ୍ରହଣ କରିବାକୁ ସିଧା ମନା କରିଥିଲେ । ଏହାପରେ ସେନା ତାଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ମୁଖ୍ୟ ବିଚରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ଏହି ଅଧିକାରୀଙ୍କୁ ଭର୍ତ୍ସନା କରିଥିଲେ । ସେନାରେ କାର୍ଯ୍ୟ କରିବା ପାଇଁ ଆପଣ ଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ ଓ ହାଇକୋର୍ଟଙ୍କ ରାୟକୁ ବଜାୟ ରଖିଥିଲେ । ଅଧିକାରୀଙ୍କ ଏହି ଆଚରଣ ଗମ୍ଭୀର ଅନୁଶାସନହୀନତାର ପରିଚୟ ଦେଉଛି ବୋଲି କୋର୍ଟ କହିଥିଲେ । ସେନା ଭଳି ସଂସ୍ଥାରେ ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ ।

ଏହି ମମାଲ ୨୦୧୭ରେ ଘଟିଥିଲା । ଅଧିକାରୀ ସାମୁଏଲ କମଲେସନ ତୃତୀୟ କାଭାଲରୀ ରେଜିମେଣ୍ଟରେ ଲେଫ୍ଟନାଣ୍ଟ ଭାବେ ଦାୟିତ୍ୱରେ ଥିଲେ । ତାଙ୍କ ୟୁନିଟ୍‌ରେ ଏକନ ମନ୍ଦିର ଓ ଗୁରୁଦ୍ୱାର ଥିଲା ଓ ଏଠାରେ ପ୍ରତି ସପ୍ତାହରେ ଧାର୍ମିକ ପରେଡ ହେଉଥିଲା । କିନ୍ତୁ ଖ୍ରୀଷ୍ଟିଆନ ଧର୍ମାଲମ୍ବୀ ହୋଇଥିବାରୁ ସେ ଭିତର ମନ୍ଦିର ଭିତରକୁ ଯିବାକୁ ମନା କରିଥିଲେ । ଆମ ଧର୍ମରେ ଦେବୀ ଦେବତାଙ୍କୁ ପୂଜା କରିବା ମନା ବୋଲି ସେ କହିଥିଲେ । ଫଳରେ ତାଙ୍କୁ ବରଖାସ୍ତ କରାଯାଇଥିଲା । ଗୁରୁଦ୍ୱାରା ଏକ ଧର୍ମନିରପେକ୍ଷ ସ୍ଥାନ ହୋଇଥିବାରୁ ଏଭଳି ଆଚରଣ ଠିକ୍ ନୁହେଁ ବୋଲି କୋର୍ଟ କହିଥିଲେ । ଶେଷରେ ସାମୁଏଲଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ହୋଇଛି ।

## କାନାଡ଼ାରେ ତ୍ରିରଙ୍ଗାର ଅପମାନ କଲେ ଖଲିସ୍ଥାନୀ ଆତଙ୍କବାଦୀ



ଅଟାୱା, ୨୫ ।୧୧(ଏଜେନ୍ସି): କାନାଡ଼ାର ଅଟାୱା ସହରରେ ରିବିବାର ଖଲିସ୍ତାନୀ ଆତଙ୍କବାଦୀମାନେ ଜନମତ ସଂଗ୍ରହ କରିବା ଅବସରରେ ଭାରତୀୟ ପତାକା ତ୍ରିରଙ୍ଗାର ଅପମାନ କରିଥିଲେ । ଏମାନେ ଭାରତ ପ୍ରଧାନମନ୍ତ୍ରୀ ଓ ଅଧିକାରୀଙ୍କୁ ମାରିଦିଅ ବୋଲି ସ୍ଲୋଗାନ ଦେଇଥିଲେ । ଏହି ଆତଙ୍କବାଦୀମାନେ ଏକ ଅନୌପଚାରିକ ତଥା ବେଆଇନ୍ ବେଟିଂରେ ଅଂଶଗ୍ରହଣ କରିଥିଲେ ଓ ଏହାକୁ 'ଖଲିସ୍ଥାନ ରେଫରେଣ୍ଡମ' ବୋଲି କୁହାଯାଇଥିଲା । ଏହି ବେଟିଂ ଜରିଆରେ ସେମାନେ ଏକ ପ୍ରଶ୍ନ ପଚାରିଥିଲେ । ଭାରତଠାରୁ ପଞ୍ଜାବକୁ ଅଲଗା କରି ଏକ ନୂଆ ଦେଶ ଖଲିସ୍ତାନ ଗଠ କରିବା ଆବଶ୍ୟକ କି? ବୋଲି ପ୍ରଶ୍ନ କରିଥିଲେ । ଗଣମାଧମଗୁଡିକ ରିପୋର୍ଟ ଅନୁସାରେ ଏହି ବେଟିଂରେ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ଲୋକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହଳଦିଆ ରଙ୍ଗର ପତାକା ନେଇ ପାଖାପାଖି ଦୁଇ କିମିର ଲାଇନ୍‌ରେ ଠିଆ ହୋଇଥିଲେ । ଜଣାଶୁଣା ଆତଙ୍କବାଦୀ ସଂଗଠନ 'ଶିଖ ଫର ଜଷ୍ଟିସ୍' ଏହାର ଆୟୋଜନ କରିଥିଲା । ଏଥିରେ ଅଣ୍ଟାରିଓ, ଆଲବର୍ଟା, ବ୍ରିଟିଶ କଲମ୍ବିଆ ଓ କ୍ୟୁବେକ ରାଜ୍ୟରୁ ୫୩ ହଜାରରୁ ଅଧିକ ଖଲିସ୍ତାନୀ ସମର୍ଥକ ଭୋଟ ଦେବାକୁ ଆସିଥିଲେ ବୋଲି ଆୟୋଜକ କହିଛନ୍ତି । ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ପରସ୍ପରକୁ ଭେଟିଥିଲେ । ଏହାକୁ ନେଇ ମଧ ଶିଖ୍ ଫର୍ ଜଷ୍ଟିସ ପ୍ରଶ୍ନ ଉଠାଇଛି ।

## ଗାୟକ ଜୁବିନଙ୍କୁ ହତ୍ୟା କରାଯାଇଛି: ହିମନ୍ତ

ଗୌହାଟୀ୨୫ ।୧୧(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଙ୍ଗଳବାର ବିଧାନସଭାରେ ଚକିତ କଲା ଭଳି ଏକ ମନ୍ତବ୍ୟ ଦେଇଛନ୍ତି । ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ଏକ ଦୁର୍ଘଟଣା ନଥିଲା । ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି । ଏହା କୌଣସି ବିନା ଉଦ୍ଦ୍ୟେଶରେ ହତ୍ୟା କିମ୍ବା ଆପରାଧିକ ଷଡଯନ୍ତ୍ର ନୁହେଁ, ଏହା ସ୍ପଷ୍ଟ ଭାବେ ଏକ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି । ଜଣେ ଅଭିଯୁକ୍ତ ଜୁବିନଙ୍କୁ ଜୀବନ ନେଇଛନ୍ତି ଓ ବାକି ଅଭିଯୁକ୍ତମାନେ ତାଙ୍କୁ ସହଯୋଗ କରିଛନ୍ତି ବୋଲି ସେ କହିଛନ୍ତି ।

ଆସାମ ବିଧାନସଭାରେ ବିରୋଧୀ ଦଳଗୁଡିକ ଜୁବିନଙ୍କ ମୃତ୍ୟୁ ଉପରେ ଆଲୋଚନା ପାଇଁ ଏକ ମୁଲତବୀ ପସ୍ତାବ ଆଣିଥିଲେ । ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ହିଁ ହିମନ୍ତ ଏହାର ଜବାବ ଦେଇଛନ୍ତି । ଆସାମ ପୁଲିସର ସିଆଇଡି ଅଧିନରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏପର୍ଯ୍ୟନ୍ତ ଏହି ମାମଲାରେ ୭ ଜଣଙ୍କୁ ଗିରଫ କରିଛି, ୨୫୨ ଜଣଙ୍କୁ ପଚରାଉଚରା କରିଛି ଓ ୨୯ଟି ସାମଗ୍ରୀ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୪-୫ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି । ଉଲ୍ଲେଖ ଥାଉକି, ୫୨ ବର୍ଷୀୟ ଗାୟକ ତଥା ମ୍ୟୁଜିସିଆନ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସମୁଦ୍ରରେ ସ୍କୁବା ଡାଇଭିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିଲେ । ସେ ନର୍ଥଇଷ୍ଟ ଇଣ୍ଡିଆ ସମାରୋହରେ ଯୋଗ ଦେବାକୁ ଯାଇଥିଲେ । ତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ୬୦ରୁ ଅଧିକ ଏଫ୍‌ଆଇଆର ଦାଏର କରାଯାଇଥିଲା । ଜୁବିନ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିଅରରେ ୪୦ଟି ଭାଷାରେ ପାଖାପାଖି ୩୮ ହଜାର ଗୀତ ଗାଇଛନ୍ତି । ସେ ଏକାଧରରେ ଜଣେ ଗାୟକ, ସଙ୍ଗୀତକାର, ଅଭିନେତା ଓ ନିର୍ଦ୍ଦେଶକ ଥିଲେ ।

## ଇଞ୍ଜିନିୟରଙ୍କଠାରୁ ୪୮ ଲକ୍ଷ ଠକି ନେଲେ ଆୟୁର୍ବେଦ ଦୋକାନୀ

ବେଙ୍ଗାଲୁରୁ, ୨୫ ।୧୧(ଏଜେନ୍ସି): ବେଙ୍ଗାଲୁରୁରେ ୨୯ ବର୍ଷୀୟ ଜଣେ ସଫ୍ଟଓୟାର ଇଞ୍ଜିନିୟର ୪୮ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ଏ ନେଇ ଇଞ୍ଜିନିୟର ଜଣକ ଜ୍ଞାନଭାରତୀ ଥାନାରେ ଏଫ୍‌ଆଇଆର୍ ଦାଏର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା । ସେ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ପାଇଁ ସେ ରାସ୍ତା କଡ଼ରେ ଲଗାଯାଇଥିବା ଏକ ଆୟୁର୍ବେଦ ତମ୍ବୁକୁ ଯାଇଥିଲେ । ସେଠାରେ ସେ ବିଜୟ ଗୁରୁଜୀ ବୋଲି ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ତାଙ୍କ ପରାମର୍ଶ ଅନୁସାରେ ସେ ଏକାଧିକ ଔଷଧ ତଥା ଜିନିଷ କ୍ରୟ କରିଥିଲେ । ଏଥିରେ ୧୮ ଗ୍ରାମ୍‌ର ଔଷଧ ୨୦ ଲକ୍ଷ ଟଙ୍କାରେ ଓ ୧୭ ଲକ୍ଷ ଟଙ୍କାର ତେଲ ଓ ଅନ୍ୟାନ୍ୟ ଜନିଷ କିଣିଥିଲେ । କିନ୍ତୁ ଏହି ଔଷଧ ସେବନ କରିବା ପରେ ମଧ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସି ନଥିଲା । ପୀଡିତ ମେଡିକାଲ ପରୀକ୍ଷା କରାଇଥିଲେ ଓ ତାଙ୍କ କିଡ୍‌ନୀ ଖରାପ ଥିବା ଜାଣିବାକୁ ପାଇଥିଲେ । ୨୦୨୩ରେ ସେ ବିବାହ କରିଥିଲେ । କିନ୍ତୁ ବିବାହ ପରେ କିଛିମାସ ପରେ ତାଙ୍କର ଯୌନ ସମସ୍ୟା ଦେଖାଯାଇଥିଲା । ଫଳରେ ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଆୟୁର୍ବେଦ ଡାକ୍ତର ବିଜୟଙ୍କ ସହ ପରିଚିତ ହୋଇଥିଲେ । ଔଷଧ କିଣିବା ପାଇଁ ସେ ୨୦ ଲକ୍ଷ ଟଙ୍କା ଉଦ୍ଧାର କରିଥିଲେ । ଔଷଧ କାମ ନ କରିବାରୁ ବିଜୟ ତାଙ୍କୁ ଆହୁରି ଅଧିକ ଔଷଧ କଣିବାକୁ କହିଥିଲେ ।



# ଅଯୋଧ୍ୟା ରାମ ମନ୍ଦିରରେ ଉଡ଼ିଲା ଧର୍ମଧ୍ୱଜା

ଅଯୋଧ୍ୟା, ୨୫ ।୧୧(ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିର ଆଜି ସମ୍ପୂର୍ଣ୍ଣ ହୋଇଛି । ପ୍ରାଣ ପ୍ରତିଷ୍ଠାର ୬୭୩ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ମନ୍ଦିର ଶିଖରରେ ଧ୍ୱଜାରୋହଣ କରିଥିଲେ । ସକାଳ ୧୧.୫୦ରେ ଶୁଭ ମୁହୂର୍ତ୍ତରେ ବଟନ ଦବାଇ ପରେ ୨ କେଜି ଓଜନର ନାରଙ୍ଗି ଧ୍ୱଜା ୧୬୧ ଫୁଟ ଉଚ୍ଚରେ ଥିବା ଶିଖରରେ ଉଡିଥିଲା । ଏହି ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ । ରାମଲାଲା ସୁନା ଓ ରେଶମ ସୂତ୍ରରେ କାରୁକାର୍ଯ୍ୟ ହୋଇଥିବା ଏକ ହଳଦିଆ ବସ୍ତ୍ର ପରିଧାନ କରିଥିଲେ । ଆଜି ଯୁଗ ଯୁଗର ଅକାଂକ୍ଷା ପୂରଣ ହୋଇଛି ଓ କ୍ଷତ ଭରିଛି ବୋଲି ମୋଦୀ କହିଥିଲେ । ଦେଶକୁ ପରାଧିନତାର ମାନସିକତାରୁ ମୁକ୍ତି କରିବାକୁ ଆମେ ବଦ୍ଧପରିକର । ଏହି ମାନସିକତା ଏତେ ପରିମାଣ ପ୍ରଭାବିତ କରିଥିଲା ଯେ, ଲୋକେ ବର୍ଷବର୍ଷ ଧରି ଭଗବାନ ରାମଙ୍କୁ କାଳ୍ପନିକ ବୋଲି କହିବାକୁ ପଛାଇ ନଥିଲେ ବୋଲି ସେ କହିଥିଲେ । ମୋଦୀ ନିଜର ୩୨ ମିନିଟର ଭାଷଣ 'ସିୟାବର ରାମଚନ୍ଦ୍ର କି ଜୟ'ରେ ସମ୍ବୋଧନ କରି ଆରମ୍ଭ କରିଥିଲେ । ରାମ ମନ୍ଦିର ଆନ୍ଦୋଳନରେ ଯୋଦ୍ଧାମାନେ ପ୍ରାଣ ବିସର୍ଜନ ଦେଇଥିଲେ, ଆଜି ସେମାନଙ୍କ ଆତ୍ମା ତୃପ୍ତ ହୋଇଥିବ ବୋଲି ଭାଗବତ କହିଥିଲେ । ସେହିପରି ପୀଢ଼ି ପୀଢ଼ି ଲୋକଙ୍କର ଆଶା ଆଜି ପୂରଣ ହୋଇଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ ।

ଧ୍ୱଜାରୋହଣ ପୂର୍ବରୁ ମୋଦୀ ଓ ଭାଗବତ ସାଥି ହୋଇ ମନ୍ଦିର ପ୍ରଥମ ମହଲାରେ ନିର୍ମିତ ରାମ ଦରବାରରେ ପୂଜା ଓ ଆଳତୀ କରିଥିଲେ । ଏହାପରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ । ମୋଦୀ ରାମଲାଲାଙ୍କ ପାଇଁ ବସ୍ତ୍ର ଓ ପଙ୍ଖା ନେଇ ପହଞ୍ଚିଥିଲେ । ମୋଦୀ ସାକେତ କଲେଜରୁ ରାମ ଜନ୍ମଭୂମି ପର୍ଯ୍ୟନ୍ତ ଦେଢ଼ କିମି ଲମ୍ବ ରୋଡ ଶୋର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀ ରୋଡ୍ ଶୋରେ ଗାଡିଗୁଡିକ ଉପରେ ପୁଷ୍ପ ବୃଷ୍ଟି କରିଥିଲେ । ସ୍ଥାନେ ସ୍ଥାନେ ମହିଳାମାନେ ମଧ ତାଙ୍କର ସ୍ୱାଗତ କରିଥିଲେ । ଧ୍ୱଜାରୋହଣ ସମାରୋହରେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଓ ଅନ୍ୟ ସେଲିବ୍ରିଟିମାନେ ଆସିବେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ କେହି ଆସି ନଥିଲେ । ଦେଶର ୪ ଜଣ ଶଙ୍କରାଚାର୍ଯ୍ୟଙ୍କୁ ବାଦ୍ ଦେଲେ ବିଭିନ୍ନ ମଠର ସାଧୁ-ସନ୍ଥ ଏହି ଅବସରରେ ମନ୍ଦିର ପରିସରରେ ଉପସ୍ଥିତ ଥିଲେ । ସମ୍ପୂର୍ଣ୍ଣ ଅଯୋଧ ସହରକୁ ୧୦୦୦ କ୍ୟୁଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥା କଡ଼ା କଡ଼ି କରାଯାଇଥିଲା । ମନ୍ଦିରରେ ପଞ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଟିଏସ୍, ଏନ୍‌ଏସ୍‌ଜି, ଏସ୍‌ପିଜି, ସିଆରପିଏଫ୍ ଓ ପିଏସି ଯବାନଙ୍କୁ ନିୟୋଜିତ କରାଯାଇଥିଲା ।

## ଆଫଗାନିସ୍ତାନରେ ଅଧରାତିରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍

ଇସ୍‌ଲାମାବାଦ୍, ୨୫ ।୧୧(ଏଜେନ୍ସି): ପାକିସ୍ତାନ ସୋମବାର ଅଧରାତିରେ ଆଫଗାନିସ୍ତାନର ୩ ରାଜ୍ୟ ଖୋସ୍ତ, କୁନାର ଓ ପକ୍ତିକାରେ ଆକାଶମାର୍ଗରୁ ଆକ୍ରମଣ କରିଛି । ଖୋସ୍ତ ଉପରେ ହୋଇଥିବା ଆକ୍ରମଣରେ ୧୦ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୯ ଜଣ ଛୋଟ ପିଲା ଓ ଜଣେ ମହିଳା ସାମିଲ ଅଛନ୍ତି । ଖୋସ୍ତ ରାଜ୍ୟର ମୁଗଲଗଇ ଅଞ୍ଚଳରେ ରାତି ୧୨ଟାରେ ପାକିସ୍ତାନ ବିମାନଗୁଡିକ ଏକ ଘର ଉପରେ ବୋମା ମାଡ଼ କରିଥିଲେ ବୋଲି ତାଲିମାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି । ଏହି ଆକ୍ରମଣରେ ୫ ପୁଅ, ୪ ଝିଅ ପିଲା ଓ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେହିପରି କୁନାର ଓ ପ୍ରକ୍ତିକାରେ ହୋଇଥିବା ଆକ୍ରମଣରେ ୪ ଜଣ ନାଗରିକ ଆହତ ହୋଇଛନ୍ତି । ପାକିସ୍ତାନ ଏହି ଆକ୍ରମଣ କରି ଇସ୍ତାନବୁଲ ହୋଇଥିବ ଅସ୍ତ୍ରବିରତି ଚୁକ୍ତିର ଉଲ୍ଲଂଘନ କରିଛି ବୋଲି ଆଫଗାନିସ୍ତାନ କହିଛି । ଏହି ଘଟଣା ନେଇ ପାକିସ୍ତାନ ସେନା ଓ ବିଦେଶ ମନ୍ତ୍ରଣାଳୟ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ । ଅନ୍ୟପଟେ ପାକିସ୍ତାନ ମଧ ଆତଙ୍କବାଦୀ ଆକ୍ରମଣର ଶିକାର ହେଉଛି । ଦୁଇଦିନ ତଳେ ପେଶାୱାର ସହରରେ ଫ୍ରଣ୍ଟିୟର କନଷ୍ଟେବୁଲରୀ ମୁଖ୍ୟ କାର୍ଯ୍ୟଳୟ ଉପରେ ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ଓ ଏଥିରେ ୩ କମାଣ୍ଡୋ ମୃତ୍ୟୁବରଣ କରିଥିବା ବେଳେ ୩ ଆକ୍ରମଣକାରୀ ମଧ ନିହତ ହୋଇଥିଲେ । ପାକିସ୍ତାନ ଗତମାସରେ ମଧ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ବୋମା ମାଡ଼ କରିଥିଲା । ପୂର୍ବରୁ ମଧ ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା ।




# ରାଜପଥରେ ଗଡ଼ିଲା ୩ ମୁଣ୍ଡ

ବଲାଙ୍ଗିର,୨୫।୧୧(ସମିସ): ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁଢ଼ିପଦରରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଞ୍ଚଳର ସୂରଜ କାମିଲା, ତାଙ୍କ ସଢ଼ୁ ଝସକେତନ ବରିହା ଏବଂ ଲୋଇସିଂହାର ଚନ୍ଦ୍ରଶେଖର ଲୁହାର। ତାମିଲନାଡୁରେ କାମ କରୁଥିବା ସୂରଜଙ୍କ ପରିବାରଲୋକ ତାଙ୍କ ଫେରିବା ବାଟକୁ ଚାହିଁ ବସିଥିବା ବେଳେ ଶେଷରେ ସେ ନିଜ ସଢ଼ୁଙ୍କ ସହ ସାଥି ହୋଇ ଆରପାରିକୁ ଚାଲିଯାଇଛନ୍ତି। ସେହିପରି ତାଙ୍କ ସହ ଧକ୍କା ହୋଇଥିବା ଅନ୍ୟ ବାଇକ୍ ଆରୋହୀ ଚନ୍ଦ୍ରଶେଖର ମଧ୍ୟ ଘରକୁ ଫେରୁଥିବା ବେଳେ ଶବ ହୋଇ ଫେରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

ସୂରଜ ତାମିଲନାଡୁରେ କାମ କରୁଥିଲେ। ସେ ସୋମବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ତାଙ୍କୁ ନେବା ପାଇଁ ତାଙ୍କ ସଢ଼ୁ ଝସକେତନ ବାଇକ୍‌ରେ ଯାଇଥିଲେ। ଖୁସି ମନରେ ଉଭୟ ଘରକୁ ଫେରୁଥିଲେ। ବୁଢ଼ିପଦର ପଞ୍ଚାୟତ ଅଫିସ ନିକଟରେ ଦୁର୍ଘଟଣା ଘଟିଥିଲା। ରୁଗୁଡିଖାଲ ପଟୁ ବାଇକରେ ଆସୁଥିବା ଲୋଇସିଂହାର ଚନ୍ଦ୍ରଶେଖରଙ୍କ ବାଇକ୍ ସହ ଏମାନଙ୍କ ଧକ୍କା ହୋଇଥିଲା। ଉଭୟ ବାଇକ ଏତେ ଜୋରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଯେ ଘଟଣାସ୍ଥଳରେ ହିଁ ତିନିଜଣଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ଘଟଣା ବିଷୟରେ ସ୍ଥାନୀୟ ଲୋକେ ଖବର ପାଇବା ପରେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କ ମୃତଦେହକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ସରିବା ପରେ ମୃତଦେହକୁ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ କିଂବଦନ୍ତୀ ସିନେକଳାକାର ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି

# ପ୍ରେମ ପାଇଁ ‘ନିର୍ଯାତନା’ ନାଟକ

## ଆମେରିକାରୁ ଫେରିଲେ ବାଲେଶ୍ୱର ଝିଅ ପୂଜା

ବାଲେଶ୍ୱର,୨୫।୧୧(ସମିସ): ପୌଷ୍ୟ କନ୍ୟା ଭାବେ ଆମେରିକା ଯାଇଥିବା ଓଡ଼ିଆ ଝିଅ ପୂଜା ବାଲେଶ୍ୱର ଫେରି ଆସିଛନ୍ତି। ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିବା ଦମ୍ପତି ପୂଜାଙ୍କୁ ଆମେରିକା ନେଇ ନିର୍ଯାତନା ଦେଉଥିବାରୁ ସେଠାରୁ ତାଙ୍କୁ ଉଦ୍ଧାର ପାଇଁ ଏକ ଭିଡିଓ ମାଧ୍ୟମରେ ସେ ଓଡ଼ିଶା ସରକାରଙ୍କୁ ଗୁହାରି କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ପୂଜା ଓଡ଼ିଶା ଫେରି ଆସିଛନ୍ତି। ତାଙ୍କୁ ବାଲେଶ୍ୱର ନାରୀସଂଘରେ ରଖାଯାଇଛି।



**ପୁରୁଷ ବନ୍ଧୁଙ୍କୁ ବାହା ହେବା ପାଇଁ ମିଛ ଭିଡିଓ ବାର୍ତ୍ତା କରିଥିଲେ**

ପୂଜାଙ୍କ କହିବାନୁସାରେ, ଛୋଟ ବେଳେ ଭୁବନେଶ୍ୱରରେ ରହି ପୁରୁଷବନ୍ଧୁ ଅମରଙ୍କ ସହ ପାଠ ପଢୁଥିଲି। ପରିବାର ସହ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ହଜି ଯାଇଥିଲି। ଚାଇଲ୍ଡଲାଇନ ମୋତେ ଉଦ୍ଧାର କରି ଭୁବନେଶ୍ୱର ନହରକଣ୍ଟାସ୍ଥିତ ଏକ କନ୍ୟାଶ୍ରମରେ ରଖିଥିଲା। ସେଠାରୁ ଏକ ଆମେରିକୀୟ ଦମ୍ପତି ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇ ଯାଇଥିଲେ। ଆମେରିକାରେ ପାଖାପାଖି ୭ ବର୍ଷରୁ ଅଧିକ ସମୟ ରହିଥିଲି। ୨୦୨୪ ମସିହାରେ ସୋସିଆଲ ମିଡିଆରେ ତାଙ୍କ ପୁରୁଷବନ୍ଧୁ ଅମରକୁ ଦେଖିବା ପରେ ପୂଜା ତାଙ୍କ ସହ ଯୋଗାଯୋଗ କରିଥିଲେ। ସେଠାରେ ତାଙ୍କୁ ଯେଉଁ ନିର୍ଯାତନା ଦିଆଯାଉଥିବା ଭିଡିଓ ପଠାଇଥିଲେ, ତାହା ସମ୍ପୂର୍ଣ୍ଣ ମିଛ। ପ୍ରକୃତରେ ସେ ଅମରଙ୍କୁ ଭଲ ପାଉଥିଲେ ଏବଂ ତାଙ୍କୁ ବାହା ହୋଇ ତାଙ୍କ ସାଙ୍ଗରେ ଓଡ଼ିଶାରେ ରହିବେ ବୋଲି ପୂଜା କହିଛନ୍ତି।

ଅନ୍ୟପଟେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି କହିଛନ୍ତି ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଅଧ୍ୟକ୍ଷତାରେ ଗୋଟିଏ ଟିମ୍ ଭୁବନେଶ୍ୱର ଯାଇ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ନାରୀ ସଂଘରେ ରଖିଛନ୍ତି। ଅନ୍ୟପଟେ ପୂଜାଙ୍କ ପୁରୁଷ ବନ୍ଧୁଙ୍କ ସହ ଏପର୍ଯ୍ୟନ୍ତ ତାଙ୍କର ଦେଖା ହୋଇନି। ତାଙ୍କ ସହ ଯୋଗାଯୋଗ ଜାରି ରଖାଯାଇଛି। ଜିଲ୍ଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ।

# ଶିମିଳିପାଳରେ ବଢ଼ିଲେ ୫ ବାଘ

## ଗତବର୍ଷ ୨୭, ଏବେ ୩୨

ଭୁବନେଶ୍ୱର,୨୫।୧୧(ସମିସ): ରାଜ୍ୟରେ ବଢୁଛି ମହାବଳଙ୍କ ସଂଖ୍ୟା। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ କେବଳ ଶିମିଳିପାଳରେ ବାଘ ସଂଖ୍ୟା ୨୭ ରହିଥିବା ବେଳେ ଚଳିତ ବର୍ଷ ଏହା ୩୨ରେ ପହଞ୍ଚିଛି ବୋଲି ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି। ପ୍ରତି ୪ ବର୍ଷରେ ଥରେ ସର୍ବଭାରତୀୟ ସ୍ତରରେ ବାଘ ଗଣନା ହୋଇଥାଏ। ଏହାପୂର୍ବରୁ ୨୦୨୨ ମସିହାରେ ବାଘ ଗଣତି ହୋଇଥିଲା। ମାତ୍ର ଓଡ଼ିଶାରେ ଯେଉଁ ନିଜସ୍ୱ ବାଘ ଗଣନା କରାଯାଉଛି, ସେହି ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ରାଜ୍ୟରେ ୨୦ଟି ବାଘ ନଜରକୁ ଆସିଥିଲେ। ୨୦୨୩ରେ ୨୭ଟି ବାଘ ସମେତ ୯ଟି ଶାବକଙ୍କୁ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ବାଘଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଥିବା ବେଳେ ୯ଟି ବାଘ ଶାବକ ରହିଥିବା ଜଣାପଡ଼ିଛି। ପିସିସିଏଫ ଆହୁରି କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ କେବଳ ଶିମିଳିପାଳରେ ବାଘ ଅଛନ୍ତି। ସାତକୋଶିଆରେ ବର୍ତ୍ତମାନ ସମୟରେ କୌଣସି ବାଘ ଦେଖାଯାଇ ନାହିଁ।

ସେହିପରି ରାଜ୍ୟରେ ବର୍ତ୍ତମାନ ୫୦ପ୍ରତିଶତ ସାଧାରଣ ବାଘ ରହିଥିବା ବେଳେ ୫୦ ପ୍ରତିଶତ ମେଲାନିଷ୍ଟିକ ଅର୍ଥାତ କଳା ବାଘ ରହିଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୪ମସିହାରେ ରାଜ୍ୟରେ ୩୦ଟି ମହାବଳ ବାଘ ରହିଥିଲେ। ସେଥିରୁ ୧୪ଟି ବାଘୁଣୀ ଥିଲେ। ୮ଟି ଶାବକ ମଧ୍ୟ ଚିହ୍ନଟ କରାଯାଇଥିଲା। ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ଟି ଶାବକ ଚିହ୍ନଟ କରାଯାଇଥିଲା। ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ବାଘ ଏବଂ ହୀରାକୁଦ ବନଖଣ୍ଡରେ ଗୋଟିଏ ମାତ୍ର ବାଘ ରହିଥିଲେ। ଏହାସହ ରାଜ୍ୟର ଶିମିଳିପାଳରେ କଳା ବାଘ ୪୦ ପ୍ରତିଶତ ରହିଥିଲେ। ଶିମିଳିପାଳ ଡିଭିଜନରେ ୭ଟି କଳା ବାଘୁଣୀ ଓ ୬ଟି ବାଘ ଦେଖାଯାଇଥିଲା। ଚଳିତ ବର୍ଷ ମୟୂରଭଞ୍ଜର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଦୀର୍ଘ ୪୫ ବର୍ଷର ଦାବି ପରେ ଏହା ହୋଇପାରିଛି। ତେଣୁ ଶିମିଳିପାଳରେ ବାଘ ସଂରକ୍ଷଣ କ୍ଷେତ୍ରରେ ଆହୁରି ସୁଦୃଢ଼ ପଦକ୍ଷେପ ନିଆଯାଇପାରିବା ନେଇ ସମ୍ଭାବନା ରହିଛି।

**ବିଦ୍ୟୁତ ବିଲ ପୈଠ ନାଁରେ ଠକେଇ**

# ଚଣ୍ଡୀଗଡ଼ରୁ ୩ ସାଇବର୍ ଠକ ଗିରଫ

ରାଇରଙ୍ଗପୁର/କରଞ୍ଜିଆ,୨୫।୧୧(ସମିସ): ବିଦ୍ୟୁତ୍ ବିଲ ପୈଠ ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୯୯ ହଜାର ଟଙ୍କା ଠକିନେବା ଅଭିଯୋଗରେ ପୁଲିସ ୩ଜଣ ସାଇବର ଠକକୁ ଗିରଫ କରିଛି। ସେମାନେ ହେଲେ, ଚଣ୍ଡୀଗଡ଼ର ମଣିମାଜରା ଥାନା ଅନ୍ତର୍ଗତ ମରାୱାଲା ଗ୍ରାମର ଭନିଷ କୁମାର (୧୯), ଉତ୍ତରାଖଣ୍ଡର କେଲାଖେରା ଜିଲ୍ଲା ଉଧମପୁର୍ ଅଞ୍ଚଳର ରାହି ସାଇଫି ୱାହିଦ (୨୫) ଓ ପଞ୍ଜାବର ମୋହାଲି ବଳାଙ୍ଗି ଥାନା ବରମାଞ୍ଜରେ ଅଞ୍ଚଳର ରୋହିତ ରମା (୨୩)। ଏମାନେ ସମସ୍ତେ ଚଣ୍ଡୀଗଡ଼ରେ ରହି ସାଇବର ଅପରାଧ ଚଳାଇଥିଲେ।



ସୂଚନାନୁଯାୟୀ, ବିଦ୍ୟୁତ୍ ବିଲ୍ ପୈଠ ହୋଇନଥିବା କହି ଠକମାନେ କରଞ୍ଜିଆ ଥାନା ଅନ୍ତର୍ଗତ ୧ନଂ. ୱାର୍ଡ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଫୋନ୍ କରିଥିଲେ। ବିଲ୍ ପଇଠ ନକଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯିବ ବୋଲି ଧମକାଇଥିଲେ। ସେମାନଙ୍କ କହିବା ଅନୁଯାୟୀ ବ୍ୟକ୍ତିଜଣଙ୍କ ନିଜର ଆକାଉଣ୍ଟ ନମ୍ବର ଏବଂ ବ୍ୟାଙ୍କ ତଥ୍ୟ ପ୍ରଦାନ କରିଥିଲେ। କିଛି ସମୟ ପରେ ଠକମାନେ ତାଙ୍କ ଆକାଉଣ୍ଟରୁ ୯୯ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସଂପର୍କରେ ଅଭିଯୋଗ ହେବା ପରେ ସାଇବର୍ ଥାନା ଓ କରଞ୍ଜିଆ ପୁଲିସ ତଦନ୍ତ କରି ଏହାର ଚଣ୍ଡୀଗଡ଼ ଲିଙ୍କ୍ ବାହାର କରିଥିଲା। ପରେ ସେଠାରେ ପୁଲିସ ଚଢ଼ଉ କରି ଠକମାନଙ୍କୁ ଗିରଫ କରିଥିଲେ।

**ଏମିତି ବି ଆସେ ମୃତ୍ୟୁ**

# ନାତି ଶବ ଦେଖି ଆଈର ମୃତ୍ୟୁ

ବଲାଙ୍ଗିର,୨୫।୧୧(ସମିସ): ଏମିତି ବି ମୃତ୍ୟୁ ଆସେ। ରାତି ଅଧରେ ହଠାତ ନାତିର ସ୍ୱାସ୍ଥ୍ୟ ବିଗିଡ଼ିଗଲା। ତାକୁ ନେଇ ପରିବାରଲୋକ ଡାକ୍ତରଖାନା ଗଲେ। ସକାଳେ ଆଈ ନାତିର ସ୍ୱାସ୍ଥ୍ୟ କଥା ପଚାରୁଥିଲେ; କିନ୍ତୁ କିଛି ସମୟରେ ପରେ ୧୮ ବର୍ଷର ନାତିର ମୃତଦେହ ପହଞ୍ଚିଥିଲା। ନାତିକୁ ଏ ଅବସ୍ଥାରେ ଦେଖି ଆଈ ସହିପାରିଲେନି। ହଠାତ ତାଙ୍କ ଦେହ ବିଗିଡ଼ିଗଲା। ସେ ବି ନାତି ସହ ଅଫେରା ରାଇଜର ବାଟୋଇ ହୋଇଗଲେ। ଗୋଟିଏ ଜୁଇରେ ଆଈ ଓ ନାତିଙ୍କ ଶବ ଜଳିଛି। କାହାଣୀ ଭଳି ଲାଗୁଥିବା ଏହି ଏକ ଘଟଣା ବଲାଙ୍ଗିର ଉପକଣ୍ଠ ସଦେଇପାଲିର ବିସ୍ଥାପିତ କଲୋନୀରେ ଘଟିଛି। ମୃତକଦ୍ୱୟ ହେଲେ, ବଲାଙ୍ଗିର ସହର ଉପକଣ୍ଠ ସଦେଇପାଲି ବିସ୍ଥାପିତ କଲୋନୀର ସୁଧୀର ଖୁଆସଙ୍କ ପୁଅ ସୁମନ ଖୁଆସ (୧୮) ଏବଂ ମା’ ସୁନୀତା ଖୁଆସ(୬୫)। ଗୋଟିଏପଟେ ପୁଅର ଶବ ପଡିଥିବା ବେଳେ ଅନ୍ୟପଟେ ବୃଦ୍ଧା ମା’ ଅସୁସ୍ଥ ହୋଇପଡ଼ିବା ସୁଧୀରଙ୍କୁ ଚିନ୍ତାରେ ପକାଇଥିଲା। ଏହାପରେ ପରିବାର ଲୋକେ ତୁରନ୍ତ ସୁନୀତାଙ୍କୁ ନେଇ ଡାକ୍ତରଖାନା ବାହାରିଥିଲେ; କିନ୍ତୁ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏକା ସାଙ୍ଗରେ ଆଈ ନାତିଙ୍କୁ ଗାଁ ଶ୍ମଶାନରେ ଗୋଟିଏ ଜୁଇରେ ଅନ୍ତିମ ସଂସ୍କାର କରାଯାଇଥିଲା।




**ଏକାଠି ଜଳିଲା ଜୁଇ**

# ସାପ କାମୁଡ଼ାରେ ବୃଦ୍ଧ ମୃତ

ମୋରଡ଼ା,୨୫।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମରଦା ଗ୍ରାମର ଦେବେନ୍ଦ୍ର ନାଥ ଜେନା (୫୩) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସୋମବାର ସକାଳେ ସେ ଧାନ କାଟିବାକୁ ବିଲକୁ ଯାଇଥିବା ବେଳେ ଅସାବଧାନତାବଶତଃ ଏକ ସାପ ଉପରେ ତାଙ୍କର ଗୋଡ଼ ପଡ଼ିଯାଇଥିଲା। ଫଳରେ ସାପଟି ତାଙ୍କୁ ଦଂଶନ କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅମରଦା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱରସ୍ଥିତ ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଉଚ୍ଚଶିକ୍ଷାରେ ସୁଧାର ପାଇଁ ରାଜ୍ୟପାଳଙ୍କୁ ପ୍ରସ୍ତାବ

ବାରିପଦା, ୨୫।୧୧(ସମିସ): ସାମ୍‌ସ ମାଧ୍ୟମରେ ୟୁଜି ଓ ପିଜି ଶ୍ରେଣୀରେ ନାମଲେଖା ପ୍ରଣାଳୀ ସମୟବହୁଳ ହୋଇଥିବାରୁ ପ୍ରଥମ ସେମିଷ୍ଟାର୍ ପାଠପଢ଼ା ଠିକ୍ ଭାବେ ହୋଇପାରୁନାହିଁ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ଜନିତ ଅଧିକାର ସଂକୁଚିତ ହୋଇଯାଉଛି। ସିଟ୍ ଫାଙ୍କା ଥିଲେ ମଧ୍ୟ କର୍ତ୍ତୃପକ୍ଷ ଇଚ୍ଛା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଆଡମିସନ୍ କରିପାରୁନାହାନ୍ତି। ତେଣୁ, ଆବେଦନର ମାସକ ମଧ୍ୟରେ ପ୍ରଥମ ଦଫା ନାମଲେଖା ପ୍ରକ୍ରିୟା ଉଚ୍ଚଶିକ୍ଷା ବିଭାଗ ଏକ ମାସ ଭିତରେ ଶେଷ କରୁ। ସେହିପରି ଦ୍ୱିତୀୟ ଓ ତୃତୀୟ ଦଫା ନାମଲେଖା ପ୍ରକ୍ରିୟା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନେ ନିଜସ୍ତରରେ ମେରିଟ୍ ଅନୁଯାୟୀ ସମାପନ କରି ଏକ ମାସ ମଧ୍ୟରେ ସମସ୍ତ ଡାଟାକୁ ସାମସ୍ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ସୁଯୋଗ ଦେଉ। ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଏହି ମର୍ମରେ ଏକ ପ୍ରସ୍ତାବ ଦେଇଛନ୍ତି ସାଂସଦ ମମତା ମହାନ୍ତ।

ଚିଠିରେ ଶ୍ରୀମତୀ ମହାନ୍ତ ଷ୍ଟ୍ରିମ୍ ପରିବର୍ତ୍ତନ, ଅନର୍ସ ପରିବର୍ତ୍ତନ, ଗୋଟିଏ ସେମିଷ୍ଟାର୍‌ରେ ଫେଲ୍ ହୋଇଥିବା ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା ସୁଯୋଗ,ପରୀକ୍ଷାଫଳ ମାର୍କ ପୁନଃମୂଲ୍ୟାୟନ ବ୍ୟବସ୍ଥା ଲାଗୁ ଆଦି ସଂପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାବ୍ୟତୀତ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫ଟି ନୂତନ ବିଭାଗ ଖୋଲିବା ସହ ଭିତ୍ତିଭୂମିର ବିକାଶ ନିମନ୍ତେ ଏକାକାଳୀନ ୧୦୦ କୋଟି ଟଙ୍କା ଅନୁଦାନ ଦେବାକୁ ସେ ଦାବି କରିଛନ୍ତି।



**ରୋଗର ଏନ୍ତୁଡ଼ିଶାଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ**

# ବିପଦରେ ଗ୍ରାମବାସୀଙ୍କ ଜୀବନ

ଯାଜପୁର,୨୫।୧୧(ସମିସ):




ସୁକିନ୍ଦା ବ୍ଲକ କଣ୍ଟିଚୁଆ ଠାରେ ପ୍ରତିଷ୍ଠା ହୋଇଥିବା ରାମ୍କୀ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଯୋଗୁଁ ଆଖପାଖ ଗ୍ରାମବାସୀଙ୍କ ଜୀବନ ଏବେ ବିପଦରେ ବୋଲି ଅଭିଯୋଗ ହୋଇଛି। ଏହି ପ୍ରକଳ୍ପର ଆଖପାଖରେ ଥିବା ୭ଟି ପଞ୍ଚାୟତର ଭୂତଳ ଜଳ ଆଜି ପ୍ରଦୂଷିତ ହୋଇଯାଇଛି। ଫଳରେ ଏହି ପାଣି ବ୍ୟବହାର କରି ଅନେକ ଲୋକ ରୋଗାକ୍ରାନ୍ତ ହେବା ସହିତ ବିଭିନ୍ନ ପଶୁପକ୍ଷୀ ମଧ୍ୟ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏ ନେଇ ରାଜ୍ୟ ପ୍ରଦୂଷଣ ବୋର୍ଡ ନିକଟରେ ଅଭିଯୋଗ ହେବା ପରେ ସ୍ଥାନୀୟ ଅଞ୍ଚଳର ଭୂତଳ ଜଳର ନମୂନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷା କରିବା ପରେ ଏଥିରେ ହେଭି ମେଟାଲ (ଲିଡ୍, ଫ୍ଲୋରାଇଡ) ରହିଥିବା ଜଣାପଡିଥିଲା। ଯାହା ଦ୍ୱାରା ଏହି ପାଣିକୁ ବ୍ୟବହାର କରିବା ଦ୍ୱାରା ଲୋକମାନେ ମାରାତ୍ମକ ରୋଗରେ ପୀଡ଼ିତ ହେଉଛନ୍ତି। କେବଳ ସେତିକି ନୁହେଁ ବର୍ଷା ଦିନେ ଏହି ବିଷାକ୍ତ ପାଣି ନାଳ, ପୋଖରୀ, ନଳକୂପ ଓ ଅନ୍ୟ ଜଳ ଉତ୍ସରେ ମିଶିବା ଦ୍ୱାରା ଏହାକୁ ବ୍ୟବହାର କରୁଥିବା ମଣିଷ ଓ ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ଏହା ଦ୍ୱାରା ଚାଷକାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ମାରାତ୍ମକ ରିପୋର୍ଟ ଦେଲା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ବିପଦଜନକ ପ୍ରକଳ୍ପକୁ ବନ୍ଦ କରାଯାଇନାହିଁ। ଏହାକୁ ଅଧିକ ପରୀକ୍ଷଣ ପାଇଁ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡକୁ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଦାବି କରିଛନ୍ତି। ରାମ୍କି କମ୍ପାନୀରୁ ନିର୍ଗତ ରାସାୟନିକ ପଦାର୍ଥ ଭୂତଳଜଳରେ ମିଶି ସ୍ଥାନୀୟ ଲୋକଙ୍କ ପାଇଁ କାଳସାଜିଛି। ଅନେକ ଲୋକେ କିଡ୍‌ନୀ, ଲିଭର ଏବଂ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏହି କମ୍ପାନୀକୁ ବନ୍ଦ କରିବାକୁ ଶ୍ରୀ ଘଡ଼େଇ ଦାବି କରିଛନ୍ତି।

**● ବିରଜା ଚେତନା ଗବେଷଣା ପରିଷଦର ରଜତ ଜୟନ୍ତୀ ପ୍ରସ୍ତୁତି**

## ବିରଜା ଜ୍ୟୋତି ସମ୍ମାନ ଘୋଷଣା

ଯାଜପୁର,୨୫।୧୧(ସମିସ): ଯାଜପୁରର ଐତିହ୍ୟ, ସଂସ୍କୃତି ଆଧାରିତ ଗବେଷଣାଧର୍ମୀ ଏକମାତ୍ର ଷାଣ୍ମାସିକ ପତ୍ରିକା "ବିରଜା ଜ୍ୟୋତି'ର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିରଜା ଚେତନା ଗବେଷଣା ପରିଷଦ ଆନୁକୂଲ୍ୟରେ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ପାଳିତ ହେବାକୁ ସ୍ଥିର ହୋଇଛି। ଏହି ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ମଧ୍ୟରେ କବିତା ପାଠୋତ୍ସବ, ଆଲୋଚନାଚକ୍ର ପତ୍ରିକା ଉନ୍ମୋଚନ ଓ ପ୍ରତିଭା ସମ୍ବର୍ଦ୍ଧନା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ




ବିରଜା ସଂସ୍କୃତି ଜ୍ଞାନପରୀକ୍ଷା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ପରିଷଦ ବୈଠକରେ ନିଷ୍ପତି ନିଆଯାଇଛି। ଏହି ଉପଲକ୍ଷେ ବିରଜାଜ୍ୟୋତି ଗବେଷକ ସମ୍ମାନ-୨୦୨୫ ନିମିତ୍ତ ପ୍ରାଧ୍ୟାପକ ଡ. ଦୁଷ୍ମନ୍ତ କୁମାର ନାୟକ, ବିରଜା ଜ୍ୟୋତି ପ୍ରାବନ୍ଧିକ ସମ୍ମାନ ରାମଚନ୍ଦ୍ର ଦାଶ, ଶ୍ରେଷ୍ଠ ପୃଷ୍ଠପୋଷକ ସମ୍ମାନ ନୃସିଂହ ଚରଣ ମହାପାତ୍ରଙ୍କୁ ପ୍ରଦାନ କରାଯିବା ସହ ବିରଜା ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତିଭା ମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ପରିଷଦର ଅଧ୍ୟକ୍ଷ ତଥା ବିରଜା ଜ୍ୟୋତିର ମୁଖ୍ୟ ସଂପାଦକ ଡ. ଜ୍ଞାନରଞ୍ଜନ ପତି ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ବିରଜା ଜ୍ୟୋତି ସଂପାଦନା ମଣ୍ଡଳୀର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରିଷଦ ବୈଠକରେ ସମ୍ପାଦନା ମଣ୍ଡଳୀ ସଦସ୍ୟ ଗଦାଧର କୁଣ୍ଡୁ, ବିରଜା ସେବା ସମିତିର ସଂପାଦକ କ୍ଷୀରୋଦ ପାଠୀ, ବିନୋଦ କୁମାର ନାୟକ, ସୁବାସ ଚନ୍ଦ୍ର ମହାପାତ୍ର, ବୃନ୍ଦାବନ ମିଶ୍ର, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିରଜାଜ୍ୟୋତିର ରଜତ ଜୟନ୍ତୀ ସମାରୋହର କାର୍ଯ୍ୟକ୍ରମର ବିଭିନ୍ନ ଯୋଜନା ପ୍ରସ୍ତୁତିରେ ସକ୍ରିୟ ସହଯୋଗ କରିଥିଲେ।

## ଶିଶୁପୁତ୍ରର ସୁରକ୍ଷା ଦାବି

ପାଣିକୋଇଲି,୨୫।୧୧(ସମିସ): ଶାଶୁ ଘରେ ନିଜକୁ ଅସୁରକ୍ଷିତ ଭାବି ନିଜ ଜୀବନ ଓ ଶିଶୁ ପୁତ୍ରର ଜୀବନର ସୁରକ୍ଷା ପାଇଁ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି ପିଡିତା। ବୈରୀ ଥାନା ଅନ୍ତର୍ଗତ ବୈରୀ ଠେଙ୍ଗଡ ଗ୍ରାମର ତ୍ରିଲୋଚନ ନାୟକଙ୍କ କନ୍ୟା ରଞ୍ଜିତା ନାୟକ ଗତ ୨୦୨୦ ମସିହାରେ ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣିଗଡ ବାଘୁଆ ଗ୍ରାମର ଧ୍ରୁବାନନ୍ଦ ରାଉତଙ୍କ ପୁଅ ବ୍ରହ୍ମାନନ୍ଦ ରାଉତଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ୨ ବର୍ଷର ଏକ ଶିଶୁ ପୁତ୍ର ରହିଛି। କିନ୍ତୁ ଏବେ ଶାଶୁଘର ପରିବାର ପକ୍ଷରୁ ସ୍ୱାମୀ, ଶଶୁର, ଦେଢ଼ଶୁର, ଯା' ପକ୍ଷରୁ ବାରମ୍ବାର ମାନସିକ ଓ ଶରୀରିକ ନିର୍ଯାତନା ଦିଆଯାଉଛି। ଯାହା ଫଳରେ ଜୀବନରୁ ମାରି ଦେବାର ଧମକ ଦିଆଯିବାରୁ ସେ ନିଜକୁ ସୁରକ୍ଷତ ମଣୁ ନାହାନ୍ତି। ଏନେଇ ବଡଚଣା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୩୫୦/୨୫ ରୁଜୁ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଫଳରେ ରଞ୍ଜିତା ନିରାଶ ହୋଇ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛି।

## ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଦାବିପତ୍ର

ପାଣିକୋଇଲି,୨୫।୧୧(ସମିସ): ଗତ ନଭେମ୍ବର ୨୨ ତାରିଖ ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭାଲୁଖାଇ ନିକଟରେ ଯୁବ ସମ୍ବାଦିକ ଜଗମୋହନ ରାଉତ କାର୍ଯ୍ୟସାରି ଘରକୁ ଫେରୁଥିବା ସମୟରେ ହଠାତ ୪ଟି ବାଇକ୍‌ରେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଫଳରେ ଜଗମୋହନ ଆହତ ହୋଇ ପ୍ରଥମେ ଧର୍ମଶାଳା ଚିକିତ୍ସାଳୟରେ ଚିକିତ୍ସିତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ଏନେଇ ଧର୍ମଶାଳା ପୁଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି। ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଆଜି ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଏକ ଦାବି ପତ୍ର ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯାଜପୁର ଏସ୍‌ପି ଯସପ୍ରତାପ ଶ୍ରୀମଲଙ୍କୁ ପ୍ରଦାନ କରାଯାଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଏସପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛି ଯୁବ କଂଗ୍ରେସ। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ର ଶେଖର ସାହୁ, ଅନନ୍ତ କୁମାର ଜେନା, ବିଶ୍ୱନାଥ ଦାସ, ସତ୍ୟବାନ ଜେନା, ରବି ପ୍ରକାଶ ନାୟକ, ରାକେଶ ମଲିକ, ରମେଶ ମଲିକ, ସୌଭାଗ୍ୟ ରଂଜନ ବେହେରା, ଜ୍ଞାନ ରାଉତ, ସୁଦୀପ ସାମଲ, କେ. ସୌରଭ, ସଂଜୟ କୁମାର କର ଙ୍କ ସମତେ ବହୁ କର୍ମୀ ଯୋଗଦେଇଥିଲେ। ସେହିପରି ଯାଜପୁର ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ସମାନ ଦାବିରେ ଜିଲ୍ଲା ସଭାପତି ଅରୁଣ କୁମାର ରାଉତ ଓ ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଏସପିଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଧର୍ମଶାଳା,୨୫।୧୧(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର ନିକଟରେ ଥିବା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ଘରୁ ଚୋରି ହେଇଥିବା ଜଣାପଡିଛି। ସୂଚନା ମୁତାବକ ବ୍ୟାଙ୍କ ଅବସରପ୍ରାପ୍ତ ଅଧିକାରୀ ନିତ୍ୟାନନ୍ଦ ସାହୁଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ସେ ତାଙ୍କ ପତ୍ନୀ ଶାନ୍ତିବଜାର ନିକଟସ୍ଥ ନିଜ ଘରେ ରହୁଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ନିତ୍ୟାନନ୍ଦଙ୍କ ପତ୍ନୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଆଡମିଟ ହୋଇଥିବା ବେଳେ ସେ ମଧ୍ୟ ପତ୍ନୀଙ୍କ ପାଖରେ ଗତ ୨୦ ତରିଖରୁ ସେଠାରେ ରହୁଥିଲେ। ଘରେ କେହି ନଥିବାର ସୁଯୋଗନେଇ କେହି ଦୁର୍ବୃତ୍ତ ଗତକାଲି ବିଳମ୍ବିତ ରାତିରେ ଘରେ କଳାକନା ବୁଲାଇଥିବା ଦେଖିବାକୁ ମିଳିଛି। ଖବର ପାଇ ନିତ୍ୟାନନ୍ଦ ଭୁବନେଶ୍ୱରରୁ ଆଜି ସକାଳେ ଘରେ ପହଞ୍ଚି ସବୁକିଛି ଯାଞ୍ଚ କରିଥିଲେ। ଦୁର୍ବୃତ୍ତମାନେ ସମସ୍ତ ଘରର ଆଲମିରା ତାଲା ଭାଙ୍ଗି ୧୧ଭରି ସୁନା ଅଳଙ୍କାର, ୩୫୦ ଗ୍ରାମ ରୁପା ଅଳଙ୍କାର, ନଗଦ ୨ ଲକ୍ଷ ୨୫ ହଜାର ଟଙ୍କା ଓ ଏକ ଦାମୀ ଲାପ୍‌ଟପ ଚୋରି କରିନେଇଥିବା ନେଇ ନିତ୍ୟାନନ୍ଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନକାରୀ କୁକୁର ସହାୟତାରେ ତଦନ୍ତ କରିବା ସହ ଏସମ୍ପର୍କରେ ଏକ ୭୩୦/୨୫ରେ ଏକ ମାମଲା ରୁଜୁ କରି ଅଧିକ ଛାନ୍‌ଭିନ ଚଳାଇଛି। ଧର୍ମଶାଳାର ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କ ବଦଳି ପରେ ଧର୍ମଶାଳା ପୁଲିସ ଅଧିକ ତତ୍ପର ହୋଇ ଉଠିଥିବା ବେଳେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇ ପୁଲିସକୁ ଏକ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଠାବ କରିବାରେ ପୁଲିସ କେତେଦୂର ସମର୍ଥ ହେଉଛି ତାହା ଆଗକୁ ଜଣାପଡିବ। ହେଲେ ଏହି ଚୋରୀରେ ସମ୍ପୃକ୍ତ ଚୋରମାନଙ୍କୁ ଖୁବ୍‌ଶିଘ୍ର ଗିରଫ କରାଯିବ ବୋଲି ଥାନା ଭରପ୍ରାପ୍ତ ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଧର୍ମଶାଳାରେ ଏକତା ପଦଯାତ୍ରା

ଧର୍ମଶାଳା,୨୫।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଧର୍ମଶାଳାଠାରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାଟି ନାକପୋଲ ଛକଠାରୁ ଆରମ୍ଭ ହୋଇ କାଏମା ପଡିଆଠାରେ ଶେଷ ହୋଇଥିଲା। ନାକପୋଲ ଠାରେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଧର୍ମଶାଳା



ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ପଦଯାତ୍ରା ଦିବସ ଅବସରରେ ସାଂସ୍କୃତିକ ଦଳମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଷ୍ଟଲର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ, ବିଡିଓ ଧର୍ମଶାଳା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ସ୍ୱୟଂସହାୟିକା ଗୋଷ୍ଠୀର ମା'ମାନେ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଅସହାୟ ପରିବାରକୁ ସହାୟତା ଦାବି

ଯାଜପୁର,୨୫।୧୧(ସମିସ): ରାଜ୍ୟର ଆଗୁଆ ଜିଲ୍ଲା କୁହାଯାଉଥିବା ଯାଜପୁରରେ ଆଜି ବି ଅଭାବ ପାଇଁ ଶିଶୁ ବିକ୍ରିର ଖବର ସାମ୍ନାକୁ ଆସୁଛି। ନିକଟରେ ଦଶରଥପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତର ବିଭୂତିପୁର ଗ୍ରାମରେ ନରେନ୍ଦ୍ର ଜେନା ନିଜର ନବଜାତ ଶିଶୁ କନ୍ୟାକୁ ସଂପର୍କୀୟ ଭଉଣୀକୁ ବିକ୍ରି କରିଥିବାର ଖବର ସାମ୍ନାକୁ ଆସିଥିଲା। ଜିଲ୍ଲା ପ୍ରଶାସନର ତଦନ୍ତ ପରେ ଅଭାବ ଅନଟନ ପାଇଁ ଏପରି ଘଟଣା ଘଟିଥିବା ପ୍ରମାଣିତ ହୋଇଥିବା ବେଳେ ପରିବାର ବିକ୍ରି ଘଟଣାକୁ ଖଣ୍ଡନ କରିଥିଲେ। ତେବେ ନରେନ୍ଦ୍ରଙ୍କର ପୂର୍ବରୁ ୩ଟି ଝିଅ ଓ ଗୋଟିଏ ପୁଅ ଥିବା ବେଳେ ନବଜାତ ଶିଶୁ ତାଙ୍କ ପଞ୍ଚମ ସନ୍ତାନ ଥିଲେ। ବର୍ତ୍ତମାନ ସମୟରେ ବି ସଚେତନତାର ଅଭାବ ଯୋଗୁ ଓ ତୃଣମୂଳ ସ୍ତରରେ କାମ କରୁଥିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ନୀରକ୍ଷର ମହିଳାମାନେ ମାତୃତ୍ୱ



ଲାଭ କରୁଛନ୍ତି। ଯାହାକି ଜିଲ୍ଲା ପାଇଁ ଏକ ଲଜ୍ଜାର ବିଷୟ ବୋଲି କଂଗ୍ରେସ ଅଭିଯୋଗ ଉଠାଇଛି। ଏହି ଦଳିତ ଗରିବ ପରିବାରରେ ନରେନ୍ଦ୍ର ଜଣେ ମାତ୍ର ଲୋକ ମୂଲମଜୁରୀ ଲାଗି ପରିବାର ଚଳାଉଛନ୍ତି। ଯାହାକି ୭ପ୍ରାଣୀ କୁଟୁମ୍ବଙ୍କୁ ପୋଷିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ଅନ୍ୟ ପଟେ ଆଜି ବି ସରକାରୀ ଚିକିତ୍ସାଳୟରୁ ପିଲା ହସ୍ତାନ୍ତର ହେଉଥିବାରୁ କଂଗ୍ରେସ ଦୃଢ଼ ନିନ୍ଦା କରିଛି। ପୂର୍ବରୁ ମଧ୍ୟ ୨୦୨୪ ମସିହାରେ ଦଶରଥପୁର ବିହାରୀ ପଞ୍ଚାୟତ ସାଉଣ୍ଡି ଗ୍ରାମର ସିଲୁ ଜେନା ଓ ସଂଜୁ ଯେନା ମଧ୍ୟ ସମାନ ଅଭିଯୋଗରେ ନିଜର ପିଲା ବିକ୍ରି କରିବାକୁ ବାଧ୍ୟ ହୋଇ ପ୍ରଶାସନର ନଜରକୁ ଆସିଥିଲେ। ଯାହାକି ଏହି ଦୁଇ ଅସହାୟ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଯାଜପୁର ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏହି ଅବସରରେ ଯୁବନେତା ଚନ୍ଦ୍ରଶେଖର ସାହୁ, ଅପୂର୍ବ ସମାଲ, ବିଶ୍ୱନାଥ ଦାସ, ରବି ପ୍ରକାଶ ନାୟକ, ରବି ନାରାୟଣ ଜେନା,ଅନନ୍ତ କୁମାର ଜେନା,ବିଶ୍ୱନାଥ ଦାସ, ସତ୍ୟବାନ ଜେନା, ସୌମ୍ୟରଞ୍ଜନ ବେହେରା, ସଂଜୀବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟାମନ୍ଦିର ସପ୍ତଶକ୍ତି କାର୍ଯ୍ୟକ୍ରମ

ସିଂହପୁର, ୨୫।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଭାରତୀଙ୍କ କାର୍ଯ୍ୟ ଯୋଜନା ଅନୁସାରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୯୫ ଜଣ ମହିଳା ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଡ. ଅଦ୍ରୁଶ୍ୟାନ୍ତି ମିଶ୍ର, ମୁଖ୍ୟବକ୍ତା ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଗାୟତ୍ରୀ ଧଳ, ରଶ୍ମିପ୍ରଭା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା ସମିତିର ସଦସ୍ୟା ଭାଗ୍ୟଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ପ୍ରେରଣାଦାୟୀ ମହିଳାଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ। ଆଚାର୍ଯ୍ୟା ପ୍ରଜ୍ଞାପାରମିତା ବାରିକ, ଧରିତ୍ରୀ ଭୂୟାଁ, ଦମୟନ୍ତୀ ସାମଲ, ନମିତା ଜେନା, ମିନତି ମହାପାତ୍ର ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ସଂପାଦକ ସୁଶାନ୍ତ କୁମାର ସାମଲ, ପ୍ରଧାନ ଆଚାର୍ଯ୍ୟ ବୀରକିଶୋର ବେହେରା, ପାଳକ ବାଇଧର ନାୟକ, ସଦସ୍ୟ ଅକ୍ଷୟ କୁମାର ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଗୀତାରାଣୀ ସାହୁ, ରୀନାରାଣୀ ନାୟକ, ସୂଚୀସ୍ମିତା ପାଣିଗ୍ରାହୀ, ବୀଣାପାଣି ଦାସଙ୍କୁ ସମ୍ମାନିତ କରାଯାଇଥିଲା।

## ବିଞ୍ଝାରପୁର ଗସ୍ତରେ ଯୁଗ୍ମ ସଚିବ

ବିଞ୍ଝାରପୁର,୨୫।୧୧(ସମିସ): ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମସଚିବ ଜୟଶ୍ରୀ ମଲ୍ଲିକ ବିଞ୍ଝାରପୁର ଗସ୍ତକରି କପିଳା, ଚିକଣା ପଞ୍ଚାୟତ ପରିଦର୍ଶନ କରି ଫେରିଯାଇଥିବା ଜଣାପଡ଼ିଛି। ରାଜ୍ୟ ଯୁଗ୍ମ ସଚିବ ତାଙ୍କ ପରିଦର୍ଶନରେ ଯେଉଁ ହିତାଧିକାରୀ ମାନେ ୨୦୧୭-୧୮ ମସିହାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତି ଅର୍ଥ ନେଇ ଏପର୍ଯ୍ୟନ୍ତ



ଗୃହ ନିର୍ମାଣ କରିନାହାଁନ୍ତି, ସେହି ହିତାଧିକାରୀମାନଙ୍କୁ ଭେଟି ବାକ୍ୟ ବିନିମୟ ହେବା ସହ କେଉଁ କାରଣ ପାଇଁ ଗୃହ ନିର୍ମାଣ ହୋଇପାରିନାହିଁ ତାହାର କାରଣ ପଚାରି ବୁଝିଥିଲେ। ଉପ ସଚିବଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଗୃହ ନିର୍ଦ୍ଦେଶକ ସୁହାନା ବେଗମ, ବିଡିଓ ହିତାଂଶୁ ଶେଖର ସାମଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅବିନାଶ ପାତ୍ର, ବିକାଶ ରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।

## ଜମିବାଡିକୁ କେନ୍ଦ୍ରକରି ଆକ୍ରମଣ

ବଡଚଣା,୨୫।୧୧(ସମିସ): ଜମିବାଡିକୁ କେନ୍ଦ୍ରକରି ଗତ ୧୬ ତାରିଖ ଦିନ ବଡ଼ଚଣା ଥାନା ଅଧୀନସ୍ଥ ସିହା ପଞ୍ଚାୟତ ଅନ୍ତର୍ଗତ କମ୍ପିରା ଗ୍ରାମର ପ୍ରଦୀପ ବିଶ୍ୱାଳଙ୍କୁ ସେହି ଗ୍ରାମର ଶରତ ଚନ୍ଦ୍ର ବିଶ୍ୱାଳ ଓ ତାଙ୍କ ଭାଇ ହେମନ୍ତ ବିଶ୍ୱାଳ ଆକ୍ରମଣ କରି ତାଙ୍କୁ ଗୁରୁତର କରି ଦେଇଥିଲେ। ଏହି ଆକ୍ରମଣରେ ପ୍ରଦୀପଙ୍କର ହାତ ଭାଙ୍ଗି ଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଧର୍ମଶାଳା ମେଡିକାଲ ଓ ପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଏନେଇ ଆହତ ପ୍ରଦୀପଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଗତ ୨୨ ତାରିଖରେ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ। ହେଲେ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ତୁରନ୍ତ ଆକ୍ରମଣ କାରୀଙ୍କୁ ଗିରଫ କରିବାକୁ ପ୍ରଦୀପଙ୍କ ପତ୍ନୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ପାଖରେ ଦାବି କରିଛନ୍ତି।

## ଆରମ୍ଭ ହେଲା କୁରାଳପଞ୍ଚମୀ ପୂଜା

କୟାଁଗୋଲା,୨୫।୧୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଙ୍ଗା ପଞ୍ଚାୟତ ବରେଇଁ ଗ୍ରାମରେ କୁରାଳ ପଞ୍ଚମୀ (ଲକ୍ଷ୍ମୀନାରାୟଣ) ପୂଜା ଅନୁଷ୍ଠିତ ହୋଇଯାଇଛି। କୁମ୍ଭାକାର ସଂପ୍ରଦାୟର ଲୋକେ ଉକ୍ତ ଗ୍ରାମରେ ବସବାସ କରୁଥିବା ଯୋଗୁଁ ଏହା ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୂଜା ପାଳନ କରାଯାଉଛି। ଏହା ମାର୍ଗଶିର ମାସରୁ ୫ ଦିନ ଧରି ପାଳନ କରାଯାଇଥାଏ। ପ୍ରତ୍ୟହ ମୁଖ୍ୟ ପଣ୍ଡିତ ଉଦ୍ଧବଚନ୍ଦ୍ର ଦାସଙ୍କ ଦ୍ୱାରା କୁରାଳ ମହିମା ପାଠ କରାଯାଇଥାଏ। ପୂଜାର ସଂକଳ୍ପଧାରୀ ଦଶରଥ ବେହେରାଙ୍କ ସହ କିଶୋର ରାଉଳ, ରଘୁନାଥ ବେହେରା, ଜୟଦେବ ବେହେରା, ଗଦାଧର ବେହେରା, ବାସୁଦେବ ବେହେରା, ବ୍ରହ୍ମାନନ୍ଦ ବେହେରା, ନିତ୍ୟାନନ୍ଦ ବେହେରା, ଅନନ୍ତ ବେହେରା, ବିଜୟରତ୍ନ ବେହେରା, ପରମାନନ୍ଦ ବେହେରା,ସହଯୋଗ କରିବା ସହ ପରିଚାଳା କରିଥାଆନ୍ତି।

## ସୁନ୍ଦରପୁର ଗ୍ରାମରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

ସିଂହପୁର,୨୫।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଲମୁକୁଳି ବିଦ୍ୟୁତ୍ ଉପଖଣ୍ଡ ଅଧୀନସ୍ତ ସୁନ୍ଦରପୁର ଗ୍ରାମରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତୁରନ୍ତ ଏହାର ସମାଧାନ ନ ହେଲେ ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ ସୁନ୍ଦରପୁର ଗ୍ରାମରେ ୧୯୯୯ ମସିହାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମ ଲାଗିଥିଲା। ଦୀର୍ଘ ଦିନ ହୋଇଯାଇଥିବାରୁ ଟ୍ରାନ୍ସଫର୍ମ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି ୯୯ ମସିହା ଠାରୁ ତାର ମଧ୍ୟ ବଦଳା ଯାଇନାହିଁ। ଦୀର୍ଘ ୨୬ ବର୍ଷ ହୋଇଥିବାରୁ ତାର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମ ବାରମ୍ବାର



ବିଭ୍ରାଟ ହେଉଥିବାରୁ ଥରେ ବିଦ୍ୟୁତ୍ ଗଲେ ଦୀର୍ଘ ସମୟ ବିଦ୍ୟୁତ୍ ସେବାରୁ ଲୋକେ ବଞ୍ଚିତ ରହୁଛନ୍ତି। ଗତ ୨୦ ତାରିଖରେ ଜିଲ୍ଲାପାଳ ଓ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ସମସ୍ୟାର ସମାଧାନ ନ ହେଲେ ଡିସେମ୍ବର ୪ ତାରିଖ ବାଲମୁକୁଳି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତା ମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ସୁଙ୍ଗୁଡ଼ା ମୁସଲିମ୍ ସାହିରୁ କବରସ୍ଥାନ୍ ରାସ୍ତା ଚୋରି

ବଡ଼ଚଣା,୨୫।୧୧(ସମିସ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ପଞ୍ଚାୟତ ସୁଙ୍ଗୁଡ଼ା ଗ୍ରାମ ସଂଖ୍ୟାଲଘୁ ସମ୍ପ୍ରଦାୟ ମୁସଲମାନ ସାହି ଆର୍‌ଡି ରୋଡ୍‌ଠାରୁ କବରସ୍ଥାନ୍ ପର୍ଯ୍ୟନ୍ତ ରାସ୍ତା ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି।

ପଞ୍ଚଦଶ ଅର୍ଥ କମିଶନ (ଜିଆଇଏ) ଆର୍ଥିକ ବର୍ଷ ୨୦୨୨-୨୩ରେ ୧ ଲକ୍ଷ ୭୨ ହଜାର ୭ଶହ ୨୧ଟଙ୍କା ଆର୍‌ଡି ରୋଡଠାରୁ କବରସ୍ଥାନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ କରାଯାଇଥିଲା। ସେହି ସମୟରେ କିଛି ମୁଷ୍ଟିମୟ ଲୋକଙ୍କ ଅଭିଯୋଗ କ୍ରମେ ବର୍ତ୍ତମାନ ବିଡିଓ ଏବଂ ସେତେବେଳେର ବିଭାଗୀୟ ଇଞ୍ଜିନିୟର ମାନେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହା କାର୍ଯ୍ୟକ୍ଷମ ହୋଇ ପାରିନଥିଲା। ଫିଜିବିଲଟି ରିପୋର୍ଟ ଅନୁଯାୟୀ ଯାହା ଆର୍‌ଡି ରୋଡ୍‌ଠାରୁ କବରସ୍ଥାନ୍ ପର୍ଯ୍ୟନ୍ତ ମାତ୍ର ୧୦ ଫୁଟ ଲମ୍ବ ୮



ଫୁଟ ଓସାର ରାସ୍ତାଟି ଥିବା ଯୋଗୁଁ କାର୍ଯ୍ୟକାରୀ ହୋଇପାରିନଥିଲା। ୩ ବର୍ଷ ପରେ ସେହି କାର୍ଯ୍ୟଟି କବରସ୍ଥାନ୍ ବାଉଣ୍ଡାରୀ ଭିତରେ ଚାରି ଫୁଟରୁ ଛଅ ଫୁଟ ଓସାରରେ ନିର୍ମିତ ବେଆଇନ୍ ଭାବରେ କରାଯାଇଛି। କିପରି ବିଭାଗୀୟ ଅଧିକାରୀ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିୟମ ଅନୁଯାୟୀ ସୂଚନା ଫଳକ କାର୍ଯ୍ୟ ଆରମ୍ଭ ସ୍ଥାନରେ କରାଯିବା କଥା। ଏକ ଅଜ୍ଞାତ ସ୍ଥାନରେ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଯେଉଁ କାର୍ଯ୍ୟ କରାଯାଇଛି ଅତି ନିମ୍ନମାନର। ମୁଣ୍ଡା ସିମେଣ୍ଟ ଏଷ୍ଟିମେଣ୍ଟ ଅନୁସାରେ ହୋଇନାହିଁ। ବିଭାଗୀୟ ଅଧିକାରୀଙ୍କ ବିନା ଅନୁପସ୍ଥିତିରେ କାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ତରବରିଆ ଭାବେ ଗୋଟିଏ ଦିନରେ କାର୍ଯ୍ୟ ସାରି ବିଲ୍ କରି ନେବା ପାଇଁ ଠିକାଦାର ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଏହି ଚୋରି ହୋଇଥିବା ରାସ୍ତାକୁ ଅନ୍ୟତ୍ର ବେଆଇନ୍ ଭାବେ କାର୍ଯ୍ୟ କରାଯାଇଥିବାକୁ ବିରୋଧ କରି ଗ୍ରାମବାସୀ, ୱାର୍ଡସଭ୍ୟ, ସଭ୍ୟା ଆଇନଗତ ନେବା ପାଇଁ ଗଣମାଧ୍ୟମରେ ଜଣାଇବା ସହ ତଦନ୍ତ ପାଇଁ ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଭିଜିଲାନ୍ସ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

BEST OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



## ୮ ଦିନ ହେଲା ପାଣି ପାଉନାହାଁନ୍ତି ଗ୍ରାମବାସୀ

# ବିଲବାଡ଼ିରେ ମାଡୁଛି ପାନୀୟ ପାଣି

କବାଟବନ୍ଧ, ୨୫।୧୧(ସମିସ)




ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ଏବଂ ପରିମଳ ବିଭାଗର ଦାୟିତ୍ୱହୀନତା ପାଇଁ ଧର୍ମଶାଳା ବ୍ଲକରେ ଲୋକମାନେ ଠିକ୍ ଭାବରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅଭିଯୋଗ ଆସିଛି ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ତରାସ ଗ୍ରାମରୁ। ଗ୍ରାମର ପ୍ରାୟ ୧୧୫ ପରିବାର ଏବଂ ୬୫୦ରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପିଇବା ପାଣି ପାଇଁ ଲୋକମାନେ ୮ ଦିନ ହେଲା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମାତ୍ର ଏହି ଜଳ ନଷ୍ଟ ହୋଇ ବିଲବାଡ଼ିରେ ମାଡୁଥିବା ଭଳି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି।

ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ନିକଟରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ତରାସ ଗ୍ରାମକୁ ଜଳ ଯୋଗାଣ ହୋଇଥାଏ। ମାତ୍ର ଏହି ଗାଁକୁ ଜଳ ଯୋଗାଣ ପାଇଁ ମାଟି ତଳେ ଯାଇଥିବା ଯାଇଥିବା ପାଇପ୍ ଲାଇନ୍ ନଷ୍ଟ ହୋଇ ପାଣି ଲିକ କରୁଛି। ଯାହା ଦ୍ୱାରା ପାଣି ଗାଁରେ ପହଞ୍ଚିପାରୁନାହିଁ। ରଘୁନାଥପୁର ଜଳ ଯୋଗାଣ ପମ୍ପ ହାଉସ ଠାରୁ ତରାସ ଯାଇଥିବା ଏହି ପାଇପ ଡିହକଷ୍ଟି ଗାଁ ନିକଟରେ ପାଇପ ଫାଟିଯାଇଛି। ଯାହା ଦ୍ୱାରା ପାଣି ଆଗକୁ ଯାଇ ପାରୁନାହିଁ। ପାଣିର ପ୍ରେସର ହେଉ ନଥିବାରୁ ଅଳ୍ପ ଅଳ୍ପ ପାଣି ତରାସ ଗାଁ ପର୍ଯ୍ୟନ୍ତ ଯାଉଛି। ମାତ୍ର ଲୋକ ମାନେ ପାଇ ପାରୁ ନାହାଁନ୍ତି। ଖୁବ ମାଟି ତଳେ ଏହି ପାଇପ ଯାଇଥିବାରୁ ପାନୀୟ ଜଳ ମଧ୍ୟ ଦୂଷିତ ହେଉଛି। ଗ୍ରାମାଞ୍ଚଳରେ ଲୋକମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଏହି ବିଭାଗ କାର୍ଯ୍ୟ କରେ। ଜଳ ଉତ୍ସର ଗୁଣବତ୍ତା, ଏବଂ ପାଇପ୍ ଲାଇନର ରକ୍ଷଣାବେକ୍ଷଣ ଆଦିକୁ ଗୁରୁତ୍ୱ ଦେଇ ନିରବଚ୍ଛିନ୍ନ ଭାବେ ଜଳ ଯୋଗାଇ ଦେବାକୁ ପ୍ରାଥମିକତା ଦେବାକଥା। ମାତ୍ର ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କିମ୍ବା ରକ୍ଷଣବେକ୍ଷଣ ଏବଂ ମରାମତି କରାଯାଉନାହିଁ। ଏହି ପାଇପ୍ ଫାଟି ଥିବା ସ୍ଥାନରେ ପାଣି ବହୁ ମାତ୍ରାରେ ଲିକ୍ ହୋଇ ନିକଟରେ ଥିବା ସମସ୍ତ ଏରିଆରେ ପାଣି ଜମୁଛି। ବିଲ ଏବଂ ପଡ଼ିଆ ଜଳମଗ୍ନ ହେଉଛି। ମାତ୍ର ଲୋକ ପାଇପାରୁ ନାହାଁନ୍ତି। ଯାହା ଦ୍ୱାରା ଲୋକ ମାନେ ପାଣି ସମସ୍ୟା ଭୋଗିବା ସହିତ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବାଧ୍ୟ ହୋଇ ଲୋକମାନେ ଖୋଲା କୂଅ କିମ୍ବା ଅନ୍ୟାନ୍ୟ ଜଳ ଉତ୍ସର ପାଣିକୁ ପାନୀୟ ଜଳ ଭାବରେ ବ୍ୟବହାର କରୁଛନ୍ତି। ଏହା ଦ୍ୱାରା ଛୋଟ ଛୋଟ ପିଲା ହୁଅନ୍ତୁ କିମ୍ବା ବୟସାଧିକ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଚିକିତ୍ସାଧୀନ ବ୍ୟକ୍ତି ତଥା ରୋଗୀମାନଙ୍କ ପାଇଁ ଏହା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରି ପାରେ। ଏହି ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ହେଉଥିବା ବିଭିନ୍ନ ଗାଁକୁ ବର୍ଷର ଅନେକ ସମୟରେ ବିଭିନ୍ନ କାରଣ ପାଇଁ ଲୋକମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ସେପ୍ଟେମ୍ବର ମାସରେ ମଧ୍ୟ ଲଗାତାର ୪ ଦିନ ପର୍ଯ୍ୟନ୍ତ କୌଣସି ଲୋକ ପାଣି ପାଇ ନ ଥିଲେ। ଯାହାକି ଲୋକମାନେ ପମ୍ପ ହାଉସ ନିକଟରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀ ଲୋକମାନଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ପାଇଁ ନିରବଚ୍ଛିନ୍ନ ଭାବେ ପାନୀୟ ଜଳଯୋଗାଇ ଦେବାର ବ୍ୟବସ୍ଥା କରାଇଲେ ଲୋକ ମାନେ ପାଣି ପାଇ ପାରିବେ। ତୁରନ୍ତ ଏହି ଫାଟିଥିବା ପାଇପ୍ ଲାଇନକୁ ମରାମତି କରି ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି।

## ଚୋରିରେ ଲାଗୁନି ଲଗାମ

# ସପ୍ତାହରେ ୬ଟି ସ୍ଥାନରୁ ଚୋରି

**ବ୍ରହ୍ମବରଦା, ୨୫।୧୧(ସମିସ):** ଚୋର ଡକାୟତିଙ୍କ ଭୂସ୍ୱର୍ଗ ପାଲଟିଛି ବ୍ରହ୍ମବରଦା ଥାନା ଅଞ୍ଚଳ। ଚୋରି ରୋକିବାରେ ବ୍ରହ୍ମବରଦା ପୁଲିସ ଫେଲ୍ ମାରିଥିବା ବେଳେ ଚଳିତ ସପ୍ତାହ ମଧ୍ୟରେ ୬ଟି ସ୍ଥାନରୁ ଚୋରି ହୋଇସାରିଲାଣି। ପୁଲିସକୁ ଚକମା ଦେଇ ଚୋରମାନେ ଚତୁରତାର ସହିତ ପ୍ରମାଣ ନ ଛାଡ଼ି ବିଭିନ୍ନ ପଞ୍ଚାୟତର ୬ଟି ସ୍ଥାନରୁ ୧୦୦ ଗ୍ରାମରୁ ଅଧିକ ସୁନାଗହଣା, ନଗଦ ଲକ୍ଷାଧିକ ଟଙ୍କା ସହିତ ଠାକୁରଙ୍କ ପିତ୍ତଳ ସାମଗ୍ରୀ ଓ ଆସବାବ ଚୋରି କରି ନେଇଥିବା ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଚୋରମାନଙ୍କୁ ଧରିବା ସ୍ଥାନୀୟ ପୁଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇ ପଡ଼ିଥିବା ବେଳେ ପୁଲିସ ସାଜିଛି ନିରବଦ୍ରଷ୍ଟା। ଯାହାକୁ ନେଇ ଜନଅସନ୍ତୋଷ ଲାଗି ରହିଛି। ପ୍ରତିଦିନ ଭଳି ଗତକାଲି ବିଳମ୍ବିତ ରାତିରେ ଚୋରମାନେ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମର ମହେଶ୍ୱର ପାଣିଗ୍ରାହୀଙ୍କ ଘରେ ପଶି ଚୋରି କରିବାକୁ ପ୍ରୟାସ କରି ବିଫଳ ହୋଇଥିବା ବେଳେ ଘର ଦାଣ୍ଡରେ ଥିବା ଏକ ବାଇକ୍‌କୁ ଟେକି ନେଇଛନ୍ତି। ସକାଳୁ ପରିବାର ଲୋକେ ଗାଡି ନ ଥିବା ଜାଣିପାରି ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି।

ସୂଚନାଥାଉକି ଗତ ୧୯ ତାରିଖ ରାତିରେ ଏହି ଥାନା ଅଧୀନସ୍ଥ ବନ୍ଧଡିହ ପଞ୍ଚାୟତ ଆଖୁଆକୁଳ ଗ୍ରାମ ନିରଞ୍ଜନ ସାହୁଙ୍କ ଘରୁ ୨୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନାଗହଣା ସହିତ ନଗଦ ଟଙ୍କା ଚୋରି ହୋଇଥିବା ବେଳେ ବ୍ରହ୍ମବରଦା ହାଟ ଠାରେ ହରିପୁର ଗ୍ରାମର ସୁଜିତ କୁମାର ବାରିକଙ୍କ ମଟର ସାଇକଲ ଡିକି ଭାଙ୍ଗି ୧୫ ଗ୍ରାମ ସୁନା ଗହଣା ସହିତ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିଲା। ସେହିପରି ରାଉତରାପୁର ପଞ୍ଚାୟତ ରତପୁର ଗ୍ରାମ ଶିତାରାମ ମନ୍ଦିରରୁ ପିତଳ ଘଣ୍ଟ ଚୋରି ହେବା କୁଣ୍ଡପାଟଣା ଗ୍ରାମ ମଝିସାହି ମଙ୍ଗଳା ମନ୍ଦିରରୁ ଘଣ୍ଟ ସହିତ ଠାକୁରଙ୍କ ସାମଗ୍ରୀ ଚୋରି ହୋଇଥିବା ବେଳେ ଗତକାଲି ବନ୍ଧଡିହ ପଞ୍ଚାୟତ ଆଖୁଆକୁଳ ଗ୍ରାମର ମହେଶ୍ୱର ନାୟକଙ୍କ ଘରେ ପଶି ଦୁର୍ବୃତମାନେ ୨୬ ଗ୍ରାମର ସୁନାଗହଣା ସହିତ ନଗଦ ଟଙ୍କା ଓ ଆସବାବ ଚୋରେଇ ନେବା ଘଟଣାରେ ବ୍ରହ୍ମବରଦା ପୁଲିସ, ଏସଡିପିଓ, ସାଇଁଟିଫିକ ଟିମ, ସନ୍ଧାନୀ କୁକୁର ତଦନ୍ତ କରିଥିବା ବେଳେ ଚୋର ମାନଙ୍କର ଟେର ପାଇ ପାରି ନାହିଁ। ଚୋର ମାନଙ୍କର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଦେଖାଦେଇଛି। ଜିଲ୍ଲା ଆରକ୍ଷି ଅଧିକ୍ଷକ ଏଥିପ୍ରତି ଗୁରୁତ୍ୱ ଦେଇ ଚୋରମାନଙ୍କୁ ଗିରଫ କରିବାରେ ସହାୟତା ପ୍ରଦାନ କରି ଲୋକଙ୍କ ମନରୁ ଭୟ ଦୁର କରିବାକୁ ସାଧାରଣରେ ଦାବି ହେଉଛି।

# ଆମ୍ବୁଲାନ୍ସ ଧକ୍କାରେ ଷଣ୍ଢର ମୃତ୍ୟୁ

**ପାଣିକୋଇଲି, ୨୫।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟକର ବ୍ରିଜ୍ ନିକଟରେ ଆଜି ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ସମ୍ମୁଖକୁ ଏକ ଷଣ୍ଢ ମାଡ଼ି ଆସିବାରୁ ଅମ୍ବୁଲାନ୍ସଟି ଦୁର୍ଘଟଣାର ଶିକାର ହେବା ସହ ଘଟଣାସ୍ଥଳେ ଷଣ୍ଢର ମୃତ୍ୟୁ ଘଟିଛି। ପ୍ରକାଶଯେ କଟକ ବଡ଼ ମେଡିକାଲରୁ ରୋଗୀ ନେଇ ଏକ ଆମ୍ବୁଲାନ୍ସ ପଶ୍ଚିମବଙ୍ଗ ମେଦିନାପୁର ଯାଉଥିଲା। ଟିକର ବ୍ରିଜ୍ ନିକଟରେ ଷଣ୍ଢ ସହ ତାର ଧକ୍କା ହୋଇଥିଲା। ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଅଭିମୁଖେ ଫେରୁଥିବା ଏକ ଆମ୍ବୁଲାନ୍ସ (ଡବ୍ଲ୍ୟୁ ବି୨୯ଇ୮ ୫୪୧) ଟିକର ପୋଲ ଉପରେ ଏକ ଷଣ୍ଢ ସହିତ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଜୟନ୍ତୀ ସି ଓ ତାଙ୍କ ପୁଅ ବିରେଶ ସି ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ପାଣିକୋଇଲି ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ପୁଲିସ ଆମ୍ବୁଲାନ୍ସଟିକୁ ଜବତ କରିଛି।

# ଶିଶୁ ବିଦ୍ୟାମନ୍ଦିରରେ ଖେଳକୁଦ ସମାରୋହ




**ଯାଜପୁର, ୨୫।୧୧(ସମିସ):** ଯାଜପୁର ନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାର କ୍ରୀଡ଼ା ଶିକ୍ଷକ ଶଙ୍କର୍ଷଣ ବେହେରା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ମୋଟ ୯୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୃତିବାସ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି ଡ. ଦାମୋଦର ବେହେରା ସଭାପତିତ୍ୱ କରିଥିଲେ ଏବଂ ପରିଚାଳନା ସମିତିର ସମ୍ପାଦକ ଜଗଦେବ ମୃତ୍ୟୁଞ୍ଜୟ ଗଡ଼ନାୟକ, ସଭାପତି କହ୍ନାଇ ଚରଣ ମହାନ୍ତି, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସଦସ୍ୟ ରାଧାବଲ୍ଲଭ ପଣ୍ଡା, ସଦସ୍ୟା ଶ୍ରୀମତୀ ନିବେଦିତା ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଗଦାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଭାଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ସତ୍ୟ ରଞ୍ଜନ ସ୍ୱାଇଁ ଦାୟିତ୍ୱରେ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ଓ ସେବକ, ସେବିକା କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

**ସୁକିନ୍ଦା, ୨୫।୧୧(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଅନୁଗୁଳ ଅଞ୍ଚଳର ଧୀରେନ୍ଦ୍ର ପଣ୍ଡା(୫୮) ମଙ୍ଗଳବାର ବାଇକ ନେଇ ଯାଜପୁର ଟାଉନ୍ ଯାଉଥିବା ସମୟରେ ସୁକିନ୍ଦା ମେଡ଼ିକାଲ ସମ୍ମୁଖରେ ଏକ ଷଣ୍ଢ ସହ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଧୀରେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଧିରେନ୍ଦ୍ରକୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କୁରାଳ ପଞ୍ଚମୀରେ ପୂଜା ପାଇଲେ ଲକ୍ଷ୍ମୀନାରାୟଣ



**ଯାଜପୁର, ୨୫।୧୧(ସମିସ):** କୁରାଳ ପଞ୍ଚମୀ ଅବସରରେ ପୂଜା ପାଇଲେ ଲକ୍ଷ୍ମୀନାରାୟଣ। ଏହି ପୂଜା ହେଉଛି କୁମ୍ଭକାରମାନଙ୍କର ଏକ ପ୍ରମୁଖ ପର୍ବ। ମାର୍ଗଶୀର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କୁମ୍ଭକାରମାନେ ନିଜର ଇଷ୍ଟ ଦେବାଦେବୀଙ୍କ ସ୍ମରଣାର୍ଥେ ପାଞ୍ଚ ଦିନ ଧରି ଏହି ପର୍ବ ପାଳନ କରିଥାନ୍ତି। ଏହାକୁ କୁରାଳ ପଞ୍ଚମୀ ପର୍ବ କୁହାଯାଏ। ଯାଜପୁର ପୌରାଞ୍ଚଳ ରାମେଶ୍ୱର ଗ୍ରାମର କୁମ୍ଭାର ସାହିରେ ଲକ୍ଷ୍ମୀନାରାୟଣଙ୍କ ପୂଜା କରାଯାଇଛି। ସକାଳେ କଳସ ବୁଡ଼ା ହେବା ପରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଆରମ୍ଭ କରାଯାଇଥିଲା। କୁମ୍ଭାର ସାହିର ସଦସ୍ୟମାନେ ନବବସ୍ତ୍ର ପରିଧାନ ପୂର୍ବକ ଅତ୍ୟନ୍ତ ଶୁଦ୍ଧପୂତ ଚିତ୍ତରେ ପୂଜା ମଣ୍ଡପରେ ଉପସ୍ଥିତ ରହି ପୂଜା କାର୍ଯ୍ୟ ଲକରିଥିଲେ। ଏହି ପୂଜାରେ ଶୁକଦେବ ମୁଦୁଲି, ମକରକେତନ ମୁଦୁଲି, ଶଙ୍କର୍ଷଣ ମୁଦୁଲି, ଗଦାଧର ମୁଦୁଲି, ପ୍ରଭାତ ମୁଦୁଲି, ଦିଲ୍ଲୀପ ସାହୁ, ମାଧବ ଚନ୍ଦ୍ର ମୁଦୁଲି, ବାପିନ ମୁଦୁଲି, କାଳନ୍ଦୀ ମୁଦୁଲି, ଜିତେନ କୁମାର ମୁଦୁଲି, ରବୀନ୍ଦ୍ର ମୁଦୁଲି, ବଳରାମ ମୁଦୁଲି, କପିଳା ସାହୁ ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ।

# ବେଆଇନ ବାଲି ଉତ୍ତୋଳନକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର, ୨୫।୧୧(ସମିସ):** ବୁଢ଼ା ନଦୀର ଓଲେଇପଡ଼ା ଠାରୁ ନଖେଇ ପର୍ଯ୍ୟନ୍ତ ନଦୀ ଘାଟରୁ ବେଆଇନ ବାଲି ଉଠାଣ ଓ ପରିବହନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାର ନକଲ ଖଣି ଉପ ନିର୍ଦ୍ଦେଶକ, ପୁଲିସ ଅଧିକ୍ଷକ, ତହସିଲଦାର, ଯାଜପୁର ଓ ସଦର ଥାନାଧିକାରୀକୁ ପ୍ରେରଣ କରିଛନ୍ତି। ଏହି ବୁଢ଼ା ନଦୀରୁ ଉପରୋକ୍ତ ସ୍ଥାନ ଗୁଡ଼ିକରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ବାଲି ମାଫିଆ ପରିବହନ କରୁଥିବା ନେଇ ସ୍ଥାନୀୟ ପଞ୍ଚାୟତ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ଅନବରତ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଯୋଗେ ପରିବହନ କରିବା ଦ୍ୱାରା ଗ୍ରାମ୍ୟ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ଓଦା ବାଲି ପଡ଼ି ରାସ୍ତା ଦୁରାବସ୍ଥା ଘଟୁଛି। ଏହି ପ୍ରମୁଖ ରାସ୍ତାରେ ବେଆଇନ ବାଲି ପରିବହନ କରାଯିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଟ୍ରାକ୍ଟର ଗାଡ଼ି ବାଲି ବୋଝେଇ କରି ଦ୍ରୁତ ଗତିରେ ଯିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ରହିଛି। ଏପରିକି ନଦୀ କୂଳରୁ ବେଆଇନ ବାଲି ଉତ୍ତୋଳନ କରିବା ଦ୍ୱାରା ନଦୀକୁ ଶୌଚ ହେବାକୁ ଲୋକେ ଯାଇପାରୁନାହାଁନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ପାଣିକୋଇଲି ଟ୍ରାଫିକ୍ ସମସ୍ୟା

# ଜବରଦଖଲ ଉଚ୍ଛେଦ ପାଇଁ ମାପ ଚୁପ

**ପାଣିକୋଇଲି, ୨୫।୧୧(ସମିସ):** ପାଣିକୋଇଲି ଛକରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ତ୍ରୁଟିପୂର୍ଣ୍ଣ ଯାତାୟତ ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ନଥିବାରୁ ଦୈନିକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ପରିବହନ ବିଭାଗ ଶୂନ ମୃତ୍ୟୁହାର ସପ୍ତାହ ପାଳନ କରୁଥିବା ବେଳେ ଅନ୍ୟପଟେ ଟ୍ରାଫିକ ସୁଧାର ଦିଗରେ ନିରବତା ଅବଲମ୍ବନ କରଉଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୧୬ ଓ ୨୦ ମିଶ୍ରଣସ୍ଥଳୀ ପାଣିକୋଇଲି ବଜାର ମଧ୍ୟ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମଟର ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ବହୁ ଧନଜୀବନ ଅକାରଣରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗତ ଅକ୍ଟୋବର ୨୩ ତାରିଖ ଦିନ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପାଣିକୋଇଲି ବଜାର ପରିଦର୍ଶନ କରିବା ସହିତ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ଶ୍ରୀ କର ସୂଚନା ଦେଇଥିଲେ। ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୭ ତାରିଖ ଦିନ ଉଭୟ ରାଜପଥର ପଥରପଦା ଓ ଅଳତିରି ମୌଜାର କଡକୁ ରାଜପଥ ସମ୍ପ୍ରସାରଣ ପାଇଁ ମାପ କରାଯାଇ ସରକାରୀ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ କରିଥିଲେ। ତେବେ ଏ ନେଇ ୨ ଦିନ ମାପ ପରେ ଏହା ବନ୍ଦ ରହିଥିଲା। ଆଜି ପୁଣି ତୃତୀୟ ଦିନରେ ମାପ କରାଯାଇ ଜମି ଚିହ୍ନଟ କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ମୁତୟନ ଥିଲେ। ଅପରପକ୍ଷେ ମାପଚୁପ ପରେ ବଜାର ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଉଠା ଦୋକାନୀ ମାନଙ୍କ ମଧ୍ୟରେ ଆତଙ୍କ ବୃଦ୍ଧି ପାଉଛି। ଜବିକା ହରାଇବାର ଭୟ ଘାରିଛି। ଉଠା ଦୋକାନୀମାନଙ୍କୁ ହଟାଇବା ପୂର୍ବରୁ ସେମାନଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ କରାଇବାକୁ ସାଧାରଣରେ ଦାବି ହୋଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର

# ରୋଗୀଙ୍କ ଭରସା ପାଲଟିଛନ୍ତି ଔଷଧ ଦୋକାନୀ

**ବିଞ୍ଝାରପୁର, ୨୫।୧୧(ସମିସ):** ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତବାସୀ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଘୋର ଅଭାବ ରହିଛି। ଏହା ସହିତ ସାଙ୍ଗକୁ ନର୍ସ ଓ ଡ୍ରେସିଂ ରୁମ୍‌ରେ ମଧ୍ୟରେ ଡ୍ରେସର ନାହାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଡାକ୍ତରମାନଙ୍କୁ ଅନ୍ୟତ୍ର ବଦଳି କରିବା ସହ ଡେପୁଟେସନ୍‌ରେ ମଧ୍ୟ ପଠାଇ ଦିଆଯାଉଛି। ଡାକ୍ତରଖାନାକୁ ଆସୁଥିବା ବ୍ୟକ୍ତି ମାନେ ଜଣେ ଭଲ ଡାକ୍ତର ନ ପାଇ ମେଡିସିନ୍ ଦୋକାନରୁ ଔଷଧ ନେଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଫଳରେ ଏହି ଅଞ୍ଚଳରେ ରୋଗୀଙ୍କ ଭରସା ପାଲଟିଛନ୍ତି ଔଷଧଦୋକାନୀ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ନ ପାଇ ରୋଗୀମାନେ ବାଧ୍ୟ ହୋଇ ଔଷଧ ଦୋକାନରୁ କହି କି ଔଷଧ ନେଉଛନ୍ତି। ରୋଗୀଙ୍କ ଆବଶ୍ୟକତାକୁ ନଜରରେ ରଖି ବ୍ଲକର ବିଭିନ୍ନ ଔଷଧ ଦୋକାନ ଏବେ ଡାକ୍ତରଖାନା ପାଲଟିଯାଇଛି। ଅଧିକାଂଶ ଔଷଧ ଦୋକାନ ପାଇଁ ଆବଶ୍ୟକତା ଆକାରରେ ଘର ନାହିଁ କି ପଞ୍ଜିକୃତ ଫାର୍ମାସିଷ୍ଟ ମଧ୍ୟ ନାହାଁନ୍ତି। ଡାକ୍ତରଙ୍କ ପ୍ରେସ୍‌କ୍ରିପସନ ବିନା ନିଜେ ଡାକ୍ତର ହୋଇ ଔଷଧ ବିକ୍ରି କରୁଛନ୍ତି ଏହି ଅନଭିଜ୍ଞ ବ୍ୟକ୍ତି। ଔଷଧ ଦୋକାନ ଚଳାଇବା ପାଇଁ ଭେଷଜ ନିୟନ୍ତ୍ରକଙ୍କ ଅନୁମତି ପତ୍ର (ଲାଇସେନ୍ସ) ଆବଶ୍ୟକ। ଭେଷଜ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋଲା ହେବାକୁ ଥିବା ଦୋକାନର ଉପଯୁକ୍ତ ଯାଞ୍ଚ କରାଯାଇ ଲାଇସେନ୍ସ ପ୍ରଦାନ କରାଯାଇଥାଏ। ବିଞ୍ଝାରପୁର ବ୍ଲକର ଏମିତି ବହୁ ଔଷଧ ଦୋକାନ ରହିଛି; ଯାହାର ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ବିଦେଶରେ ରହି ଅନ୍ୟ ସଂସ୍ଥାରେ କାମ କରୁଥିବା ବେଳେ ତାଙ୍କ ଲାଇସେନ୍ସରେ ଦୋକାନ ଖୋଲି ଚାଲିଛି ମିନି ଡାକ୍ତରଖାନା। ବିଞ୍ଝାରପୁର ବ୍ଲକରେ ଅଧିକାଂଶ ପାନ ଦୋକାନ କ୍ୟାବିନରେ ଔଷଧ ବିକ୍ରି ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ହାତ ଗଣତି କେତେକ ଦୋକାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଔଷଧ ଦୋକାନରେ ବିନା ଫାର୍ମାସିଷ୍ଟରେ ଔଷଧ ବିକ୍ରି କରାଯାଉଛି। କେତେକ ଔଷଧ ଦୋକାନୀ ରୋଗୀଙ୍କୁ ନିଜ ଦୋକାନ ବାରଣ୍ଡାରେ ଇଞ୍ଜେକସନ ଦେଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥାଏ। ଭେଷଜ ନିୟନ୍ତ୍ରକ ମାସିକିଆ ବଟି ନେଉଥିବାରୁ ସେମାନଙ୍କ ପାଦ ଏଠାରେ ପଡେନି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଓଲେଇ-ଚନ୍ଦନପୁର ପଞ୍ଚାୟତ

# ଉନ୍ନତିମୂଳକ କାମରେ ଅନିୟମିତା ଅଭିଯୋଗ

**ପ୍ରୀତିପୁର, ୨୫।୧୧(ସମିସ):** ବିଞ୍ଝାରପୁର ବ୍ଲକ ଓଲେଇ-ଚନ୍ଦନପୁର ପଞ୍ଚାୟତ ଉନ୍ନତିମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ବିଞ୍ଝାରପୁର ବ୍ଲକ ଓଲେଇ-ଚନ୍ଦନପୁର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବାବେଳେ ବର୍ତ୍ତମାନ ବ୍ୟକ୍ତିଗତ ଜାଗାରେ ମମତା ଗୃହ ନିର୍ମାଣ ହେଉଥିବା ୧୩ନଂ ୱାର୍ଡବାସୀ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପତ୍ରଦେବା ସହ ତୁରନ୍ତ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୱାର୍ଡବାସୀ ଦେବେନ୍ଦ୍ର ସାମଲ, ସୁଲୋଚନା ସାମଲ, ନମିତା ସାମଲ, ଦିବାକର ସାମଲ, ଅଭିଜିତ ସାମଲ, ସୁମିତ୍ରା ସାମଲ ପ୍ରମୁଖ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଡିଓ ହିତାଂଶୁ ଶେଖର ସାମଲ ୱାର୍ଡବାସୀଙ୍କ ଲିଖିତ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଆତ୍ମନିର୍ଭର ଭାରତ କର୍ମଶାଳା

**ବଡ଼ଚଣା, ୨୫।୧୧(ସମିସ):** ବିଜେପି ବଡଚଣା ପକ୍ଷରୁ ଆତ୍ମନିର୍ଭରଶୀଳ ଭାରତ ବିଧାନସଭାସ୍ତରୀୟ ଏକ କର୍ମଶାଳା ମହାବିନାୟକ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବଡଚଣା ବିଧାୟକ ଅମର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜେପିର ସଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଏସ୍‌ସିବି ମେଡିକାଲର ସହକାରୀ ଅଧକ୍ଷ ଡା. ଜ୍ୟୋତିପ୍ରକାଶ ନାୟକ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସଚନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇଥିଲେ।ଜିଲ୍ଲା ସଧାରଣ ସମ୍ପାଦକ ପ୍ରମୋଦ କୁମାର ଜେନା ଧନ୍ୟ ବାଦ ପ୍ରଦାନ କରିଥିଲେ।

## 'ଆସ ସ୍କୁଲ୍ କାର୍ଯ୍ୟକ୍ରମ' ପାଣିର ଗାର

# ଶିକ୍ଷାଧିକାରରୁ ବଞ୍ଚିତ ନଗଡ଼ାର ଛାତ୍ରଛାତ୍ରୀ

ଯାଜପୁର, ୨୫।୧୧(ସମିସ)




ଭାରତରେ ଶିକ୍ଷା ହେଉଛି ମୌଳିକ ଅଧିକାର। ସମସ୍ତ ଶିଶୁଙ୍କୁ ଶିକ୍ଷା ମିଳିବା ବାଧ୍ୟତାମୂଳକ ହୋଇଥିବାବେଳେ ଆଜି ବି ଅନେକ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏକଦା ପଛୁଆ ଅଞ୍ଚଳ ଭାବେ ପରିଚିତ ସୁକିନ୍ଦା ବ୍ଲକ ନଗଡ଼ା ଅଞ୍ଚଳରୁ ପୁଣି ସେହି ଅଭିଯୋଗ ଆସିଛି। ଶିଶୁଙ୍କୁ ସ୍କୁଲ୍‌କୁ ଆଣିବା ପାଇଁ ଆସ ସ୍କୁଲ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଅନେକ ଯୋଜନା ରହିଛି। କିନ୍ତୁ ଏହାର ବାସ୍ତବ ରୂପାୟନ ହେଉ ନ ଥିବାରୁ ଶିଶୁମାନେ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଛନ୍ତି। ସୁକିନ୍ଦା ବ୍ଲକର ଚିଙ୍ଗୁଡ଼ିପାଳ ପଞ୍ଚାୟତର ନଗଡ଼ା, ଗୁହିଆଶାଳ ଓ ତୁମୁଣୀର ଶତାଧିକ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଚିଙ୍ଗୁଡିପାଳ ପଞ୍ଚାୟତରେ ଥିବା ଦେଓଗାଁ ସରକାରୀ ଉପ୍ରା ବିଦ୍ୟାଳୟରେ ୧୧୨ ଜଣ ଛାତ୍ରଛାତ୍ରୀ ଡ୍ରପଆଉଟ ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ଚଳିତବର୍ଷ ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ମୋଟ ୨୨୩ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ନାମ ଲେଖାଇବା ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ମିଛରେ ଚଳିତ ବର୍ଷଠାରୁ ହଷ୍ଟେଲ ସୁବିଧା ମିଳିବ ବୋଲି ମିଛ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଜିଲ୍ଲା ତଥା ଜିଲ୍ଲା ବାହାର କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଶିକ୍ଷାବର୍ଷ ଆରମ୍ଭ ଏପ୍ରିଲ ମାସରେ ଛାତ୍ରଛାତ୍ରୀ ନାମ ଲେଖାଯାଇଥିଲା। କିନ୍ତୁ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଶେଷ ନ ହେବାରୁ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ମିଳି ନ ଥିଲା। ଫଳରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ସ୍କୁଲକୁ ଯାଇନାହାଁନ୍ତି। ଫଳରେ ଗତ ଦୀର୍ଘ ୭ ମାସ ଧରି ବିଦ୍ୟାଳୟରୁ ଡ୍ରପ୍‌ଆଉଟ ଥିବା ଜଣାପଡ଼ିଛି। ଏହି ଘଟଣାରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ୧୧୨ ଜଣ ଛାତ୍ରଛାତ୍ରୀ ଶିକ୍ଷା ଅଧିକାର, ଖାଦ୍ୟ ଅଧିକାର ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ଲେଖି ଛାତ୍ରଛାତ୍ରୀଙ୍କ ଶୈଶବ ଅଧିକାର କ୍ଷୁଣ୍ଣ ଘଟଣାର ତଦନ୍ତ ଦାବି କରିବା ସହ ଯଥାଶୀଘ୍ର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ଏହି ମାମଲା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ପହଞ୍ଚିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଆୟୋଗ ଏଥିପାଇଁ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ମାଗିଲେ ମିଳୁନି ସୂଚନା ଅଧିକାର ତଥ୍ୟ

**ମଙ୍ଗଳପୁର, ୨୫।୧୧(ସମିସ):** ଦଶରଥପୁର ବ୍ଲକ ମଲ୍ଲୀକାପୁର ପଞ୍ଚାୟତରେ ବିଭିନ୍ନ ଯୋଜନାରେ କରାଯାଉଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ସାମାଜିକ କର୍ମୀ ଦେବୀପ୍ରସାଦ ପତି ଅଭିଯୋଗ କରିବା ସହ ଆର୍‌ଟିଆଇ ଜରିଆରେ ଦଶରଥପୁର ବ୍ଲକର ସୂଚନା ଅଧିକାରୀଙ୍କୁ ପଞ୍ଚାୟତର କେତେକ ତଥ୍ୟ ମାଗିଥିଲେ। ନିୟମ ଅନୁଯାଇ ଆବେଦନକାରି ତଥ୍ୟ ମାଗିବାର ୩୦ଦିନ ମଧ୍ୟରେ ତଥ୍ୟ ପ୍ରଦାନ କରିବାର ନିୟମ ରହିଛି। କିନ୍ତୁ ଦୀର୍ଘ ୮ ମାସ ବିତିଯାଇଥିଲେ ବି ଆବେଦନକାରୀଙ୍କୁ ତଥ୍ୟ ନମିଳିବାରୁ ସେ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲକୁ ୨ମାସ ବିତିଯାଇଥିଲେ ମଧ ଅଦ୍ୟାବଧି ଦେବୀ ପ୍ରସାଦଙ୍କୁ ତଥ୍ୟ ପ୍ରଦାନ କରାଯାଇନାହିଁ। ତଥ୍ୟ ଦେବାରେ ବିଳମ୍ବକୁ ନେଇ ମଲ୍ଲୀକାପୁର ପଞ୍ଚାୟତରେ ଦୁର୍ନୀତି ହୋଇଥିବା ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଦୁର୍ନୀତିକୁ ଘଣ୍ଟ ଘୋଡ଼େଇବାକୁ ବ୍ଲକ ପ୍ରଶାସନ ଚେଷ୍ଟା କରୁଛି ବୋଲି ଅଭିଯୋଗ ହେଉଛି।

# ସମ୍ପାଦକୀୟ



ଶିଶୁ ଶ୍ରମିକ ପ୍ରଥା ମାନବିକତା ବିରୋଧୀ... । ମୋ ଜୀବନକାଳ ମଧ୍ୟରେ ଏହି ଘୃଣ୍ୟ ପ୍ରଥାର ସମାପ୍ତି ମୁଁ ଦେଖିବି

- କୈଳାସ ସତ୍ୟାର୍ଥୀ

ସକାଳ
THE SAKALA

## ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ

ଦୀର୍ଘ ୭୯ ବର୍ଷର ଯାତ୍ରାରେ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଉତ୍‌ଥାନ ପତନର ସମ୍ମୁଖୀନ ହୋଇଛି । ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି । କିନ୍ତୁ ସମ୍ବିଧାନର ସାହାରାରେ ପୁଣି ଅଣ୍ଟା ସଳଖି ବିଶ୍ୱ କୂଟନୀତି, ଭୂ-ରାଜନୀତି ସହିତ ସଦର୍ପେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆଗରେ ଏବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଉତ୍ତରଦାୟିତ୍ୱର ଅଭାବ । ସାମଗ୍ରିକ ଶାସନ ବ୍ୟବସ୍ଥାକୁ ନିରେଖି ଦେଖିଲେ ସମ୍ବେଦନଶୀଳ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ଗଣତନ୍ତ୍ରର ଚାରି ସ୍ତମ୍ଭ ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ ନିଜ ନିଜ ଉତ୍ତରଦାୟିତ୍ୱ ନିର୍ବାହ କରିବାରେ ନିଷ୍ଠାବାନ ତ? ଏହାର ତିକ୍ତ ଅପ୍ରିୟ ଉତ୍ତର ନାସ୍ତିବାଚକ ହେବାକୁ ବାଧ୍ୟ ।

ସମ୍ବିଧାନ ଆମକୁ ଅଭିବ୍ୟକ୍ତିର ସ୍ୱାଧୀନତା, ସ୍ୱୟଂଶାସନର କ୍ଷମତା ଓ ଅନେକ ମୌଳିକ ଅଧିକାର ଦେଇଛି । କିନ୍ତୁ ଏହି ସ୍ୱାଧୀନତାକୁ ବ୍ୟବହାର କଲା ବେଳେ କିମ୍ବା କ୍ଷମତାର ପ୍ରୟୋଗ କିମ୍ବା ମୌଳିକ ଅଧିକାର ସାବ୍ୟସ୍ତ କଲା ବେଳେ ଉତ୍ତରଦାୟିତ୍ୱର ଅଭାବ ପରିଲକ୍ଷିତ ହେଉଛି । ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ବିଧାନପାଳିକା ନୀତି ନିର୍ଦ୍ଧାରକମାନଙ୍କର ନିତାନ୍ତ ସ୍ୱଅଧିକାର କ୍ଷେତ୍ର ହୋଇଥିଲେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ହିସାବରେ ରାଷ୍ଟ୍ର ଓ ନାଗରିକଙ୍କ ପ୍ରତି ସେମାନଙ୍କ କାର୍ଯ୍ୟଧାରା ଉତ୍ତରଦାୟିତ୍ୱର ଶୃଙ୍ଖଳାରୁ ମୁକ୍ତ ନୁହେଁ । କିନ୍ତୁ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷମତାସୀନ ଦଳମାନେ ନିଜକୁ ସୁହାଇବା ପରି ମୋଡ଼ିମକଚି ଦେବାରେ କୁଣ୍ଠାବୋଧ କରୁନଥିବାର ଅଭିଯୋଗ ବହୁଳ । ସେହିପରି ବିରୋଧୀ ଦଳର ଉଚ୍ଚାରଣ ଓ ଆଚରଣ ଉତ୍ତରଦାୟିତ୍ୱମୁକ୍ତ ହୋଇ ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ବିଶ୍ୱସନୀୟତା ସଙ୍କଟ ସୃଷ୍ଟି କରୁଛି । ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର-ରାଜ୍ୟ ଭିତରେ ସେତୁ ଭାବରେ କାର୍ଯ୍ୟ କରିବା ପାଇଁ ସମ୍ବିଧାନ କେତେକ ନିର୍ଦ୍ଦିଷ୍ଟ କ୍ଷମତା ଓ ଅଧିକାର ଦେଇଛି ଏବଂ କିଛି ଲକ୍ଷ୍ମଣରେଖା ଟାଣିଛି । ଅଥଚ ଉତ୍ତରଦାୟିତ୍ୱ ଅଭାବରୁ ସେହି ସେହି କ୍ଷମତା ଓ ଅଧିକାରର ଦୁରୁପଯୋଗ ଅନେକ ସମୟରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି ଏବଂ ନ୍ୟାୟପାଳିକାକୁ ଅଯଥା ହସ୍ତକ୍ଷେପ କରିବାକୁ ପଡୁଛି ।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି । ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସାମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି । ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି । ଗଣତନ୍ତ୍ରର ଜାଗ୍ରତ ପ୍ରହରି ଗଣମାଧ୍ୟମ ମଧ୍ୟ ଉତ୍ତରଦାୟିତ୍ୱ ନିର୍ବାହରେ ଅବହେଳା ଅଭିଯୋଗରୁ ମୁକ୍ତ ନୁହେଁ । ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ । କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋଳକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ । ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚାର ଆଡ଼କୁ ଟାଣି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ । ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ୱଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ।

ମୋଟ ଉପରେ ଦେଖିବାକୁ ଗଲେ କେବଳ ଗଣତନ୍ତ୍ରର ଚାରି ସ୍ତମ୍ଭ ନୁହେଁ, ନାଗରିକମାନେ ମଧ୍ୟ ନିଜ ନିଜ ଉତ୍ତରଦାୟିତ୍ୱ ପ୍ରତି ସଚେତନ, ନିଷ୍ଠାବାନ୍ ଓ ସମ୍ବେଦନଶୀଳ ନୁହନ୍ତି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କୁ ସ୍ୱାବଲମ୍ବନ ଓ ଅର୍ଥ ଉପାର୍ଜନର ସ୍ୱାଧୀନତା ଓ ଅଧିକାର ଆମ ସମ୍ବିଧାନ ଦେଇଛି । କିନ୍ତୁ ଏହା ସହିତ ସମାଜ ଓ ରାଷ୍ଟ୍ରର ସାମୂହିକ ମଙ୍ଗଳ ଓ କଲ୍ୟାଣସାଧନ ପାଇଁ ଯେଉଁ ଉତ୍ତରଦାୟିତ୍ୱ ଯୋଡ଼ି ହୋଇଛି ତାହାର ଘୋର ଅଭାବ ରହିଥିବାରୁ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ବୈଷମ୍ୟ ଉତ୍କଟ ହେବାରେ ଲାଗିଛି । ସ୍ୱାବଲମ୍ବନର ଅର୍ଥ ନୁହେଁ ସର୍ବସାଧାରଣରେ ନିଷେଧ ଦ୍ରବ୍ୟ ବିକ୍ରି କରିବା କିମ୍ବା ନିଷିଦ୍ଧ ଓ ଅଶୋଭନୀୟ କାର୍ଯ୍ୟକଳାପ ପ୍ରଦର୍ଶନ କରିବା । ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଊର୍ଦ୍ଧ୍ୱରେ ଆମ ସମାଜ ଆମ ପାଇଁ କେତେକ ସଂସ୍କାର, ସଂଭ୍ରମ, ସଂଯମ ଓ ଶିଷ୍ଟତାର ଲକ୍ଷ୍ମଣରେଖା ଟାଣିଛି । ସ୍ୱାଧୀନତାର ପରିପ୍ରକାଶ ଓ ଅଧିକାର ସାବ୍ୟସ୍ତ ବେଳେ ଏହି ଲକ୍ଷ୍ମଣରେଖାର ସୁରକ୍ଷା ଓ ସମ୍ମାନ ପ୍ରତି ଥିବା ଆମର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । କିନ୍ତୁ ଏହାର ତୀବ୍ର ଉଲ୍ଲଙ୍ଘନ ଓ ଉତ୍ତରଦାୟିତ୍ୱର ଅଭାବ ହେତୁ ଶିଳ୍ପ, ଶବ୍ଦ, ଜଳ ପ୍ରଦୂଷଣ ପରି ଭୀଷଣ ପରିବେଶ ସଙ୍କଟ ସୃଷ୍ଟି ହେଉଛି, ସାଂସ୍କୃତିକ ଅବକ୍ଷୟ ଘଟୁଛି ଏବଂ ମାନବୀୟ ସଂହତିର ବିପରୀତ ବାତାବରଣକୁ ଜନ୍ମ ଦେଉଛି । ଏହା ସମ୍ବିଧାନ ପ୍ରଦତ୍ତ ସ୍ୱଚ୍ଛ ଓ ସାବଲୀଳ ଜୀବନ ଜିଇଁବାର ଅଧିକାରର ପରିପନ୍ଥୀ । ଗୋଟିଏ ଅଧିକାର ସାବ୍ୟସ୍ତ ବେଳେ ଉତ୍ତରଦାୟିତ୍ୱ ନ ରହିଲେ ତାହା ଅନ୍ୟର ଅଧିକାରକୁ ହନନ କରେ । ଏହାଦ୍ୱାରା ସ୍ୱାଧୀନତା ହିଁ ଅର୍ଥହୀନ ହୋଇପଡ଼େ ।

ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଆମ ସମ୍ବିଧାନ ଅଧିକ ପରିପକ୍ୱ ହେଉଛି । ସାମ୍ପ୍ରତିକ ଅସ୍ଥିର ଭୂ-ରାଜନୈତିକ ପୃଷ୍ଠଭୂମିରେ ନାଗରିକ ଭାବେ ଆମର କର୍ତ୍ତବ୍ୟ ହେଉଛି ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପ୍ରତି ଥିବା ଆମର ଉତ୍ତରଦାରୟିତ୍ୱର ନିର୍ବାହନ । ସ୍ୱାଧୀନତାର ଉପଭୋଗ ସହିତ ଉତ୍ତରଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ହୋଇପାରିଲେ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିପାରିବ ଏବଂ କ୍ଷମତାର ମଧ୍ୟ ସୁଷମ ଓ ସନ୍ତୁଳିତ ସଦୁପଯୋଗ ସୁନିଶ୍ଚିତ ହେବ ।

# ଦୁର୍ନୀତି ଓ ଦୁରାଚାର

ବୈକୁଣ୍ଠନାଥ ମିଶ୍ର

ଏକ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ଯେଉଁ ଆତ୍ମଗରିମା ଲାଭ କରି ଅନ୍ୟ ଉପରେ ଶ୍ରେଷ୍ଠତ୍ୱ ଜାହିର କରି ଆସୁଥିଲା, ତାହା କେବଳ ଏକ ବାଚନିକ ସଂଶ୍ଳେଷଣ । ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । କାରଣ ମଣିଷର ସାମାଜିକ ତତ୍ତ୍ୱ ଆଜି ଘୋର ବିତର୍କ ମଧ୍ୟକୁ ଠେଲି ହୋଇଯାଇଛି । ବାହ୍ୟରୂପକୁ ଦେଖି କୌଣସି ମଣିଷର ସ୍ୱଭାବ ଆକଳନ କରିବା କେବେ ବି ନିର୍ଭୁଲ ହୋଇ ନପାରେ । ବାହ୍ୟଦୃଷ୍ଟିରେ ଗୁରୁଗମ୍ଭୀର ଅଥବା ଧୀରପ୍ରଶାନ୍ତ, ପୁଣି ଅଙ୍ଗରାଜିରେ ବୟସର ଛାପ ପରିଲକ୍ଷିତ ହେଉଥିଲେ ମଧ୍ୟ ଅନ୍ତରରେ କୁତ୍ସିତ ଆଦିମତା ଭରପୂର ରହିଛି । ଏଭଳି ତତ୍ତ୍ୱମାନଙ୍କୁ ଦେଖିଲେ ମନରେ ସ୍ୱତଃ ସନ୍ଦେହ ଉପୁଜେ ଯେ ବ୍ୟକ୍ତିଟିକୁ ଆମେ ଯାହା ମନେକରୁ ସେ ତାହା ନୁହେଁ । ତେବେ ବିଶ୍ୱାସ ଶବ୍ଦଟି କ'ଣ ସମୟର ପ୍ରଭାବରେ ମରି ହଜି ଯିବାକୁ ବସିଛି । ଯଦି ବିଶ୍ୱାସର ବିଲୟ ଘଟେ ତେବେ ମାନବିକତା ତିଷ୍ଠିବ କିପରି? ତେବେ କ'ଣ ମନୁଷ୍ୟ କ୍ରମେ ପଶୁଠାରୁ ବି ନିମ୍ନସ୍ତରକୁ ଖସିଯାଉଛି? ଜଣେ ଚିନ୍ତାଶୀଳ ବ୍ୟକ୍ତିର ମନୋରାଜ୍ୟରେ ଆଜି ସହସ୍ର ସଂଶୟର ଭୂକମ୍ପନ ।

ସମାଜରେ ଶୃଙ୍ଖଳା ନାହିଁ । ବ୍ୟକ୍ତିର ବ୍ୟକ୍ତିତ୍ୱ ଭୂଲୁଣ୍ଠିତ । ନାରୀର ଇଜ୍ଜତ ପ୍ରତି କେହି ସମ୍ବେଦନଶୀଳ ନୁହନ୍ତି । ସରକାରର ତିନିଟିଯାକ ଅଙ୍ଗ- ବ୍ୟବସ୍ଥାପିକା, ଶାସନ ଓ ନ୍ୟାୟପାଳିକା ଅଳ୍ପବହୁତେ କୀଟଦ୍ରଂଷ୍ଟ । ଗୁରୁ ହରାଇ ବସିଲେଣି ଗୁରୁତ୍ୱ । ନିଜ ପୁତ୍ରୀ ସମାନ ଛାତ୍ରୀଟି ଗୁରୁଙ୍କଠାରୁ ଲାଭ କରୁଛି ଅବାଞ୍ଛିତ ମାତୃତ୍ୱ । ଈଶ୍ୱରଙ୍କ ଅନ୍ୟ ଏକ ଅବତାର ଚିକିତ୍ସକ ପବିତ୍ର କର୍ତ୍ତବ୍ୟରୁ ଓହରି ଯାଇ ଅର୍ଥ ଲିପ୍ସାର ଗୋଲାମ ସାଜୁଛି । ମନସ୍ଥିର, ଜ୍ଞାନଧୀର, କର୍ମଚଞ୍ଚଳ ଓ ଭକ୍ତପାଗଳ ଭଳି ମହାର୍ଘ ବାଣୀ ଆଜି ବିଲକ୍ଷଣଯୁକ୍ତ । କେଉଁଠି ପତ୍ନୀ ନିଜ ପ୍ରେମିକ ସହ ହାତ ମିଳାଇ ପତିଙ୍କର ମୃତ୍ୟୁଲୀଳା ରଚିଲାଣି ତ ପୁଣି କେଉଁଠି ପରକୀୟା ପ୍ରୀତିରେ ନିମଗ୍ନ କାମୁକ ପୁରୁଷଟି ପତିପ୍ରାଣା ପତ୍ନୀଙ୍କୁ ଦେଉଛି ହତ୍ୟାର ଉପହାର । ବୃଦ୍ଧ ପିତାମାତା ଆତ୍ମଜଙ୍କ ଦ୍ୱାରା ଉପେକ୍ଷିତ ଓ ଲାଞ୍ଛିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି ।

ମଣିଷ ନା ନିଜେ ସୁଖରେ ରହି ପାରୁଛି, ନା ଅନ୍ୟକୁ ସୁଖରେ ରହିବାରେ ସହାୟକ ହେଉଛି । ବିନା ଶାସନ, ବିନା ଭୟରେ ସମସ୍ତେ ଏକ ଉଦ୍ଦାମ ସ୍ୱାଧୀନତା ଉପଭୋଗରେ ନିମଗ୍ନ । ଭୟ ଥିଲେ ରାଜ୍ୟର ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୁବକଟି ମାତ୍ର ୧୫ହଜାର ଟଙ୍କାର ଲାଞ୍ଚ ନେଇ ବିଚାରାଧୀନ ଅପରାଧୀ ସାଜି ନ ଥା'ନ୍ତା । ଭୟ ଥିଲେ ଏଏସଆଇ ଚାକିରି କରାଇ ଦେବାକୁ ମୁଣ୍ଡପିଛା ୨୫ଲକ୍ଷ ଟଙ୍କାର ଲାଞ୍ଚ ଆଦାୟ କରି ପୁଲିସ୍ ହାତରେ ଧରା ପଡ଼ି ନ ଥା'ନ୍ତେ । ଦୁର୍ନୀତି ଏକ ସଂକ୍ରାମକ ରୋଗର ରୂପ ନେଇ ସାରିଥିବା ବେଳେ ଯୌନ ଉଚ୍ଛୃଙ୍ଖଳତା ଏକ ଦୁରାରୋଗ୍ୟ ସଂକ୍ରାମକ ଭାବେ ତୀବ୍ର ପ୍ରସାର ଲାଭ କରିବାରେ ଲାଗିଛି । ଦୁର୍ନୀତି ଓ ଦୁରାଚାର ସମାଜର ସବୁସ୍ତରକୁ ବ୍ୟାପିଗଲାଣି । ଏଥିରୁ ଶିକ୍ଷକ, ପ୍ରଶାସକ, ଚିକିତ୍ସକ, ନେତା ଅଭିନେତା ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ କେହି ବି ମୁକ୍ତ ନୁହନ୍ତି ।

ଚଳଚ୍ଚିତ୍ର ଜଗତରେ କାଷ୍ଟିଂ କାଉଚ (ଅଭିନୟ ପାଇଁ ସୁଯୋଗ ଦେବା ଆଳରେ ଅଭିନେତ୍ରୀମାନଙ୍କ ପ୍ରତି ଯୌନ ଆକାଂକ୍ଷା ପୋଷଣ କରିବା ) ଏକ ଲୁକ୍‌କାୟିତ ପ୍ରକ୍ରିୟା, ଯାହା ସମୟାନ୍ତରେ ପ୍ରକଟିତ ହୋଇ ସଭ୍ୟ ସମାଜର ଭ୍ରୂକୁଞ୍ଚନ ସୃଷ୍ଟିକରେ । ୨୦୧୭ ମସିହାରେ ହଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜକ ୱାଇନ୍‌ଷ୍ଟାଇନ୍, ଯେକି ଫିଲ୍ମ ଜଗତର ଜଣେ କ୍ଷମତାଶାଳୀ ବ୍ୟକ୍ତିତ୍ୱ ତାଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ପ୍ରାୟ ୮୦ଜଣ ଅଭିନେତ୍ରୀ । ସେଥିପାଇଁ ୱାଇନ୍‌ଷ୍ଟାଇନ୍‌ଙ୍କୁ ନିଜ କମ୍ପାନୀ ବହିଷ୍କାର କରିଥିଲା । ସେହିପରି ଲୋକପ୍ରିୟ ନିର୍ଦ୍ଦେଶକ ଜେମ୍ସ୍ ଟବାକଙ୍କ ନାମରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ୨୩୮ଜଣ ମହିଳା । ଫିଲ୍ମ ଜଗତରେ ପୁରୁଷମାନଙ୍କ ଆଧିପତ୍ୟ ରହୁଥିବାରୁ ନାରୀଙ୍କ ସ୍ୱର ଗୌଣ ହୋଇଥାଏ । ମାତ୍ର କୌଣସି କ୍ଷେତ୍ରରେ ଗୋଟିଏ ନାରୀ ସାହସ ସଞ୍ଚୟ କରି ସ୍ୱର ଉଠାଇଲେ ଅନ୍ୟ ପୀଡ଼ିତାମାନେ ନିଜ ଉପରେ ବହିଯାଇଥିବା ଅପ୍ରକାଶ୍ୟ ଝଡ଼କୁ ପ୍ରକାଶ କରିବାର ସୁଯୋଗ ପା'ନ୍ତି । ସମ୍ମାନହାନି ଭୟରେ ମହିଳାମାନେ ଅଧିକାଂଶ କ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ ନିରବ ରହିବାକୁ ଶ୍ରେୟ ମଣନ୍ତି । ନାରୀମାନେ ଯୌନାଚାର ବିରୋଧରେ ନିରବତା ଅବଲମ୍ବନ କରନ୍ତି । କାରଣ ସେମାନଙ୍କୁ ହିଁ ପ୍ରଥମେ କଷ୍ଟ ଭୋଗିବାକୁ ହେବ ।

ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ସଦ୍ୟ ଆକଳନ ଅନୁଯାୟୀ ଭାରତରେ ଦୈନିକ ୪୨୦ ମହିଳା ଯୌନ ଅତ୍ୟାଚାରର ଶିକାର ହେଉଛନ୍ତି । ଧର୍ଷଣ, ଅପହରଣ, ଯୌତୁକ ଜନିତ ମୃତ୍ୟୁ ଓ ପରକୀୟା ପ୍ରୀତିର କରୁଣ ପରିଣତି ଯେପରି ଭାବରେ ବଢ଼ି ଚାଲିଛି, ନିଜକୁ ଏକ ସଭ୍ୟ ଜାତିର ଦାୟଦ କହିବାକୁ ଲଜ୍ଜାବୋଧ ହେଉଛି । ଦିବ୍ୟଜନନୀ ଶ୍ରୀମା କହନ୍ତି -'ପ୍ରତ୍ୟେକ କନ୍ୟାରତ୍ନ ଉଦ୍ୟାନର ଗୋଟିଏ ଗୋଟିଏ ପୁଷ୍ପ ସଦୃଶ । ସେମାନଙ୍କୁ ଦୂରରୁ ଅବଲୋକନ କରି ତା' ସୌନ୍ଦର୍ଯ୍ୟରେ ଆତ୍ମହରା ହେବା ଏବଂ ତା'ର ସୃଷ୍ଟିକର୍ତ୍ତାଙ୍କୁ ଧନ୍ୟବାଦ ଦେବା । କୌଣସି ପରିସ୍ଥିତିରେ ପୁଷ୍ପଗୁଡ଼ିକୁ ଦଳିତ ମଥିତ କରିବାର ଅଧିକାର ଆମର ନାହିଁ ।'

ଦିନଥିଲା, ପିଲାମାନେ ସଂଭ୍ରମତାର ସହ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନକୁ ଶ୍ରେୟ ମଣୁଥିଲେ । ଏହାଦ୍ୱାରା ତାଙ୍କ ପରିବାରର ସମ୍ମାନ ବୃଦ୍ଧି ପାଉଥିଲା । ବର୍ତ୍ତମାନ ଯଦି କାହା ପୁଅ ଗୁଣ୍ଡାଗର୍ଦ୍ଦି କରୁଛି, ତା' ବାପାର ପାଦ ତଳେ ଲାଗୁନି ଯେ ପୁଅକୁ ପାଞ୍ଚଜଣ ଡରୁଛନ୍ତି, ଯଦ୍ଦ୍ୱାରା ତା' ପୁଅ ଉଚ୍ଚସମ୍ମାନର ଅଧିକାରୀ ହୋଇଛି । ବର୍ତ୍ତମାନ ଯେତେକ ଆପତ୍ତିଜନକ କାର୍ଯ୍ୟ ସେସବୁ ଭଲ କାମ ବୋଲି ବିବେଚିତ ହେଲାଣି । ଚୋରି, ଡକାୟତି, ଲୁଣ୍ଠନ କରି ଅର୍ଥର ସାମ୍ରାଜ୍ୟ ବିସ୍ତାର କରିପାରିଲେ ତା'କୁ ପରିବାର ତରଫରୁ ଶ୍ରେୟ ମିଳୁଛି । ସାଧାରଣ ଚାକିରିଟିଏ କରିଥିବା ପିଲାଟି ଅପେକ୍ଷା ଚୋରି ଡକାୟତିରେ ବିପୁଳ ଅର୍ଥ ଉପାର୍ଜନ କରିଥିବା ପିଲାଟି ବାପାମା'ଙ୍କର ଅଧିକ ପ୍ରିୟ ହୋଇପାରିଛି ।

କିଛିବର୍ଷ ତଳେ ମଦ୍ୟପାନକୁ ଘୃଣା କରାଯାଉଥିବା ବେଳେ ଆଜିକାଲି ମଦ୍ୟପାନ ଉଗ୍ର ଆଧୁନିକତା ତଥା ସମ୍ଭ୍ରାନ୍ତୀୟ ଲକ୍ଷଣର ପରିଚୟ ବହନ କରୁଛି । ପୂର୍ବେ ସମାଜ ଶୃଙ୍ଖଳିତ ଥିଲା, କାରଣ ମଦ୍ୟପାନ ନଥିଲା । ମଦ ଗୋଟିଏ ଏପରି ଜିନିଷ, ଯାହା ମଣିଷର ବୁଦ୍ଧି ବିବେକକୁ ପ୍ରଥମେ ପ୍ରଭୂତ କ୍ଷତି ପହଞ୍ଚାଇଥାଏ । ଜଣେ ସୁସ୍ଥ ମସ୍ତିଷ୍କଧାରୀ ବ୍ୟକ୍ତି କୌଣସି ଆପତ୍ତିଜନକ କାର୍ଯ୍ୟ କରିପାରିବ ନାହିଁ । କିନ୍ତୁ ମଦ୍ୟପଟିଏ ଅକ୍ଳେଶରେ ଏହା କରିପାରେ । ମଦକୁ ନିଷିଦ୍ଧ କରିବା ପରିବର୍ତ୍ତେ ସରକାର ମଦ୍ୟପଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି । ବାର୍ଷିକ ପ୍ରାୟ ୧୦ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ଭୟରେ ସରକାର ମଦ ବିକ୍ରିକୁ ପ୍ରୋତ୍ସାହିତ କରି ଆସୁଛନ୍ତି । ତେଣୁ ସମାଜରେ ସମସ୍ତ ପ୍ରକାର ବ୍ୟଭିଚାର ବଢ଼ି ଚାଲିଛି । ମଧ୍ୟପ୍ରଦେଶ ସରକାର କିଛିଦିନ ତଳେ ବିଧାନସଭାରେ ଏକ ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ୧୨ କିମ୍ବା ତା'ଠାରୁ କମ୍ ବୟସର ଝିଅକୁ ବଳାତ୍କାର କରିବା ପ୍ରମାଣିତ ହେଲେ ଅପରାଧୀକୁ ମୃତ୍ୟୁଦଣ୍ଡର ପ୍ରାବଧାନ ଅଛି ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

# ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ପୃଥିବୀର ପରିକଳ୍ପନା

ମୀରା ବେଉରା

ଆଜି ସମଗ୍ର ବିଶ୍ୱ ବାରୁଦର ସ୍ତୂପ ଉପର ଦଣ୍ଡାୟମାନ । ଦେଶ-ଦେଶ ମଧ୍ୟରେ ସ୍ନେହ, ପ୍ରେମ, ଭ୍ରାତୃତ୍ୱ ଭାବ କ୍ଷୁଣ୍ଣ ହୋଇ ହିଂସା, ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତା, ତିକ୍ତତା ଆଦି ବୃଦ୍ଧି ପାଇ ଆତଙ୍କବାଦକୁ ପ୍ରତି ମୁହୂର୍ତ୍ତରେ ନିମନ୍ତ୍ରଣ କରୁଛି । ପ୍ରେମ ସଂପର୍କ କ୍ରମଶଃ ତିକ୍ତ ହେଉଛି । ଦେଶ ସୁରକ୍ଷା ଆଳରେ ପରମାଣୁ ଅସ୍ତ୍ର-ଶସ୍ତ୍ରର ପ୍ରତିଯୋଗିତା ଆରମ୍ଭ ହୋଇଛି । ବିଶ୍ୱଶାନ୍ତି ପାଇଁ ଆଜି ପ୍ରତିଟି ମଣିଷ ଆର୍ତ୍ତଚିତ୍କାର କରୁଛି । ଏହିସମୟରେ ଇ.ଏମ୍. ଫୋଷ୍ଟରଙ୍କ କଥା ମନେ ପଡ଼େ । ଏଇ ପ୍ରଖ୍ୟାତ ଇଂରାଜୀ ଲେଖକ କହୁଥିଲେ ଯଦି ବିଭିନ୍ନ ଦେଶର ମାଆମାନେ ଏକତ୍ର ବସି ବିଶ୍ୱଶାନ୍ତି ସ୍ଥାପନ ଉପରେ ଚିନ୍ତା କରିବେ ତେବେ ବିଶ୍ୱରୁ ଯୁଦ୍ଧ ବିଭୀଷିକା ଲୋପ ପାଇଯାଆନ୍ତା । ଜଣେ ଉତ୍ତମ ମାଆ ହିଁ ସୃଷ୍ଟି କରିପାରେ ଗୋଟିଏ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ପରିବାର, ସମାଜ, ରାଷ୍ଟ୍ର ଓ ସମଗ୍ର ବିଶ୍ୱ ।

ଏ ସୃଷ୍ଟିରେ ଯେତେ ସ୍ୱର ଝଙ୍କୃତ ହୁଏ ସବୁଠୁ ସୁନ୍ଦର ସ୍ୱର ହେଉଛି 'ମାଆ' ଡାକର । ସତରେ ମାଆ ଏଭଳି ଦିବ୍ୟସତ୍ତାଟିଏ, ଯିଏ ନିଜର ରକ୍ତ, ମାଂସ, ମଜ୍ଜାରୁ ସୃଷ୍ଟି କରେ ସନ୍ତାନ । ପୁଣି ସେହି ସନ୍ତାନ ପାଇଁ ଜୀବନର ସମସ୍ତ ସୁଖ, ସୌନ୍ଦର୍ଯ୍ୟକୁ ଜଳାଞ୍ଜଳି ଦେଇ ସେହି ସନ୍ତାନର ପରିଚୟରେ ପରିଚିତ ହୋଇ ଆତ୍ମଗର୍ବ କରେ । ଆଜି ମନେ ପଡ଼ନ୍ତି ଅନେକ ତ୍ୟାଗଶୀଳା, ବାତ୍ସଲ୍ୟମୟୀ ମାତା - ମାଆ କୌଶଲ୍ୟା, ମାତା କୁନ୍ତୀ, ମାଆ ଗାନ୍ଧାରୀ, ମାଆ ଯଶୋଦା । ମାଆ ପୁତୁଲୀବାଇ, ମାଆ ଜୀଜାବାଇ, ମଦରଟେରେସା, ଫ୍ରାନ୍ସର ମହୀୟସୀ ମାଆ ମୀରା ଆଲଫ୍‌ସା, ମାଆ ପ୍ରଭାବତୀ ଦେବୀ, ମାଆ ରମା ଦେବୀ, ମାଆ ସରଳା ଦେବୀ, ମାଆ କସ୍ତୁରବା ଗାନ୍ଧୀଙ୍କୁ ପାଇ ଏ ଜାତି ଆଜି ବି ଗର୍ବ କରୁଛି । ସେହି ମାତୃଜାତି ଯେଉଁ ଅମୂଲ୍ୟ ରତ୍ନ ସ୍ୱରୂପ ସନ୍ତାନ ସୃଷ୍ଟି କରିଥିଲେ, ସେହି ଅମ୍ଳାନ କାଳଜୟୀ ସନ୍ତାନମାନଙ୍କୁ ନେଇ କେବଳ ରାଷ୍ଟ୍ର ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଗର୍ବିତ । ରାଷ୍ଟ୍ର ନିର୍ମାଣର ଦିବ୍ୟ ସ୍ରଷ୍ଟା ହେଉଛି ମାଆ । ଆମ ବେଦ ମଧ୍ୟ କହେ ମାଆ ହେଉଛି ଗୋଟିଏ ରାଷ୍ଟ୍ରର ଧ୍ୱଜା । ପ୍ରତିଟି ସନ୍ତାନ ଏହା ମଧ୍ୟ ସ୍ୱୀକାର କରିବ ଯେ, ତା'ର ପ୍ରଥମ ପରିଚୟ ହେଉଛି ମାଆର ଛାତି, ଯେଉଁଠାରୁ ଅମୃତ ପାନ କରି ବଡ଼ ମଣିଷ ହୋଇ ସମାଜ ଓ ରାଷ୍ଟ୍ରର ବିକାଶରେ ଶ୍ରେଷ୍ଠ ସାଧକ ହୁଏ ।

ଏଇଠି ମନେ ପଡ଼ନ୍ତି ବିଂଶ ଶତାବ୍ଦୀର ଆମେରିକାର ବିଖ୍ୟାତ ବୈଜ୍ଞାନିକ ଥୋମାସ୍ ଆଲଭା ଏଡିସନ୍ । ସାତବର୍ଷ ବୟସରେ ସ୍କୁଲରୁ ପାଇଥିବା ଗୋଟିଏ ଡାଇରି ଯେତେବେଳେ ଘରକୁ ଆଣି ମାଆଙ୍କୁ ଦେଖାନ୍ତି ଓ ପଚାରନ୍ତି - 'ମାଆ ଶିକ୍ଷୟିତ୍ରୀ କ'ଣ ଲେଖିଛନ୍ତି?' ମାଆ ପଢ଼ି କହନ୍ତି, 'ତମ ପିଲା ଜଣେ ଅସାଧାରଣ ପ୍ରତିଭା ସଂପନ୍ନ ବୁଦ୍ଧିମାନ ବାଳକ । ତା'କୁ ପଢ଼ାଇବାକୁ ଏଠାରେ ଶିକ୍ଷକ ନାହାନ୍ତି । ତେଣୁ ତା'କୁ ତୁମେ ଘରେ ପାଠ ପଢ଼ାଅ ।' ସେଦିନ ସେ ନିଜ ସ୍ୱାଭିମାନ ରକ୍ଷା କରି ପିଲାଟିର ବୌଦ୍ଧିକତାକୁ ବାଧା ନଦେଇ ନିଜେ ଘରେ ତାଙ୍କ ପାଠପଢ଼ାର ଦାୟିତ୍ୱ ନେଲେ । ସେହି ପିଲା ଦିନେ ବୁଦ୍ଧିମତ୍ତାରେ ସମଗ୍ର ବିଶ୍ୱକୁ ଚମକୃତ କରି ବିଦ୍ୟୁତ୍ ବଲବ୍ ସହ ପ୍ରାୟ ତିନିଶହ ନୂତନ ପଦାର୍ଥ ଉଦ୍ଭାବନ କରି ସମଗ୍ର ବିଶ୍ୱକୁ ଆଲୋକିତ କରିଥିଲେ । ମାଆଙ୍କ ଦେହାନ୍ତ ପରେ ଯେତେବେଳେ ଥୋମାସ୍ ସେହି ଡାଏରିଟିକୁ ପାଇ ପଢ଼ିଲେ ସେଥିରେ କିନ୍ତୁ ଲେଖାଥିଲା: 'ଥୋମାସ୍ ଆଲଭା ଏଡିସନ ଏକ ବିକୃତ ମସ୍ତିଷ୍କ ପିଲା । ତା'କୁ ଏଠାରେ ପଢ଼ାଇ ହେବନି । ତାକୁ ଘରେ ପଢ଼ାନ୍ତୁ ।' ଏଡିସନ ଏକଥା ଜାଣି ମାଆଙ୍କ ମହନୀୟତାକୁ ସ୍ମରଣ କରି ସେହି ଡାଏରୀରେ ଲେଖିଲେ, ଥୋମାସ୍ ଆଲ୍‌ଭା ଏଡିସନ୍ ଜଣେ ବିଚଳିତ ଶିଶୁ ଥିଲେ, ଯିଏ ଜଣେ ବୀରା ମାଆଙ୍କ ଦ୍ୱାରା ଦେଶର ପ୍ରତିଭା ରୂପେ ପରିଚୟ ଲାଭ କରିଥିଲେ ।' ଏହି ଦୂରଦର୍ଶୀ ବିଚକ୍ଷଣା ହୃଦୟଗ୍ରାହୀ ମାଆ ଥିଲେ ନାନ୍ସୀ ଏଡିସନ୍ ଯେ କି ବାଳକ ଏଡିସନଙ୍କ ମନରେ ପ୍ରଚଣ୍ଡ ଆତ୍ମବିଶ୍ୱାସ ସହ ଆଶାର ସୌଧ ଗଢ଼ି ଦେଇଥିଲେ ।

ବିଶ୍ୱକବି କାଳିଦାସ ରଚିତ ନାଟକ 'ଅଭିଜ୍ଞାନ ଶକୁନ୍ତଳମ୍'ରେ ମଧ୍ୟ ବର୍ଣ୍ଣନା ହୋଇଛି ମାତା ମେନକା ଓ ପିତା ବିଶ୍ୱାମିତ୍ରଙ୍କଠାରୁ ଜନ୍ମିତ ଶକୁନ୍ତଳା ଥିଲେ କଣ୍ୱ ଋଷିଙ୍କ ପାଳିତ କନ୍ୟା । ଶକୁନ୍ତଳା ହସ୍ତିନା ନୃପତି ଦୁଷ୍ମନ୍ତଙ୍କୁ ବିବାହ କରି ମାତା ହୋଇଥିଲେ । ପରେ ପିତୃତ୍ୱର ସତ୍ୟତା ପାଇଁ ତାଙ୍କୁ କେତେ ପରୀକ୍ଷା ଓ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼ିଛି! ନିଜକୁ ମାଆ ରୂପେ ପ୍ରମାଣ କରିବାକୁ ସେ କେତେ କଷ୍ଟ କରିନଥିଲେ! କାଶ୍ୟପ ମୁନିଙ୍କ ଆଶ୍ରମରେ ସେ ଧୈର୍ଯ୍ୟର ସହିତ ପାଳି ଚାଲିଲେ ତାଙ୍କ ପୁତ୍ର ଭରତକୁ । ମାତୃତ୍ୱର ଦାମ୍ଭିକତା ନେଇ ସେ ସାହସର ସହ ଦେଶର ଭବିଷ୍ୟତକୁ ସେଦିନ ପାଳନ କରିଥିଲେ ଯେଉଁ ଭରତଙ୍କ ନାମାନୁସାରେ ଆଜି ଆମ ରାଷ୍ଟ୍ରର ନାମ ଭାରତବର୍ଷ ହୋଇଛି । ସେହିପରି ଭଗବାନ ଗୌତମବୁଦ୍ଧ ଯେତେବେଳେ ଗୃହତ୍ୟାଗ କରି ବୁଦ୍ଧତ୍ୱ ଲାଭ କରିବାକୁ ଯାଇ ପତ୍ନୀ ଯଶୋଧାରାଙ୍କୁ ତ୍ୟାଗ କଲେ, ଶିଶୁ ପୁତ୍ର ରାହୁଲର ସଂପୂର୍ଣ୍ଣ ଦାୟିତ୍ୱ ସେ ନେଇ ସୁନ୍ଦର ମାତୃତ୍ୱର ପରିଚୟ ଦେଇଥିଲେ ।

ନବମ ଲୁଇ ଥିଲେ ଫ୍ରାନ୍ସ ରାଜପରିବାରର ଜଣେ ଲୋକପ୍ରିୟ ପ୍ରଭାବଶାଳୀ ଓ ତେଜସ୍ୱୀ ରାଜା, ଯିଏ ଜୀବନର ସମସ୍ତ ସଫଳତାର ଶ୍ରେୟ ତାଙ୍କ ମାତାଙ୍କୁ ହିଁ ଦେଇଥିଲେ । ଯେତେବେଳେ ସେ ଛୋଟ ଥିଲେ ତାଙ୍କ ମା' ତାଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇ ତାଗିଦ୍ କରି ସେଦିନ କହିଥିଲେ, 'ତୁମେ ଜୀବନରେ କୌଣସି ଅକରଣୀୟ କାମ କରିବ ନାହିଁ । ଯଦି ତୁମେ ଭୁଲ ବାଟରେ ଯାଅ ଏବଂ ତୁମ ଆତ୍ମାରେ କଳଙ୍କର ଟିକା ଲାଗେ, ତେବେ ମୁଁ ଏହା କଦାପି ସହ୍ୟ କରିବି ନାହିଁ । ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା କରିବି । ତୁମର କୁକର୍ମ ଦେଖିବା ଅପେକ୍ଷା ବରଂ ମୁଁ ନିଜେ ତୁମର ମୃତ୍ୟୁର କାମନା କରିବି ।' ନିଜର ଶିଶୁପୁତ୍ରକୁ ଭଲ ବାଟରେ ଆଣିବା ପାଇଁ ଏହା କେବଳ କଡ଼ା ତାଗିଦ୍ ନଥିଲା, ଥିଲା କଠୋରତା ଓ କଟୁତା । ମାଆଙ୍କ ପ୍ରେରଣାରେ ନବମ ଲୁଇ ଭବିଷ୍ୟତରେ ଜଣେ ଲୋକପ୍ରିୟ ପ୍ରଭାବଶାଳୀ ରାଜା ହୋଇ ପାରିଥିଲେ ।

ଏ ତ ଥିଲା ମାତୃତ୍ୱର ପରାକାଷ୍ଠା ଓ ପ୍ରେରଣା ତା'ର ସନ୍ତାନ ପ୍ରତି । ଆଜିର ଆଧୁନିକ ମଣିଷ ଜଗତିକରଣ, ପାଶ୍ଚାତ୍ୟକରଣ ଓ ସହରୀକରଣର ଆଳ ଦେଖାଇ ବସ୍ତୁବାଦୀ ମୋହରେ ଅଧିକ ଅର୍ଥ ଓ ପ୍ରତିଷ୍ଠା ପଛରେ ଧାଇଁ ନୈତିକତାକୁ ହରାଇ ମାଆ ପ୍ରତି ସମ୍ମାନ ତ ଦୂରର କଥା ବରଂ ଆଧୁନିକ ସମାଜରେ ଜରାଶ୍ରମ ହିଁ ମାଆର ଶେଷ ଠିକଣା ହୋଇଛି । ମାଆ ଆଜି ବୋଝ ପାଲଟି ଯାଇଛି । ଆମେ ଭୁଲିଯିବା ଉଚିତ ନୁହେଁ ଯେ ମାତୃଶକ୍ତି ବିନା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ । ପ୍ରତ୍ୟେକ ମାଆ ଶାନ୍ତି, ମୈତ୍ରୀ ଓ ପ୍ରୀତିର ସ୍ୱାକ୍ଷର, ବିଶ୍ୱାସର ମେରୁଦଣ୍ଡ ଓ ପ୍ରଗତିର ପ୍ରତୀକ । ଯଦି ଆମେ ଆମ ସମାଜର ଓ ରାଷ୍ଟ୍ରର ପ୍ରତ୍ୟେକ ମାଆଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଶୃଙ୍ଖଳିତ ହୋଇ ମାଆର ଇଚ୍ଛାକୁ ବିଶ୍ୱକଲ୍ୟାଣରେ ବ୍ରତୀ କରାଇ ଦେଶକୁ ପ୍ରଗତିପଥରେ ଆଗେଇ ନେବା, ତେବେ ଆମେ ଗଢ଼ିବା ଏକ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ସୁସ୍ଥ ପୃଥିବୀ ।

କଟକ, ମୋ: ୭୮୪୬୯୨୧୪୦୦

# ଦଣ୍ଡିତ ଜଗନ୍ନାଥ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମାର୍ଗଶୀର ମାସର ପ୍ରତି ଗୁରୁବାର ଦିନ ଓଡ଼ିଶାର ଘରେଘରେ ମାଣ ବସେଇ ମାଆ ଲକ୍ଷ୍ମୀଙ୍କର ଆରାଧନା କରାଯାଏ । ନୂଆ ଧାନରେ ପୂର୍ଣ୍ଣ ମାଣକୁ ମାଆଙ୍କର ପ୍ରତୀକାତ୍ମକ ବିଗ୍ରହ ବୋଲି ଧରାଯାଏ । ଲକ୍ଷ୍ମୀ ସୃଷ୍ଟି ପାଳନ ପାଇଁ ଆବଶ୍ୟକ ସମସ୍ତ ସାଧନର ଅଧିଷ୍ଠାତ୍ରୀ ଦେବୀ ଏବଂ ପାଳନ କର୍ତ୍ତା ବିଷ୍ଣୁଙ୍କର ଶକ୍ତି । ତେଣୁ ଧାନ ଅମଳ ପରେ ଓଡ଼ିଆମାନେ କୃତଜ୍ଞତାର ସହ ମାଆଙ୍କର ଆରାଧନା କରନ୍ତି ।

ଥରେ ସେହିପରି ଏକ ଗୁରୁବାର ପାଳିଦିନ ପ୍ରଭାତରେ ମାଆ ମହାପ୍ରଭୁଙ୍କ ଅନୁମତି କ୍ରମେ ନଗର ଭ୍ରମଣରେ ବାହାରିଲେ । ବୁଲି ବୁଲି ମାତା ଲକ୍ଷ୍ମୀ ଏକ ଚାଣ୍ଡାଳ ସାହିରେ ପହଞ୍ଚିଲେ । ଯାଉ ଯାଉ ତାଙ୍କର ପାଦ ଗୋଟେ ଘର ସାମନାରେ ଅଟକି ଗଲା । ଘର ଭିତରୁ ଧୂପଦୀପର ସୁଗନ୍ଧ ବାହାରି ବାତାବରଣକୁ ସୁଗନ୍ଧିତ କରୁଥିଲା; ଶଙ୍ଖ ହୁଳହୁଳିର ଶବ୍ଦ ଅଞ୍ଚଳକୁ ପ୍ରକମ୍ପିତ କରୁଥିଲା । ଘର ବାହାର ପରିଷ୍କାର କରି ଝୋଟିଚିତାରେ ମଣ୍ଡଣି କରା ଯାଇଥିଲା । ମାଆ ପଦ୍ମଫୁଲର ସୁଗନ୍ଧରେ ଆକର୍ଷିତା ହୋଇ ଘର ଭିତରକୁ ଗଲେ ଏବଂ ଦେଖି ଖୁସି ହେଲେ ଯେ ଶ୍ରୀୟା ନାମକ ଜଣେ ଚଣ୍ଡାଳୁଣୀ ଭକ୍ତି ଓ ସମର୍ପଣ ଭାବ ସହ ତାଙ୍କର ପୂଜା କରୁଥିଲା । ତା'ର ଭକ୍ତି ଓ ଆନ୍ତରିକତାରେ ମାଆ ମୁଗ୍ଧ ହେଲେ ଏବଂ ତା' ଘରେ ସ୍ୱଦେହରେ ଦର୍ଶନ ଦେଇ ଅନେକ ବର ପ୍ରଦାନ କଲେ ।

ରକ୍ଷଣଶୀଳ ବଡ଼ଠାକୁର ବଳଭଦ୍ର ଯୋଗବଳରେ ଲକ୍ଷ୍ମୀ ଚଣ୍ଡାଳୁଣୀର ପୂଜା ଗ୍ରହଣ କରୁଥିବା କଥା ଜାଣି କ୍ରୋଧିତ ହେଲେ ଏବଂ ମହାପ୍ରଭୁଙ୍କ ସମସ୍ତ ବୃତ୍ତାନ୍ତ କହି ଲକ୍ଷ୍ମୀଙ୍କୁ ମନ୍ଦିରରୁ ବାହାର କରି ଦେବା ପାଇଁ ଆଦେଶ ଦେଲେ । ଜଗନ୍ନାଥ ଜାଣିଥିଲେ ଯେ ସାରା ସଂସାରର ସମସ୍ତଙ୍କୁ ସେ ସମାନ କରି ଗଢ଼ିଥିଲେ ଏବଂ ଲକ୍ଷ୍ମୀଙ୍କ ପୂଜା ଗ୍ରହଣରେ କିଛି ଅସ୍ୱାଭାବିକତା ନ ଥିଲା । ମହାପ୍ରଭୁ ବଡ଼ଭାଇଙ୍କ ନିଷ୍ପତ୍ତିକୁ ନାପସନ୍ଦ କରୁଥିଲେ ମଧ୍ୟ ଘରର ମୁରବିଙ୍କୁ ଅବମାନନା କରିବାର ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବାକୁ ଚାହୁଁ ନ ଥିଲେ । କିନ୍ତୁ ବଡ଼ଠାକୁର ଘୋଷଣା କଲେ - 'ଭାରିଜାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ, ଚଣ୍ଡାଳ ସାହିରେ ଘର ତୋଳ ବେଗେ ଯାଇ ।' ଅନ୍ୟ ଉପାୟ ନ ଦେଖି ମହାପ୍ରଭୁ ଲକ୍ଷ୍ମୀ ନଗର ଭ୍ରମଣରୁ ଫେରିବା ପରେ ତାଙ୍କୁ ବଡ଼ ଭାଇଙ୍କ ନିଷ୍ପତ୍ତି ଜଣେଇ ଦେଲେ ଏବଂ ତାଙ୍କର ମନ୍ଦିର ପ୍ରବେଶକୁ ବାରଣ କଲେ ।

ଏପରି ନିଷ୍ପତ୍ତି ଶୁଣି ଲକ୍ଷ୍ମୀ ମର୍ମାହତା ହେଲେ, କିନ୍ତୁ ଭାଙ୍ଗିପଡ଼ିଲେ ନାହିଁ । କାରଣ ସେ ଭଲ ଭାବରେ ଜାଣି ଥିଲେ ଯେ ସେ କିଛି ଭୁଲ କରି ନ ଥିଲେ । ଦୁଇ ଭାଇଙ୍କୁ ଏକ ଶିକ୍ଷା ଦେବା ପାଇଁ ଏହାକୁ ବ୍ୟବହାର କଲେ । ମାତା ଅଭିଶାପ ଦେଲେ-'ମୁହିଁ ଯାଉ ଅଛି ହୀନା ଅରକ୍ଷିତା ହୋଇ, ମୋର ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ/ ସତେ ଯେବେ ଚନ୍ଦ୍ର ସୂର୍ଯ୍ୟ ହ୍ୱନ୍ତି ଆତଯାତୟ, ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ / ବାର ବର୍ଷ ଯାଏଁ ତୁମ୍ଭେ ଦରିଦ୍ର ହୋଇବ, ଅନ୍ନ ବସ୍ତ୍ର ଜଳ ବି ତୁମ୍ଭଙ୍କୁ ନ ମିଳିବ ।'

ଲକ୍ଷ୍ମୀଙ୍କ ଅଭିଶାପ ଅନୁଯାୟୀ ଦୁଇଭାଇ ବାରବର୍ଷ ପର୍ଯ୍ୟନ୍ତ ଭୋକରେ ବାର ଦୁଆର ବୁଲିଲେ ସିନା ହେଲେ ଖାଇବାକୁ ମିଳିଲା ନାହିଁ । ଓଡ଼ିଆରେ ଏକ ଲୋକକଥା ଅଛି ଲକ୍ଷ୍ମୀଛଡ଼ାଙ୍କୁ ଖାଇବାକୁ ମିଳେ ନାହିଁ । ଜଗନ୍ନାଥ ଓ ବଳଭଦ୍ରଙ୍କ ଅବସ୍ଥା ସେୟା ହେଲା । ଶେଷରେ ଅଜାଣତରେ ଦୁଇଭାଇ ଲକ୍ଷ୍ମୀଙ୍କ ଦୁଆରକୁ ଯାଇ ଅନ୍ନଭିକ୍ଷା କଲେ । ଦୁଇ ଭାଇ ଭୋଗୀ ଥିବା ଦୁଃଖ ସେତେବେଳକୁ ମାଆଙ୍କୁ ବିଚଳିତ କରି ସାରିଥିଲା । ସେ ଦୁଇ ଭାଇଙ୍କର ମନ ମୁତାବକ ନାନା ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଦାସୀମାନଙ୍କ ହାତରେ ପରଶି ଦେଲେ । ଭୋଜନ ଶେଷରେ ପୋଡ଼ପିଠା ପରଶିଲେ । ଆକଣ୍ଠ ଭୋଜନ କରି ଦୁଇ ଭାଇ ତୃପ୍ତ ହେଲା ପରେ ବଡ଼ ଠାକୁର ଜାଣିପାରିଲେ ଯେ ତାହା ଲକ୍ଷ୍ମୀଙ୍କ ହାତରନ୍ଧା । ତେଣୁ ସେ ଲକ୍ଷ୍ମୀଙ୍କୁ ଯାଇ କ୍ଷମା ମାଗି ମନ୍ଦିରକୁ ଫେରିଯିବା ପାଇଁ ଅନୁରୋଧ କରିବାକୁ ଜଗନ୍ନାଥଙ୍କୁ ଆଦେଶ ଦେଲେ । ଲକ୍ଷ୍ମୀ କେତେକ ସର୍ତ୍ତରେ ଯିବା ପାଇଁ ରାଜି ହେଲେ- 'ଏତେ କହି ଗୋବିନ୍ଦ ଧରିଲେ ଲକ୍ଷ୍ମୀ ହସ୍ତ, ଜଗତ ମାତ ବୋଇଲେ ତୁମ୍ଭେ କର ସତ୍ୟ / ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖୁଆ ଖୋଇ ହେବେ, ସମସ୍ତେ ଖାଇଣ ହାତ ଜଳେ ନ ଧୋଇବେ / ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ବ୍ରାହ୍ମଣେ ଖାଇ ହାତକୁ ମୁଣ୍ଡରେ ପୋଛିବେ / ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ, ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।' ମହାପ୍ରଭୁ ମାଆଙ୍କର ସମସ୍ତ କଥାରେ ରାଜି ହେବାରୁ ଦୁଇ ଠାକୁର ମାଆଙ୍କ ସହ ମନ୍ଦିରକୁ ବିଜେ କଲେ । ଏହି ଲୋକକଥା ଆଧାରରେ 'ଲକ୍ଷ୍ମୀ ପୁରାଣ' ଲେଖି ମହାତ୍ମା ବଳରାମ ଦାସ ସଂସାରକୁ ଏକ ଶିକ୍ଷା ଦେବା ପାଇଁ ସଫଳ ପ୍ରୟାସ କରିଥିଲେ ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଆଶ୍ୱସ୍ତି: ଓଡ଼ିଶା ଉପରେ ନାହିଁ ବାତ୍ୟା ପ୍ରଭାବ

ଭୁବନେଶ୍ୱର,୨୫ ।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଆଶଙ୍କା ମଧ୍ୟରେ ଆସିଛି ଆଶ୍ୱସ୍ତିର ଖବର। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଅତ୍ୟନ୍ତ କ୍ଷୀଣ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ବର୍ତ୍ତମାନ ବଙ୍ଗୋପସାଗର ସଂଲଗ୍ନରେ ୨ ଟି ଲଘୁଚାପ ରହିଥିବା ବେଳେ ଗୋଟିଏ ଅବପାତର ରୂପ ନେଇଛି ଓ ଅନ୍ୟଟି ଘନୀଭୂତ ପରବର୍ତ୍ତୀ ୨୪ ଘଣ୍ଟାରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଦୁଇ ଲଘୁଚାପ ଘନୀଭୂତ ହେବା ସତ୍ତ୍ୱେ ଏହା ବାତ୍ୟାରେ ପରିଣତ ହେବା ଓ ଓଡ଼ିଶା ଉପରେ ପ୍ରଭାବ ପକାଇବାର ସମ୍ଭାବନା କମ୍ ବୋଲି କୁହାଯାଉଛି। ଏମିତି କି ଏହି ଦୁଇ ଲଘୁଚାପ ବାତ୍ୟାରେ ପରିଣତ ହେବାର ଆଶଙ୍କା ମଧ୍ୟ ଅନେକାଂଶରେ କମି ଯାଇଛି। ଯାହାର ପରିଣାମ ସ୍ୱରୂପ ୨-୩ ଦିନ ହେବ ଆଇଏମ୍‌ଡି ପକ୍ଷରୁ ନିଜ ବୁଲେଟିନ୍‌ରେ ବାତ୍ୟା ସୃଷ୍ଟି ନେଇ ଆକଳନ କରାଯାଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ବୁଲେଟିନ୍‌ରେ ବାତ୍ୟା ଆଶଙ୍କାକୁ ହଟାଇ ଦିଆଯାଇଛି।

**ଆଇଏମ୍‌ଡି ବୁଲେଟିନ୍‌ରୁ ହଟିଲା ବାତ୍ୟା ପୂର୍ବାନୁମାନ**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମାଲ୍ଲାକାରେଠାରେ ଥିବା ସ୍ୱଷ୍ଟ ଚିହ୍ନିତ ଲଘୁଚାପ ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଆଉ ଏକ ଲଘୁଚାପ କମୋରିନ ଏବଂ ଏହାର ପାଖାପାଖି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ଏହି ଦୁଇଟି ଲଘୁଚାପ ଓ ଅବପାତର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ୨ ଟି ପ୍ରମୁଖ ମଡେଲ୍ ଆକଳନ କରୁଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୭ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହି ସମୟରେ ବର୍ଷା ହେବାର ବିଶେଷ ସମ୍ଭାବନା ନାହିଁ। ତେବେ ଏହି ସମୟରେ କିଛି କିଛି ସ୍ଥାନରେ ଘନ କୁହୁଡିର ସମ୍ଭାବନା ରହିଛି। ବିଶେଷ କରି ସୁନ୍ଦରଗଡ ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିପାରେ। ସେହିପରି ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଥଣ୍ଡାର ପ୍ରଭାବ ସାମାନ୍ୟ ବଢ଼ିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ହ୍ରାସ ହେବାକୁ ଥିବାରୁ ଥଣ୍ଡା ବଢ଼ିବା ନେଇ ଆକଳନ କରାଯାଇଛି। ମଙ୍ଗଳବାର ରାଉରକେଲାରେ ଅତ୍ୟଧିକ ଘନ କୁହୁଡି ଦେଖିବାକୁ ମିଳିଛି। କୋରାପୁଟ ଓ ଫୁଲବାଣୀ ଜିଲ୍ଲାରେ ଘନ କୁହୁଡି ହୋଇଥିବା ରେକର୍ଡ କରାଯାଇଛି। ସୋନପୁର, ପାରାଦ୍ୱୀପ, ଗୋପାଳପୁର, ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ହାଲୁକା କୁହୁଡି ପଡିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଲସିୟସ ଝାରସୁଗୁଡାରେ ରେକର୍ଡ କରାଯାଇଛି ଓ ପାହାଡିଆ ଅଞ୍ଚଳ ଦାରିଙ୍ଗବାଡିରେ ସର୍ବନିମ୍ନ ୧୦ ଡିଗ୍ରୀ ସେଲସିୟମ ତାପମାତ୍ରା ହୋଇଥିବା ରିପୋର୍ଟ କରାଯାଇଛି।

# ଭିଜିଲାନ୍ସ ଜାଲରେ ଏଆରଆଇ

କେନ୍ଦ୍ରାପଡ଼ା, ୨୫।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ନିକିରାଇ ରାଜସ୍ୱ ସର୍କଲ ଏଆରଆଇ ଅଭିମନ୍ୟୁ ବେହେରା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜମିର କିସମ ପରିବର୍ତ୍ତନ ପାଇଁ ଶ୍ରୀନାଥ ମଲ୍ଲିକଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ସହ କାବୁ କରିଛି। ଜମି ମାଲିକ ଶ୍ରୀନାଥ ମଲ୍ଲିକ ଚାଷଜମିକୁ ଘରବାଡ଼ିକୁ ପରିବର୍ତ୍ତନ ପାଇଁ ଗତ ଅକ୍ଟୋବର ୩୧ ତାରିଖରେ ଡେରାବିଶ ତହସିଲ



କାର୍ଯ୍ୟାଳୟରେ ଅନଲାଇନ୍ ଆବେଦନ କରିଥିଲେ। ପରେ ଦଲିଲ ଯାଞ୍ଚ ହେବା ପରେ ଜମି ମାଲିକଙ୍କୁ ନିକିରାଇ ରାଜସ୍ୱ କାର୍ଯ୍ୟାଳୟକୁ ଡକାଯାଇଥିଲା।

**୧୨ ହଜାର ଲାଞ୍ଚ ନେଲାବେଳେ ମାଡ଼ିବସିଲା ଭିଜିଲାନ୍ସ**

ଜମି ମାଲିକ ଅଫିସରେ ପହଞ୍ଚିଥିଲେ। ତାଙ୍କୁ ଅଭିମନ୍ୟୁ ବେହେରା ପ୍ରଥମେ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଜମି ମାଲିକ ଏହା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ ଏଆରଆଇ ଶ୍ରୀ ବେହେରା ଲାଞ୍ଚ ଟଙ୍କାକୁ କମାଇ ୧୨ ହଜାର ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ କାର୍ଯ୍ୟ ହେବନି ବୋଲି ରୋକଠୋକ ଶୁଣାଇଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଜମି ମାଲିକ ଶ୍ରୀ ମଲ୍ଲିକ ଭିଜିଲାନ୍ସକୁ ଅଭିଯୋଗ ଦେବା ପରେ ଆଜି ଭିଜିଲାନ୍ସ ପକ୍ଷରୁ ଏକ ଟିମ ଲାଞ୍ଚ ଟଙ୍କା ନେବା ସମୟରେ ଶ୍ରୀ ବେହେରାଙ୍କୁ ଧରିଥିଲା। ଏଥିସହିତ ଅଭିମନ୍ୟୁ ବେହେରାଙ୍କ ପୈତୃକ ଘର ଆଳି, ଗରାପୁର ବାସଭବନ ଓ ଅଫିସରେ ଏକ ସମୟରେ ଭିଜିଲାନ୍ସ ଚଢ଼ଉ କରି ଆୟ ବହିର୍ଭୂତ ସମ୍ପତ୍ତିକୁ ତନଖି ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୌସୁମୀରେ ଚାଲିଲାନି...

ବିଧାୟକମାନେ ସୂଚନା ଦେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ବିଶେଷକରି ବାଲିର ବେଧଡ଼କ ଚୋରି, ପ୍ରଶ୍ନପତ୍ର ଲିକ୍ ମାମଲା, ଦାଦନ, ଦରଦାମ ବୃଦ୍ଧି, ମହାନଦୀ, ପୋଲାଭରମ୍ ଓ କୋଟିଆ ସମସ୍ୟାକୁ ନେଇ ଗୃହକୁ ସରଗରମ କରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ଆସନ୍ତାକାଲି ବିଜେଡି ଓ କଂଗ୍ରେସ ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ଉଭୟେ ନିଜ ନିଜର ରଣନୀତିକୁ ଚୂଡ଼ାନ୍ତ ରୂପ ଦେବେ।

ଏପଟେ ନୂଆପଡ଼ାରେ ବିପୁଳ ବିଜୟ ପରେ ଶାସକ ଦଳ ପୂରା ଜୋଶରେ ଥିବାବେଳେ ଏହା ଗୃହକୁ ଅଧିକ ସରଗରମ କରିପାରେ ବୋଲି ଅନୁମାନ କରାଯାଉଛି। ଉଭୟ ଶାସକ ଏବଂ ବିରୋଧୀଙ୍କ ମୁଡକୁ ଦେଖିଲେ ବିଧାନସଭାରେ ଯେ କେହି କାହାରିକୁ ଛାଡ଼ିବେ ନାହିଁ, ତାହା ଏବେଠାରୁ ଜଳଜଳ ଦିଶିଲାଣି ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

### ୨୧ ଲକ୍ଷ ମୋବାଇଲ...

ନିଜର ବ୍ୟକ୍ତିଗତ ଡିଭାଇସ୍‌ରେ ବ୍ଲକ୍ କରିବା ସହ ଡିଏନ୍‌ଡି ଆପ୍ ମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ରିପୋର୍ଟ କରନ୍ତୁ। ଡିଏନ୍‌ଡି ଆପ୍‌ରେ ଅଭିଯୋଗ କରିବା ପାଇଁ ପ୍ରଥମେ ମୋବାଇଲ୍ ଫୋନ୍‌ରେ ଟ୍ରାଇ ୩.୦ ଆପ୍ ଡାଉନଲୋଡ୍ କରିବାକୁ ହେବ।

### ଗାଡ଼ି ଅଟକାଇ...

ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଖବର ପାଇ ବେତନଟୀ ଏସ୍‌ଡିପିଓ ଓ ଥାନା ଅଧିକାରୀ ତଦନ୍ତ କରିଛନ୍ତି। ଡାକ୍ତରଖାନାରେ ଶ୍ରୀ ବିଶ୍ୱାଳଙ୍କ ବୟାନ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛନ୍ତି। ଏହି ଘଟଣାରେ ପୁଲିସ ବଡ଼ସାହି ଥାନା ବତନା ଗ୍ରାମର ପ୍ରଶାନ୍ତ ଗାଆଣ ଓରଫ ବାବୁଛୁଆକୁ ଗିରଫ କରିଛି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ ତହସିଲଦାର ଶ୍ରୀ ବେହେରା ଏକ ବାଲି ବୋଝେଇ ଏକ ଟ୍ରାକ୍ଟର୍‌କୁ ଜବତ କରି ଚାଳକ ସହାୟତାରେ ଥାନାର ଜିମା ଦେଇଥିଲେ। ଏହାକୁ ନେଇ ବାଲି ମାଫିଆମାନେ କ୍ଷୁବ୍ଧ ହୋଇଯାଇଥିଲେ। ତହସିଲଦାରଙ୍କୁ ଆକ୍ରମଣ କରିବା ପାଇଁ ସେମାନେ ସୁଯୋଗକୁ ଅପେକ୍ଷା କରିଥିଲେ। ସଂଧ୍ୟାରେ ତହସିଲଦାର ଶ୍ରୀ ବେହେରା ଅଫିସ୍ କାମ ସାରି ଫେରୁଥିବା ବେଳେ ତୁଳସୀଚଉରା ଛକରେ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମାଫିଆମାନେ ତହସିଲଦାରଙ୍କ ଗାଡ଼ି ଅଟକାଇ ସେଥିରେ ଥିବା ତହସିଲଦାର ଶ୍ରୀ ବେହେରା, ସୁପରଭାଇଜର୍ ସତ୍ୟବ୍ରତ ନାୟକ ଓ ଚାଳକ ଶ୍ରୀ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ତହସିଲ କର୍ମଚାରୀମାନେ ସେଠାରେ ପହଞ୍ଚିଯିବାରୁ ବାଲି ମାଫିଆମାନେ ଖସି ପଳାଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ରାସଗୋବିନ୍ଦପୁର ପୁଲିସ ନିକଟରୁ ବାଲିମାଫିଆମାନେ ଦୁଇଟି ଡମ୍ପରକୁ ବଳପୂର୍ବକ ନେଇଯାଇଥିଲେ। ପୁଲିସର ନିରବତା ଯୋଗୁଁ ମାଫିଆରାଜ୍ ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି। ଦିନରାତି ବାଲି ଚୋରି ହେଉଥିବା ବେଳେ ଏହାକୁ ରୋକିବା ପରିବର୍ତ୍ତେ ପୁଲିସର ସ୍ଥାଣୁତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

### ଉପଭୋକ୍ତାଙ୍କୁ ଲୁଟିଛି...

ବାବଦରେ ଟାଟାପାୱାରର ୪ କମ୍ପାନୀ ୧୭୪୬୧ କୋଟିଟଙ୍କା ରାଜସ୍ୱକୁ ମଧ୍ୟ ମଞ୍ଜୁରୀ ମିଳିଥିଲା। ମାତ୍ର ଟାଟା ପାୱାର ଉପଭୋକ୍ତାଙ୍କୁ ୨୯୫୭୯ ନିୟୁତ ୟୁନିଟ ହାରାହାରି ୬ ଟଙ୍କା ୩ ପଇସା ହିସାବରେ ବିକ୍ରି କରି ୧୭୮୩୬ କୋଟି ଟଙ୍କା ଅଦାୟ କରିଛି। ଆୟୋଗ ଅନୁମୋଦନ କରିଥିବା ୟୁନିଟ୍ ପିଛା ହାରାହାରି ଟାରିଫ ଠାରୁ ଏହା ୩୬ ପଇସା ଅଧିକ ବୋଲି କୁହାଯାଉଛି। ଟାଟାପାୱାର ପରି ଗ୍ରୀଡକୋ ମଧ୍ୟ ଏହି ବର୍ଷ ଲାଭବାନ ହୋଇଛି ଏବଂ ଏହାର ପରିମାଣ ୩୪୭.୩୭ କୋଟି ଟଙ୍କା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଅନୁମୋଦିତ ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟ ୧୮.୭୯ ପ୍ରତିଶତଠାରୁ ଟାଟା ପାୱାର ଉତ୍ତମ ପ୍ରଦର୍ଶନ କରିଛି ଓ ଏହି କ୍ଷତି୧୬.୭୦ ପ୍ରତିଶତକୁ ହ୍ରାସ ପାଇଛି। ପୁନଶ୍ଚ ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯ ପ୍ରତିଶତ ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନ ମାତ୍ର ୧୩ ପ୍ରତିଶତ ସମ୍ଭବ ହୋଇଛି। ଅର୍ଥାତ ରାଜ୍ୟରେ ଏଯାବତ୍ ୧୨ ଲକ୍ଷ ୬୭ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ସେହିପରି ଫିଡର ଓ ଟ୍ରାନ୍ସଫର୍ମର ମିଟରିଙ୍ଗ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଛି। ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ସମୁଦାୟ ୨୬୫୯ଟି (୧୪୭/୩୩ ଏମଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧୬୩୦ଟିରେ (୬୧ ପ୍ରତିଶତ) ମିଟରିଙ୍ଗ ହୋଇଛି। ୯୭୮ଟି ୩୩କେଭି ଫିଡର ମଧ୍ୟରୁ ମାତ୍ର ୭୫ ପ୍ରତିଶତ ଅର୍ଥାତ ୭୩୮ଟି ମିଟରିଙ୍ଗ ହୋଇଛି। ବିଦ୍ୟୁତ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମର କ୍ଷମତା ୬୩ କେଭିଏରୁ କମ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡିକୁ ୧୦୦ କେଭିଏ କିମ୍ବା ତଦୁଦ୍ଧ୍ୱର୍ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଉପଭୋକ୍ତା ସୂଚୀକରଣ ଓ ଜିଆଇଏସ ମ୍ୟାପିଙ୍ଗ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଙ୍ଗ ମାତ୍ର ୧୯.୪୦ ପ୍ରତିଶତ ହୋଇଛି। ଅପରପକ୍ଷେ ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଗ୍ରୀଡକୋ ୪୨୪୮୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪୫୧୧ କୋଟିଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪୧୬୩ କୋଟି ଟଙ୍କା। ଅର୍ଥାତ ବିଦ୍ୟୁତ ବ୍ୟବସାୟରୁ ଗ୍ରୀଡକୋ ୩୪୭ କୋଟି ଟଙ୍କା ଲାଭ କରିଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଯେହେତୁ ପୂର୍ବ ବର୍ଷରେ (୨୦୨୪-୨୫) ଗ୍ରୀଡକୋର ବ୍ୟବସାୟିକ ଲାଭ ୩୪୭ କୋଟି ଟଙ୍କା ହୋଇଛି ଏବଂ ଟାଟା ବିତରଣ କମ୍ପାନୀ ଗୁଡିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ୟୁନିଟ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କ ଠାରୁ ଅଧିକ ୧୦୬୫ କୋଟିଟଙ୍କା ଅଦାୟ କରିଛନ୍ତି, ତେଣୁ ଆସନ୍ତା ବର୍ଷର ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଟାଟା ଉପଭୋକ୍ତାଙ୍କ ଠାରୁ ଅଧିକ ଅଦାୟ କରିଥିବା ରାଜସ୍ୱକୁ ସୁଧସହ ଫେରସ୍ତ କରିବା ପାଇଁ ଶ୍ରୀ ମହାପାତ୍ର ଆସନ୍ତା ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଆୟୋଗ ସମ୍ମୁଖରେ ଯୁକ୍ତି ରଖିବେ ବୋଲି ସେ ସୂଚନା ଦେଇଛନ୍ତି। ତେଣୁ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ଖୁଚୁରା ବିଦ୍ୟୁତମୂଲ୍ୟ (ଟାରିଫ) ବୃଦ୍ଧିହେବା ସମ୍ଭାବନା ଖୁବ କମ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।


B-733

E-mail ID: eerbngpur@yahoo.com
Tel & Fax -06858-222833 (O)

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

**e-Procurement Notice**

Bid Identification No. S.E (R&B)-22/2025-26/NGP
No.6364/Date 17.11.2025

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Electrical Work as mentioned in DTCN
2. No. of Work : 05 Nos.
3. Estimated Cost : Rs. 6.73 Lakhs to 37.47 Lakhs
4. Period of completion : 2 Calendar of Months
5. Date & Time of Bidding : From 11.00 hours of 25.11.2025. upto 16.00 hours of 05.12.2025.
6. Last date & time for receipt of bids in portal : 16.00 hours of 05.12.2025.
7. Bids received online shall be opened on : 11.00 hours of 06.12.2025.
8. Name and address of the officer inviting Bid : Superintending Engineer, Nabarangpur(R&B)Division, Nabarangpur

Further details can be seen from the www.tendersodisha.gov.in

Superintending Engineer
Nabarangpur (R&B) Division

OIPR-



यूनियन बैंक ऑफ इंडिया Union Bank of India
भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର- ୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ଭାବିନିପୁର ଶାଖା, ଫୋନ୍: ୭୨୦୫୨୨୭୫୭୦/** **୧) ବି ଚନ୍ଦ୍ରୟା,** ପିତା: ବୁରୁଡୁ ସାତେୟା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, **୨) ବି ଲଚିମି ଆମ୍ମା,** ସ୍ୱାମୀ: ବି ଚନ୍ଦ୍ରୟା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୨.୦୧.୨୦୨୦ ସୁଦ୍ଧା ଟ.୬,୭୩,୯୬୨/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବି ଲଚିମି ଆମ୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ରେଭିନ୍ୟୁ ମୌଜା: ଡୁରା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପି ଏରମ୍ମାଙ୍କ ଗୃହ, ପଶ୍ଚିମ: ବି ସାତେୟାଙ୍କ ଗୃହ, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୧୧,୩୨,୫୦୦/- / ଟ.୧,୧୩,୨୫୦/- / ଟ.୧୧,୫୦୦/- |
| ୨. | **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪ /** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୦୮ / **ମୋଟ ବକେୟା: ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୯୧.୫୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୫,୦୦୦/- / ଟ.୧୨,୦୦୦/- |
| ୩. | **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** **୧) ମେସର୍ସ ଅଏଲଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଲତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, **୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ / **ମୋଟ ବକେୟା: ୧୦.୧୦.୨୦୨୨ ସୁଦ୍ଧା ଟ.୧୧,୪୯,୧୦୬.୬୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୯,୦୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **୧) ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୧.୦୯.୨୦୧୮ ସୁଦ୍ଧା ଟ.୧୦,୨୧,୪୬୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ଟ.୨୯,୦୩,୦୦୦/- / ଟ.୨,୯୦,୩୦୦/- / ଟ.୨୯,୧୦୦/- |
| ୫. | **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡ଼ିଶା-୭୬୧୧୩୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘ୍ନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, **୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | (୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/- (୨) ଟ.୫,୮୫,୦୦୦/- / ଟ.୬୦,୦୦୦/- / ଟ.୬,୦୦୦/- |
| ୬. | **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** **୧) ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, **୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଯୋଗୀ ମହାପାତ୍ରଙ୍କ ଜମି | ଟ.୧୩,୧୦,୦୦୦/- / ଟ.୧,୩୧,୦୦୦/- / ଟ.୧୫,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୧୦.୧୨.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com and https://www.unionbankofindia.co.in/auction-property/view-auction-property.aspx** ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



GOVERNMENT OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY: CHAMPUA
DIST- KEONJHAR
"e" procurement Notice
Bid Identification No. ITDACH.-04/2025-26
No. 1915 DT. 25.11.2025
e-mail: itda.champua@gmail.com

| | | |
|---|---|---|
| 1 | No. of the work :- | 02 Nos of Construction work. |
| 2 | Estimated cost :- | Rs. 260.76 to Rs.260.76 lakh |
| 3 | Period of completion :- | 09 (Nine Calender Months) |
| 4 | Date and Time of availability of Bid document in the portal:- | From 10.00 Hr 02.12.2025 to 17.30 Hr of 13.12.2025 |
| 5 | Last date / Time for receipt of Bids in the portal :- | 17.30 Hr of 13.12.2025. |
| 6 | Date of opening of Bid from Portal :- | 11.30 Hr of 15.12.2025. |
| 7 | Name and address of the officer inviting Bid :- | Project Administrator, I.T.D.A., Champua |

Further details can be seen from the e-procurement portal "http://tendersorissa.gov.in"

Project Administrator,
I.T.D.A., Champua.



**LOST**

I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd-31.07.2014 & the original patta of M.S.R.O.R Khata No. 152/334 (Issue dt. 23.09.2021) Mouza- Purena, PS-Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.

**Saroj Kumar Sahu**

**AFFIDAVIT**

I, Sakuntala Chintala, W/o Eswara Rao Chintala, resident of B-801, Tamarind Terraces, Sailashree Vihar, Bhubaneswar-751021, Odisha declare by this affidavit no: IN-KA64946288954308X, dt- 09/10/2025 that now onwards I shall be known as **SAKUNTALA SAHU** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-15/11/2025. I, **Susanta Behera** (new name), formerly called as Shushant Behera (old name), S/o-Balakrishna Behera, permanent resident of AT/PO- Rigdul, PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Shushant Behera** (old name) to **Susanta Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susanta Behera** (new name) for all future purposes.

**Susanta Behera**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
**Campus:** 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

I, Sutapali Balajee, S/o- Sri Surya Narayan Sutapali, Resident of Dasarathi Street, Bell Road, Back side of Old Bhaskar Rao Pan Shop, Jeypore L/R, Po./Ps.-Jeypore Town, Dist.-Koraput, Odisha declare by this affidavit no. 1043, dated- 25/11/2025 that, now onwards I shall be known as **SUTAPALI BALAJI** for all future purposes.

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, CHANMIYI DAS, W/o- Priya Ranjan Sarangi, At: Bagad, Ward No. 2, Po/Ps - Kesinga, Dist.: Kalahandi, Odisha declare that, I have changed my name from CHANMIYI DAS to CHINMAYEE DASH. Henceforth, I shall be known as CHINMAYEE DASH for all purpose.

**CHINMAYEE DASH**

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SADANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my name from PRIYA RANJAN SADANGI to PRIYA RANJAN SARANGI. Henceforth, I shall be known as PRIYA RANJAN SARANGI for all purpose.

**PRIYA RANJAN SARANGI**

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SARANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my daughter's name from SANTIDAUPA SADANGI to SHANTADWEEPA SARANGI. Henceforth, she will be known as SHANTADWEEPA SARANGI for all purpose.

**PRIYA RANJAN SARANGI**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar Address dated 21.11.2025, I, Baidhar Shau, Vill-Narasinghpur, P.O.:- Bhandaridiha, Dist-Kendujhar, Odisha Pin-758025 declare that, I have changed the name of my daughter from Dipika Priyadarshini Shau to Dipika Priyadarshini Sahu. Henceforth, she shall be known as Dipika Priyadarshini Sahu for all purposes.

**NOTICE**

By virtue of an affidavit sworn before Executive Magistrate, Puri, dated 20.11.2025 I, Sujata Mallik, D/o: Duryodhana Mallik, Vill- Balipadia, Po: Gorual, Ps: puri sadar, Dist: Puri, Pin: 752002, odisha declare that I have changed my name from Puja Mallik to Sujata Mallik. Henceforth, I shall be known as Sujata Mallik for all purposes.

**Sujata Mallik**

**AFFIDAVIT**

I, **Jitendra Kumar Behera,** S/o.: Kuda Behera, Permanent resident of At/PO.: Arkil, P.S.: Rengali Dam Side, Dist.: Angul, Odisha-759100 declare by this Affidavit No.: 5927, sworn before Executive Magistrate, Angul on Dt.11.11.2025 that from now onwards my name Jitendra Behera will be known as **Jitendra Kumar Behera** for all future legal purposes.

**NOTICE**

By virtue of an affidavit sworn before **Hemangini Majhi O.R.S Executive Magistrate, Kakatpur,** dated 21/11/2025, **LAXMIPRIYA BEHERA,** W/o Ajay Behera permanent resident of Tentulia, Po: Bangurigaon, Ps - Kakatpur, Dist- Puri, State- Odisha, Pin-752118 declare that I have changed my daughter's name from **PRAGNAYAPARIMITA BEHERA** to **PRANGA PARIMITA BEHERA.** Henceforth, she shall be known as **PRANGA PARIMITA BEHERA** for all future purposes.

(Sd- LAXMIPRIYA BEHERA)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, date-18/11/2025. I, Susit Kumar Jena, S/o Nimain Charan Jena, resident of Flat No. 401, Manjulata Mansion, Nandan Vihar, Kalarahanga, Bhubaneswar, Dist- Khordha, PIN- 751024, Odisha declare that I have changed my minor daughter's name from **Sritika Sephali Jena** to **Sritika Jena.** Henceforth, she shall be known as **Sritika Jena** (new name) for all purposes.

**Susit Kumar Jena**

### ଫସର ଫାଟିଲା ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା

# ୩ ଦିନ ହେଲା ଉପାସରେ ଛାତ୍ରଛାତ୍ରୀ

**ବାସୁଦେବପୁର, ୨୫ ।୧୧(ସମିସ)**





ପିଏମ ପୋଷଣ ଯୋଜନାରେ କୁନି କୁନି ଶିଶୁଙ୍କୁ ଯୋଗାଇ ଦିଆଯାଉଛି ମଧ୍ୟାହ୍ନ ଭୋଜନ। ଉପସ୍ଥାପନ ବୃଦ୍ଧି ସହିତ ଭୋକିଲା ପେଟକୁ ଦିଆ ଯାଉଛି ପୃଷ୍ଟିକର ରନ୍ଧା ଖାଦ୍ୟ। ତେବେ ସରକାରଙ୍କ ପିଏମ ପୋଷଣ ଯୋଜନା ଫେଲ ମାରିଛି। ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ୩ ମାସ ଧରି ରୋଷେଇ ଅର୍ଥ ଯୋଗାଇ ନଦେବାରୁ ବାଧ ହୋଇ ପ୍ରଧାନ ଶିକ୍ଷକ ରୋଷେଇ ବନ୍ଦ କରି ଦେଖାଇଛନ୍ତି। ଫଳରେ ୩ ଦିନ ଧରି ଉପାସରେ ଛାତ୍ର ଛାତ୍ରୀ। ଖାଦ୍ୟ ନ ପାଇ ନିରାଶ ହୋଇ ଉପାସରେ ଘରକୁ ଫେରୁଛନ୍ତି କୋମଳମତି ଶିଶୁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାସୁଦେବପୁର ବ୍ଲକର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଗତ ୩ ଦିନ ଧରି ମଧ୍ୟାହ୍ନ ଭୋଜନ ବନ୍ଦ ଯୋଗୁଁ ଶହ ଶହ ଛାତ୍ରଛାତ୍ରୀ ଭୋକ ପେଟରେ ଘରକୁ ଫେରୁଛନ୍ତି। ଭୋକରୁ ରକ୍ଷା ପାଇବାକୁ କିଏ ପଖାଳ ଆଣିଛି ତ ପୁଣି କେହି କେହି ରୁଟି ତରକାରୀ ଆଣି ମିଳିମିଶି ଖାଉଛନ୍ତି। କିଛି ଛାତ୍ର ଛାତ୍ରୀ ଭୋକ ପେଟରେ ଖେଳକୁଦରେ ମନୋ ନିବେଶ କରି ଗରିବୀ ମନରେ ଭୋକ ମାରୁଛନ୍ତି। ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷାଧିକାରୀ ଚୁପ୍ ବସିଛନ୍ତି। ବାସୁଦେବପୁର ବ୍ଲକର ଶିକ୍ଷା ଅଧିକାରୀଙ୍କ ପଦୋନ୍ନତିର ପାଇ ବଦଳି ହୋଇ ଚାଲି ଯାଇଥିଲେ। ପଦବୀ ଫାଙ୍କା ପଡ଼ିବାରୁ ତିହିଡି ବ୍ଲକ ବ୍ଲକ ଶିକ୍ଷାଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଗଲା। ବ୍ଲକ ଶିକ୍ଷାଧିକାରୀ ସାବତପୁଅ ପରି ନାମକୁ ମାତ୍ର ଚାର୍ଜରେ ରହିଲେ ସତ ବାସୁଦେବପୁର ବ୍ଲକର ବିଇଏଙ୍କ କାର୍ଯ୍ୟାଳୟକୁ ଭଗବାନ ଭରସ। ଜଗନ୍ନାଥପୁର ଗାଁର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବର୍ଟନ ଦାୟିତ୍ୱ ଭଦ୍ରକର ଦାମୋଦର ଜୀଉ ସେବା ସଂସ୍ଥାକୁ ପ୍ରଦାନ କରୁଥିଲା। ଅଗଷ୍ଟ ମାସରେ ଖାଦ୍ୟରେ ପୋକ ପଡ଼ିଥିବାର ଅଭିଯୋଗ କରି ଗ୍ରାମବାସୀମାନେ ୪ଦିନ ଧରି ଖାଦ୍ୟ ବନ୍ଦ କଲେ। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ମିଳିତ ସହଯୋଗରେ ମଧ୍ୟାହ୍ନ ଭୋଜନ ବଣ୍ଟନ ଆରମ୍ଭ ହେଲା। ରୋଷେଇ ବାବଦକୁ ମାସିକ ୪୫ରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହେଲା। ଦିନକୁ ଦିନ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କର ଆର୍ଥିକ ବୋଝ ମୁଣ୍ଡ ବ୍ୟଥାର କାରଣ ହେଲା। ମାସେକୁ ତିନି ମାସ ଧରିଲା। ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ। କେହି କଥାକୁ ଗୁରୁତ୍ୱର ଭାବେ ଗ୍ରହଣ କଲେ ନାହିଁ। ବିଦ୍ୟାଳୟର ବସ୍ତା ବସ୍ତା ଚାଉଳ ଗଡୁଛି। ଦୋକାନରେ ବାକି ରହିଥିବାରୁ ଦୋକାନୀ ତେଲ ଲୁଣ ଓ ମସଲା ଦେବାକୁ ରୋକଠୋକ ଭାବେ ମନାକରି ଦେଇଛନ୍ତି। ରୋଷେଇ କରିବାକୁ ଜାଳକାଠ ଠାରୁ ଆରମ୍ଭ କରି ପନିପରିବାର ଓ

**ଅର୍ଥ ଦେଉନାହାନ୍ତି ନୋଡାଲ ଅଫିସର**

ତେଲ ମସଲା ଆବଶ୍ୟକ ରହିଛି। ଆବଶ୍ୟକେ ଅର୍ଥ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାରେ ବାଧକ ସାଜିଛି। ତିନିଦିନ ହେବ କୁନି କୁନି ଶିଶୁ ଖେଳ ଛୁଟିରେ ପାଣି ପିଇ ଭୋକ ମେଣ୍ଟାଉଛନ୍ତି ଛାତ୍ରଛାତ୍ରୀ। ପାଣି ପିଇବା ଦ୍ୱାରା ପେଟ କାଟିବା ସହିତ ମୁଣ୍ଡ ବିନ୍ଧି ଛାତି ଯନ୍ତ୍ରଣା ହେଉଛି ବୋଲି ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ଏ ନେଇ ପରିଚାଳନା କମିଟିର ସଦସ୍ୟ ଓ ଅବିଭାବକ ପ୍ରଧାନ ଶିକ୍ଷକଙ୍କୁ ଘେରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ଭଦ୍ରକ, ୨୫ ।୧୧(ସମିସ):** କଟକ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ୍ତ କ୍ୟାଲେଣ୍ଡର ଅନୁଯାୟୀ ସଚେତନତା ଶିବିର କାର୍ଯ୍ୟକ୍ରମ ନିମିତ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମକେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମ୍ବିଧାନ ଗଠନ କାର୍ଯ୍ୟ ତଥା ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସମାଜରେ ତୃତୀୟ ଲିଙ୍ଗିଙ୍କର ଅଧିକାର ସମ୍ପର୍କରେ ଏବଂ ମୁଖ୍ୟ ଆଭିମୁଖ୍ୟ ଯାହାକି ଯୌନ ଉତ୍ପୀଡ଼ନ ମହିଳାଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚର ସମ୍ବନ୍ଧରେ ଆସିଥିବା ସମ୍ମାନିତୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ(ଡିଆଇବି) ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଦୁର୍ଗାଶଙ୍କର ଦାସ, ଭଦ୍ରକ କିଶୋର ନ୍ୟାୟ ପରିଷଦ ସଦସ୍ୟ ବନମାଳୀ ଜେନା, ପ୍ରତିପକ୍ଷ ଓକିଲ ତାପସ କୁମାର ମହାନ୍ତି ତଥା ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ଏବଂ କଲେଜର ଛାତ୍ରଛାତ୍ରୀ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଶ୍ରୀ ଦ୍ୱିବେଦୀ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ତଥା ସମୟକୁ ଅପଚୟ ନ କରି ନିଜ ନିଜର କେରିଅର୍ ପ୍ରତି ଦୃଷ୍ଟିଦେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ଏକ ଜନମଙ୍ଗଳ ରାଷ୍ଟ୍ର ନିର୍ମାଣ ପାଇଁ ଛାତ୍ରଛାତ୍ରୀ ହେଉଛନ୍ତି ମୁଖ୍ୟ ମାଧ୍ୟମବୋଲି ଶ୍ରୀ ରଥ କହିଥିଲେ। ଛାତ୍ରଛାତ୍ରୀଙ୍କ ଭୂମିକା ସମାଜ ସଂସ୍କାର ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାଲସା ଦେୟ ମୁକ୍ତ ନମ୍ବର ୧୫୧୦୦ ଯାହାକି ସମଗ୍ର ଦେଶରେ ମାଗଣା ଆଇନ୍ ସହାୟତା ପାଇଁ ଉଦ୍ଦିଷ୍ଟ ଶ୍ରୀ ରଥ ମଧ୍ୟ ଏହାର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୂଚନା ଦେଇଥିଲେ। ପରିଶେଷରେ ଶ୍ରଦ୍ଧାଞ୍ଜଳି ରାଉତ ଅଧ୍ୟାପିକା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଦ୍ରକ ସମସ୍ତ ଆଗନ୍ତୁକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶା ନିବାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ଭଦ୍ରକ, ୨୫ ।୧୧(ସମିସ):** ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସେଣ୍ଟ୍ରାଲ୍ ହଷ୍ଟେଲ ଏବଂ ୱେଷ୍ଟ ହଷ୍ଟେଲରେ ଆଲୋଚନାଚକ୍ର ମାଧ୍ୟମରେ ପାଳିତ ହୋଇଛି। ଏହି ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଭଦ୍ରକ ଜିଲ୍ଲା ତରଫରୁ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଭଦ୍ରକ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କର ସଞ୍ଚାଳନରେ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ ଓ ଅଗଣୀ ଚନ୍ଦ୍ର ଜେନା, ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ଅଧିବକ୍ତା ମାଧବାନନ୍ଦ ବେହେରା କେନ୍ଦ୍ରୀୟ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଗିରିଧାରୀ ପାତ୍ର ପ୍ରମୁଖ ଯୁବ ସମ୍ପ୍ରଦାୟ ନିଶାମୁକ୍ତ ଓଡ଼ିଶା ଆନ୍ଦୋଳନରେ ସାମିଲ ହୋଇ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ବ୍ୟକ୍ତିଗତ ସ୍ତରରେ ନିଶାଦ୍ରବ୍ୟ ଛାତ୍ରମାନଙ୍କୁ ଦୂରରେ ରହିବାକୁ ଶପଥ ପାଠ କରାଯାଇଥିଲା। ତତ୍ ପରଦିନ ମୋନାର ରାଜ୍ୟ ଉପସଭାପତି ଖଗେଶ୍ୱର ବଳଙ୍କର ନେତୃତ୍ୱରେ ପ୍ରତ୍ୟେକ ୭ଟି ବ୍ଲକରୁ ଆସିଥିବା ମୋନାର କାର୍ଯ୍ୟକର୍ତ୍ତାଗଣ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ନିଶା କବଳରେ ଅତ୍ୟନ୍ତ ଜର୍ଜରିତ ଥିବାରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

### ରାଷ୍ଟ୍ରୀୟ ପର୍ଯ୍ୟାବରଣ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

## ଓଡ଼ିଶାରୁ ଯୋଗଦେଲେ ଦୁଇ ପ୍ରତିନିଧି



**ଭଦ୍ରକ, ୨୫ ।୧୧(ସମିସ):** ରାଷ୍ଟ୍ରୀୟ ପର୍ଯ୍ୟାବରଣ ମଞ୍ଚର ଏକ କାର୍ଯ୍ୟକାରିଣୀ ବୈଠକ ତେଲେଙ୍ଗାନା ପ୍ରଦେଶର ମେଡକଲ ଜିଲ୍ଲା ଆନୋଜୀଗୁଡାସ୍ଥିତ ଏକନାଥ ରାଣାଡେ ରାଷ୍ଟ୍ରୀୟ ବିଦ୍ୟା କେନ୍ଦ୍ରମ ପରିସରରେ ଗତ ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୨ଜଣ ପ୍ରତିନିଧି ଯୋଗଦେଇ ରାଜ୍ୟର ପରିବେଶ ପ୍ରତି ବିପଦପୂର୍ଣ୍ଣ ବ୍ୟବହାର ଓ ନିରାକରଣ ଉପରେ ମତ ଉପସ୍ଥାପନ କରିଛନ୍ତି। ସରକାରୀ ସହଯୋଗ ବ୍ୟତୀତ ନିଜର ନାଗରିକ ଦାୟିତ୍ୱ ନିର୍ବାହ ପୂର୍ବକ ମଞ୍ଚ ସାରା ଦେଶର ପର୍ଯ୍ୟାବରଣ ସୁରକ୍ଷା ପ୍ରତି ସମର୍ପିତ ଭାବନାରେ କାର୍ଯ୍ୟ କରିବାକୁ ବୈଠକରେ ସାର୍ବଜନୀନ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ହିରଣ୍ମୟ ପାଣ୍ଡ୍ୟା, ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ ଡ. ଲକ୍ଷ୍ମଣ ଚନ୍ଦ୍ରା, ଉତ୍ତରପ୍ରାନ୍ତ ପ୍ରଭାରୀ ଅନିଲ ଉପାଧ୍ୟାୟ, ପୂର୍ବପ୍ରାନ୍ତ ପ୍ରଭାରୀ ଏନାମୁଲ ହକ୍, ଦକ୍ଷିଣପ୍ରାନ୍ତ ପ୍ରଭାରୀ ରାମା ରେଡ୍ଡୀ, ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ଦୃଷ୍ଟି ରାଉଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଓଡ଼ିଶାରୁ ଓଡ଼ିଶା ପର୍ଯ୍ୟାବରଣ ମଞ୍ଚର ରାଜ୍ୟ ସଂଯୋଜକ ଶ୍ରୀନିବାସ ଖୁଣ୍ଟିଆ ଓ ଭଦ୍ରକ ଜିଲ୍ଲା ସଂଯୋଜକ ତପନ କୁମାର ପଣ୍ଡା ପ୍ରତିନିଧିତ୍ୱ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ବ୍ୟାପକ ସଚେତନତା କରି ଭବିଷ୍ୟତ ପିଢି ମଧ୍ୟରେ ପରିବେଶ ସୁରକ୍ଷାର ଭାବ ଜାଗ୍ରତ କରିବା, ବହୁ ଜନ ସମାଗମ ସ୍ଥାନରେ ଓ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା ବ୍ୟାଗକୁ ବିକଳ୍ପ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା, ବର୍ଜ୍ୟବସ୍ତୁର ସ୍ଥାନାନ୍ତରଣ ଓ ଆବଶ୍ୟକ ସ୍ଥଳେ ଏହାର ସଠିକ ଉପଯୋଗ କରିବା, ଜଳ ସଂରକ୍ଷଣ ଲାଗି ଭୂମିର ଉଚ୍ଚତର ସ୍ଥାନରେ ଜଳାଶୟ ନିର୍ମାଣ କରାଇବା, ବୃକ୍ଷରୋପଣ ଓ ତାର ପୂର୍ଣ୍ଣକାଳୀନ ସୁରକ୍ଷା କରିବା ଆଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

## ବେକରେ ରଶି ଲଗାଇ ନାବାଳକର ଆତ୍ମହତ୍ୟା



**ଦୋବଲ, ୨୫ ।୧୧(ସମିସ):** ଧାମନଗର ଥାନା ଅଧୀନ ଦେହୁଡି ଆନନ୍ଦପୁର ପଞ୍ଚାୟତ ଚମ୍ପାବାଗ ଗାଁର ମନୋଜ ପଲେଇଙ୍କ ୧୦ ବର୍ଷର ପୁଅ ବାପୁନ ପଲେଇ ବେକରେ ରଶି ଆତ୍ମହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ବାପୁନଙ୍କ ବାପା ଡ୍ରାଇଭର ଏବଂ ମା' ଅଙ୍ଗନବାଡ଼ିରେ କାର୍ଯ୍ୟ କରନ୍ତି। ଏହି ସମୟରେ ଘରେ ଏକାକି ଥିବା ବାପୁନ ମୋବାଇଲରେ ଗେମ୍ ଖେଲୁଥିଲେ ବୋଲି ଜଣାଯାଇଛି। ଏକାକୀ ଥିବା ବାପୁନ ଏହି ଗେମ୍ ଖେଲୁଥିଲେ ପରେ ଏଥିରେ ପ୍ରେରିତ ହୋଇ ବେକରେ ରଶି ଲାଗଇ ଝୁଲିପଡ଼ିଥିବା ଅନୁମାନ କରାଯାଇଛି। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚେକ୍ ବାଉନ୍ସ ମାମଲାରେ ଫେରାର ୨ ଅଭିଯୁକ୍ତ ଗିରଫ

**ଦୋବଲ, ୨୫ ।୧୧(ସମିସ):** ଧାମନଗର ଥାନା ପକ୍ଷରୁ ଚେକ ବାଉନ୍‌ସ ମାମଲାରେ ଫେରାର ଥିବା ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଡିପଦା ପଞ୍ଚାୟତ ମୁଥାନଗର ଗାଁର ସନ୍ତୋଷ କର ଓ କୋରକଦା ଗାଁର ଶ୍ରୀପତି ତ୍ରିପାଠୀ। ସୁଚନା ଥାଉ କି ୨୦୧୨ ମସିହାରେ ସନ୍ତୋଷ କର ବଜାଜ ଫାଇନସରୁ ମାଧ୍ୟମରେ ଲୋନ କରି ଗାଡି କିଣିଥିଲେ। ସେଥିରେ ଚେକ୍ ବାଉନ୍‌ସ ହୋଇଥିଲା। ଏନେଇ ବଜାଜ ଫାଇନସ ପକ୍ଷରୁ କୋର୍ଟରେ ଆଶ୍ରୟ ନିଆଯାଇଥିଲା। ପରେ ସନ୍ତୋଷଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିଲା। ଧାମନଗର ପୁଲିସ ପକ୍ଷରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେହିପରି କୋରକଦା ଗାଁର ଶ୍ରୀପତି ତ୍ରିପାଠୀ ସ୍ଥାନୀୟ କିଛି ଲୋକଙ୍କ ପାଖରୁ ଟଙ୍କା ନେଇଥିଲା। ଟଙ୍କା ଶୁଝିବା ଲାଗି ଚେକ୍ ଦେଇଥିଲେ। ହେଲେ ବ୍ୟାଙ୍କରେ ଟଙ୍କା ରଖିନଥିଲେ। ଫଳରେ ଚେକ୍ ବାଉନ୍‌ସ ହୋଇଯାଇଥିଲା। ଏନେଇ କୋର୍ଟର ଆଶ୍ରୟ ପରେ ଶ୍ରୀପତିଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିଲା। ଶନିବାର ପୁଲିସ ତାଙ୍କୁ ଗରିଫ କରିଛି।

## ବିଧାୟକଙ୍କ ବାସଭବନରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ



**ବାରିକପୁର, ୨୫ ।୧୧(ସମିସ):** ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧା ସ୍ଥିତ ବାସଭବନରେ ସୋମବାର ବିଜେଡିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭଣ୍ଡାରିପୋଖରୀ ବ୍ଲକର କର୍ମୀଙ୍କୁ ନେଇ ଏହି ବୈଠକ ଆୟୋଜିତ ହୋଇଥିଲା। ଗତ କିଛି ଦିନ ହେବ ଦୁଇ ବ୍ଲକର ଅଧ୍ୟକ୍ଷ ବିଜେପିରେ ଯୋଗଦାନ କରବା ନେଇ ଚର୍ଚ୍ଚା ହେଉଛି। ତେଣୁ ଏହା ପୂର୍ବରୁ ବିଧାୟକ ଶ୍ରୀ ମଲ୍ଲିକ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଓ କର୍ମୀମାନଙ୍କ ସହିତ ଏନେଇ ବିସ୍ତୃତ ଆଲୋଚନା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଧାୟକଙ୍କ ଦକ୍ଷ ନେତୃତ୍ୱ ଉପରେ ବିଜେଡି ସୁସଂଗଠିତ ହୋଇ ରହିବାକୁ କର୍ମୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅଧିନ ଦୁଇଟି ପଞ୍ଚାୟତ ସମିତି- ଭଣ୍ଡାରିପୋଖରୀ ଓ ବନ୍ତ ଏବେ ବିଜେଡି ଅଧୀନରେ ରହିଥିବା ବେଳେ ଦୁଇ ବ୍ଲକ ଅଧ୍ୟକ୍ଷ ଏବେ ଶାସକ ଦଳକୁ ଯିବେ ବୋଲି ଚର୍ଚ୍ଚା ଜୋର ଧରିଛି। ତେଣୁ ଏଭଳି ହେଲେ ଆଗାମୀ ଦିନରେ ବିଜେଡି ତରଫରୁ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରାଯିବ ବୋଲି ବୈଠକରୁ ସୂଚନା ମିଳିଛି। ବିଧାୟକଙ୍କ ସହିତ ଅନେକ ପଞ୍ଚାୟତର ଦଳୀୟ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ବରିଷ୍ଠ ତଥା ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ଡ. ସଦାନନ୍ଦ ଦୀକ୍ଷିତଙ୍କୁ ଶାରଦା ଉପାଧି




**ଭଦ୍ରକ, ୨୫ ।୧୧(ସମିସ):** ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୱତ୍ ପରିଷଦ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ବିଶ୍ୱ ସଂସ୍କୃତ ସଙ୍ଗଠନ, ପୋଲାଣ୍ଡର କେନ୍ଦ୍ରୀୟ ସଭାପତି ଓ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ଼.ସଦାନନ୍ଦ ଦୀକ୍ଷିତଙ୍କୁ ସଂସ୍କୃତ ଶାରଦା ଉପାଧିରେ ବିଭୂଷିତ କରାଯାଇଛି। ବିଦ୍ୱତ ପରିଷଦର ରଜତ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିହାରର ରାଜ୍ୟପାଳ ବିଦ୍ୱାନ ଅରିଫ ମୋହମ୍ମଦ ଖାଁ ଯୋଗଦେଇ ବେଦାନ୍ତ ଦର୍ଶନ ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଭାରତୀୟ ଜ୍ଞାନପରମ୍ପରାର ସୁରକ୍ଷା ପାଇଁ ବିଦ୍ୱାନ ସମାଜକୁ ପରାମର୍ଶ ଦେଇଥିଲେ। ପରିଷଦର ଅଧ୍ୟକ୍ଷ ହିନ୍ଦୁ ବିଶ୍ୱବିଦ୍ୟାଳୟର ଡିନ ପ୍ର. ଜୟଶଙ୍କରଲାଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବିଦ୍ୱାନ ତଥା ନେପାଳର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ହେମାନନ୍ଦ ଗିରି ଓ ନିମ୍ବାର୍କ ଆଚାର୍ଯ୍ୟ ପଦ୍ମନାଭ ଶରଣଦେବ ମହାରାଜ, ପୂର୍ବ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଡ଼ା. ମହେନ୍ଦ୍ର ନାଥ ପାଣ୍ଡେୟ ଯୋଗଦେଇ ଭାରତୀୟ ସଂସ୍କୃତ ସଂସ୍କୃତି ଓ ସନାତନ ଧର୍ମର ସୁରକ୍ଷା ଓ ପ୍ରସାର ନିମିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ମହାସଚିବ ଡ଼ କାମେଶ୍ୱର ଉପାଧ୍ୟାୟ ସଭା ସଞ୍ଚାଳନ କରିଥିଲେ ଏବଂ ପ୍ର. ରାମପୂଜନ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ମତୋଠାରେ ଛାତ୍ର ଅଧିକାର ସମାବେଶ

**ଭଦ୍ରକ, ୨୫ ।୧୧(ସମିସ):** ଅଖିଳ ଭାରତୀୟ ଛାତ୍ର ସଙ୍ଘ ପକ୍ଷରୁ ଭଦ୍ରକ ଜିଲ୍ଲା ଚନ୍ଦବାଲି ବ୍ଲକ ମତୋଠାରେ ଏକ ଛାତ୍ର ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଙ୍ଘର ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ଛାତ୍ର ସଙ୍ଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇ ଛାତ୍ର ସମାଜର ଅଧିକାର ଉପରେ




ଅଙ୍କୁଶ ଲଗାଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ ମତୋ ବଜାର ପରିକ୍ରମା କରିଥିଲେ। ଏଥି ସହିତ ମତୋ କଲ୍ୟାଣମଣ୍ଡପ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀଙ୍କ ପଦବୀ ପୂରଣ କରିବା, ସରକାରୀ ବସରେ ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ଯାତାୟତର ସୁବିଧା ଆଜି ବିଭିନ୍ନ ଦାବି ପୂରଣ କରିବା ସହ ଦେଶ ଭବିଷ୍ୟତ ଗଢିତୋଳିବାରେ ସରକାର ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ସମାବେଶରେ ଅଖିଳ ଭାରତୀୟ ଛାତ୍ର ସଙ୍ଘ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଓ ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ



**ତିହିଡି, ୨୫ ।୧୧(ସମିସ):** ତିହିଡି ମୁକୁନ୍ଦପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ରାଉତଙ୍କ ମା' ଅନ୍ନପୂର୍ଣ୍ଣା ରାଉତଙ୍କ ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୧ବର୍ଷ ହୋଇଥିଲା। ମୃତ୍ୟୁ ସମୟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ପୂର୍ବତନ ବିଧାୟକ ବିଜୟ ନାୟକ, ବିଷ୍ଣୁବ୍ରତ ରାଉତରାୟ, ରାଜେନ୍ଦ୍ର ଦାସ, ମୁକ୍ତିକାନ୍ତ ମଣ୍ଡଳ, ତିହିଡି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, କମଳାକାନ୍ତ ଲେଙ୍କା, ସଂଗ୍ରାମକେଶରୀ ଦାସ, ପ୍ରବୀର ନାୟକ, ଦୁଃଖୀ ଅନିରୁଦ୍ଧ ବାରିକ ଅଜୟ ରାଉତ, ବିଭୂତିଭୂଷଣ ପାଟ, ଉମାକାନ୍ତ ଦାସ ବାଦଲ ଜେନା, ଗଣେଶ ନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାନପୁଅ କୀର୍ତ୍ତନ ମୁଖାଗ୍ନି ଦେଇଥିଲେ।

### ଭଦ୍ରକ ଜିଲ୍ଲା: ୨ ବର୍ଷ ୧୦ ମାସରେ ୧୯୩୧ ଦୁର୍ଘଟଣା

# ଜୀବନ ଯାଇଛି ୪୪୯ ଓ ଆହତ ହୋଇଛନ୍ତି ୭୭୨

**ଭଦ୍ରକ, ୨୫ ।୧୧(ସମିସ)**


ଫାଇଲ୍ ଫଟୋ

ଭଦ୍ରକ ଜିଲ୍ଲାରେ ଗତ ୨ ବର୍ଷ ୧୦ମାସ ମଧ୍ୟରେ ଅର୍ଥାତ ଗତ ୨୦୨୩, ୨୦୨୪ ଓ ୨୦୨୫ ଅକ୍ଟୋବର ମାସ ଶେଷ ସୁଦ୍ଧା ୧୯୩୧ଟି ଛୋଟବଡ ସଡକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୪୪୯ଜଣଙ୍କ ମୃତ୍ୟୁ ଘଟିଛି। ସେହିଭଳି ୭୭୨ ଜଣ ଗୁରୁତର ଓ ସାମାନ୍ୟ ଆହତ ହୋଇଛନ୍ତି। ତେବେ ଜିଲ୍ଲାର ୧୯ଟି ଥାନା ଇଲାକା ମଧ୍ୟରୁ ସର୍ବାଧିକ ଦୁର୍ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ। ଏହି ଥାନା ଅଧିନରେ ଉପରୋକ୍ତ ଅବଧି ମଧ୍ୟରେ ସର୍ବାଧିକ୨୨୪ଟି ଦୁର୍ଘଟଣା ଘଟିଥିବା ବେଳେ ୫୮ଜଣଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଗତ ୨୦୨୩ରେ ଜିଲ୍ଲାର ୧୯ଟି ଥାନାଞ୍ଚଳରେ ମୋଟ ୭୩୧ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୬୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫୭ଜଣ ଗୁରୁତର ହୋଇଥିଲେ ଓ ୧୪୮ଜଣ ଆହତ ହୋଇଥିଲେ। ସେହିଭଳି ଗତ ୨୦୨୪ବର୍ଷରେ ଜିଲ୍ଲାରେ ୭୨୦ଟି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ୧୬୮ଜଣଙ୍କ ପ୍ରାଣହାନୀ ହୋଇଥିଲା ଓ ୮୭ଜଣ ଗୁରୁତର ହୋଇଥିବାବେଳେ ୮୭ଜଣ ଆହତ ହୋଇଥିଲେ। ସେହିପରି ୨୦୨୫ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ଜିଲ୍ଲାର ୯ଗୋଟି ଥାନା-ଆଗରପଡ଼ା, ବାଂଶଡା, ବାସୁଦେବପୁର, ଭଦ୍ରକ ଗ୍ରାମାଞ୍ଚଳ, ଭଦ୍ରକ ଟାଉନ, ଭଣ୍ଡାରିପୋଖରୀ, ବନ୍ତ, ଚାନ୍ଦବାଲି, ଚୂଡାମଣି ମେରାଇନ, ଧାମନଗର, ଧାମରା, ଧାମରା ମେରାଇନ, ଧୂଷୁରୀ, କଣିଆ

**ଗ୍ରାମାଞ୍ଚଳ ଥାନା ଅଧୀନରେ ସର୍ବାଧିକ ଦୁର୍ଘଟଣା**

ମେରାଇନ, ନାୟକାଣିଡିହି, ପୀରହାଟ, ପୁରୁଣାବଜାର, ସାବରଙ୍ଗ ଓ ତିହିଡି ଥାନା ଇଲାକାରେ ମୋଟ ୪୮୦ଟି ଛୋଟବଡ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୧୧୯ଜଣଙ୍କ ଜୀବନ ଉଜୁଡି ଯାଇଥିବା ବେଳେ ଗୁରୁତର ଭାବେ ୧୨୦ଜଣ ଆହତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

## ଥମୁନି ଚୋରା କୋଇଲା କାରବାର

**ଦୋଳସାହି, ୨୫ ।୧୧(ସମିସ):** ତିହିଡି ଓ ସାବରଙ୍ଗ ଥାନା ଅଞ୍ଚଳରେ ଚୋରା କୋଇଲା କାରବାର ଥମିବା ନାଁ ଧରୁନାହିଁ। ସୂଚନାଯୋଗ୍ୟ, ଧାମରା ବନ୍ଦରରୁ ଭଦ୍ରକ ଅଭିମୁଖେ ଟ୍ରେନ ଯୋଗେ ଆସୁଥିବା ହାର୍ଡକୋକ କୋଇଲା ଚଳନ୍ତା ଟ୍ରେନ୍‌ରୁ ବାହାର କରି ରାଜ୍ୟ ତଥା ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରିବା ନେଇ ଚର୍ଚ୍ଚା ଚାଲିଛି। ଗତ କିଛି ମାସ ତଳେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ମନୋଜ ରାଉତ ଯୋଗଦାନ ପରେ ଏହି ବେଆଇନ କୋଇଲା ଚୋରା ଚାଲାଣ ଥମିଥିଲା। ତେବେ କିଛିଦିନ ପରେ ଏହି କୋଇଲା ମାଫିଆମାନେ ଖୋଲାଖୋଲି ବେପାର କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚୋରା କୋଇଲା ମାଫିଆମାନେ ପ୍ରଶାସନ ଓ ନେତାଙ୍କ ଛତ୍ରଛାୟା ତଳେ ରହି ବେପାର କରୁଛନ୍ତି। ତେଣୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଏପଟେ ଶୂନ୍ ମୃତାହତ ପକ୍ଷ; ସେପଟେ ଦୁର୍ଘଟଣାରେ ୩ ମୃତ


ଭଦ୍ରକ,୨୫।୧୧(ସମିସ): ଭଦ୍ରକ ଜିଲ୍ଲାରେ ସଡ଼କ ଦୁର୍ଘଟଣାଜନିତ ଶୂନ୍ ମୃତାହତ ପକ୍ଷ ଚାଲିଛି। ଏହି ପକ୍ଷ ଗତ ୧୬ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୩୦ ତାରିଖ ଯାଏଁ ଚାଲିବ। ସଚେତନତା ଶୋଭାଯାତ୍ରା, କାର୍ଯ୍ୟକ୍ରମ ସହ ଆଞ୍ଚଳିକ ପରିବହନ ବିଭାଗ, ପୁଲିସ ମିଳିତ ଭାବେ ଯାଞ୍ଚ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ଏହି ଶୂନ୍ ମୃତାହତ ପକ୍ଷ ପାଳନ ମଧ୍ୟରେ ଭଦ୍ରକ ଜିଲ୍ଲାରେ ଏକାଧିକ ଦୁର୍ଘଟଣାମାନ ଘଟି ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଏକାଧିକ ଆହତ ହୋଇଛନ୍ତି। ସେହିଭଳି ୧୨ଟି ଗୋରୁ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଛି। ସୂଚନାନୁଯାୟୀ, ଗତ ୧୬ ତାରିଖ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ କୁଲେଇପଦା ଛକ ନିକଟରେ ଆରଡ଼ି-ଭଦ୍ରକ ୩୫ ନମ୍ବର ରାଜ୍ୟ ରାଜପଥରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର୍ ମଧ୍ୟରେ ଥିବା ସମସ୍ତ ବେଲୁନ୍ ଫାଟିଯିବାରୁ ପାଳସାହି ପଞ୍ଚାୟତର ବେତାଳିଗାଁ ଅଞ୍ଚଳର ୪ ଯୁବକ ସାମାନ୍ୟ ଆହତ ହୋଇ ରକ୍ଷା ପାଇଥିଲେ। ଅନୁରୂପ ଭାବେ ଗତ ୧୭ ତାରିଖରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଉତୁକୁଠାରେ ଏକ ଅଟୋ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ମୃତ ସାଇକଲ ଆରୋହୀ ଉତୁକୁ ଗ୍ରାମର ଅରୁଣ ବେହେରା ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଅଟୋଟି ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଥିଲା। ସେହିପରି ଗତ ୨୦ ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ନିକଟରେ ଏକ ବେଆଇନ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲ୍‌ପର ଫେରାର୍ ହୋଇଥିବାବେଳେ ଗାଡ଼ିରେ ନିଆଁ ଲାଗି ଜଳିଯାଇଥିଲା। ଫଳରେ ଏଥିରେ ଥିବା ୧୭ଟି ଗୋରୁଙ୍କ ମଧ୍ୟରୁ ୧୨ଟି ଗୋରୁଙ୍କର ମୃତ୍ୟୁ ହୋଇଥିଲା। ଗତ ୨୨ ତାରିଖରେ ମଧ୍ୟ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୨ଟି ଜୀବନ ଯାଇଥିଲା। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଏକ ସ୍କୁଟିକୁ ଯାତ୍ରୀବାହୀ ବସ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ଦ୍ୱୟ ହେଲେ ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଲିଚତୁରୀର ଗୋଲେଖ ଦାସ (୪୫) ଓ ଦୈତାରୀ ପୁହାଣ (୩୮)। ଏହି ଅଭାବନୀୟ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଉକ୍ତ ଦୁର୍ଘଟଣା ବ୍ୟତୀତ ଅନେକ ଦୁର୍ଘଟଣା ଏହି ଶୂନ୍ ମୃତାହତ ସଚେତନତା ପକ୍ଷରେ ଘଟିଥିବା ଜଣାଯାଇଛି।

## ଓପିଏସ୍‌ସି ପରୀକ୍ଷାରେ ଆଶୁତୋଷଙ୍କ ସଫଳତା



ବାସୁଦେବପୁର,୨୫।୧୧(ସମିସ): ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ(ଓପିଏସ୍‌ସି) ପରୀକ୍ଷାରେ ବାସୁଦେବପୁର ବ୍ଲକ୍ ଲୁଙ୍ଗା ପଞ୍ଚାୟତ ବଡ଼କିଆରୀ ଗାଁର ଆଶୁତୋଷ ମଲ୍ଲିକ ସଫଳତା ହାସଲ କରି ବାସୁଦେବପୁର ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗଙ୍କ ଚିଠି ଅନୁସାରେ ମଙ୍ଗଳବାର ପ୍ରକାଶିତ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ (ଏସିଏଫ୍) ତାଲିକାରେ ୩୦ତମ ସ୍ଥାନ ପାଇଛନ୍ତି। ଆଶୁତୋଷ ଅବସରପ୍ରାପ୍ତ ହାବିଲ୍‌ଦାର ଅଭିମନ୍ୟୁ ମଲ୍ଲିକ ଓ ଚମ୍ପାବତୀ ମଲ୍ଲିକଙ୍କ ସାନ ପୁଅ ତଥା ଲୁଙ୍ଗା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସ୍ୱର୍ଗତ ବୃନ୍ଦାବନ ମଲ୍ଲିକଙ୍କ ନାତି ଅଟନ୍ତି। ନିଜର ନିଷ୍ଠାପର ଉଦ୍ୟମ ଓ ଦୃଢ଼ ଇଚ୍ଛାଶକ୍ତି ସଫଳତାର ପାଦ ଦେଶରେ ପହଞ୍ଚାଇଥାଏ ବୋଲି ସେ କହିଛନ୍ତି।

## ଝାରଡିଆ ଗାଁ ବସ୍‌ଷ୍ଟାଣ୍ଡ ଅଧପନ୍ତରିଆ



ଅସୁରାଳି,୨୫।୧୧(ସମିସ): ଗଡ଼ିଆଳି ପଞ୍ଚାୟତ ଅନ୍ତର୍ଗତ ଝାରଡିଆ ଗ୍ରାମରେ ୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୩ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅଧା ତିଆରି ହୋଇଥିବା ଷ୍ଟାଣ୍ଡ ବର୍ତ୍ତମାନ ଦରଖଣ୍ଡିଆ ଅବସ୍ଥାରେ ପଡ଼ି ରହିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଠିକାଦାର କାମ ଆରମ୍ଭ କରିଥିଲେ କିନ୍ତୁ ମଧ୍ୟରେ ଛାଡ଼ି ଦେଇଥିବାରୁ ୩ ବର୍ଷ ହେଲା ପ୍ରକଳ୍ପ ଅଟକି ପଡ଼ିଛି। ନା ବସ୍ ଆସୁଛି, ନା ବସ୍‌ଷ୍ଟାଣ୍ଡ ପୂର୍ଣ୍ଣାଙ୍ଗ ହୋଇପାରୁଛି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ସରକାରୀ ସମ୍ପତ୍ତିର ବ୍ୟବହାର ସଠିକ୍ ଭାବରେ ହୋଇନାହିଁ ବୋଲି ସେମାନଙ୍କ ଅଭିଯୋଗ କରିଛନ୍ତି। ଏ ବିଷୟରେ ଧାମନଗର ବିଡିଓ ବନବିହାରୀ ଧିହାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଗ୍ରାମବାସୀଙ୍କ ଆଶା, ଶୀଘ୍ର ତଦନ୍ତ ହୋଇ ଦୋଷୀଙ୍କୁ ଚିହ୍ନଟ କରାଯିବ ଏବଂ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ପୁଣିଥରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବ।

**ଜନକଲ୍ୟାଣରେ କେବେ ଲାଗିବ ?**

# କଲ୍ୟାଣମଣ୍ଡପ ନିର୍ମାଣ ସରିବାର ନାଁ ଧରୁନି

ବନ୍ତ/ଆଗରପଡ଼ା,୨୫।୧୧(ସମିସ)



ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକଙ୍କ ଆର୍ଥିକ ଅବସ୍ଥାକୁ ଆଖି ଆଗରେ ରଖି ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ସତ କିନ୍ତୁ ବିଭାଗ ତରଫରୁ ଯୋଜନାରେ ବିନିଯୋଗ ହେବାକୁ ଥିବା ଅର୍ଥର ଅଟକଳ ଠିକ୍ ଭାବେ କରାଯାଉ ନ ଥିବାରୁ ଯୋଜନାଗୁଡ଼ିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ କ୍ଷେତ୍ରରେ। ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଅନେକ କଲ୍ୟାଣମଣ୍ଡପ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏହା କେବେ ଜନକଲ୍ୟାଣରେ ଲାଗିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଯୋଜନା ମୁତାବକ ପ୍ରତି କଲ୍ୟାଣମଣ୍ଡପ ନିର୍ମାଣରେ ପାଖାପାଖି ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ସମପରିମାଣର ଅର୍ଥ ମଞ୍ଜୁର ହୋଇପାରୁ ନ ଥିବାରୁ ଉକ୍ତ ମଣ୍ଡପଗୁଡ଼ିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଡ ପଞ୍ଚାୟତରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତି ସମୟରେ ବିଭିନ୍ନ ଯୋଜନାରେ ଆଉ ୧୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା। କିନ୍ତୁ ୭ ବର୍ଷ ପରେ ମଧ୍ୟ ପ୍ରକଳ୍ପଟି ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିଲା। ଏହା ସମ୍ପୂର୍ଣ୍ଣ ହେବାକୁ ଆହୁରି ୧୫ ଲକ୍ଷ ଟଙ୍କାର ଆବଶ୍ୟକତା କରୁଥିଲା। ଉକ୍ତ ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରଚେଷ୍ଟାରୁ ବର୍ତ୍ତମାନ ଉକ୍ତ ମଣ୍ଡପର ଛାତ ପଡ଼ିବାକୁ ପ୍ରସ୍ତୁତି ସରିଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଓଡ଼ଙ୍ଗ ପଞ୍ଚାୟତର ତୋଟାସାହିଠାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଇତି ମଧ୍ୟରେ ଉକ୍ତ ପ୍ରକଳ୍ପ ନିର୍ମାଣକୁ ୫ ବର୍ଷର୍ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ନିର୍ମାଣକୁ ୩ ବର୍ଷ ପୂରିଯିବା ପରେ ମଧ୍ୟ ପ୍ରକଳ୍ପଟି ଗ୍ରେଡ୍ ବିମ୍‌ରେ ଅଟକି ରହିଥିଲା। ତୋଟାସାହି ଉକ୍ତ ଅଞ୍ଚଳର ଏକ ପବିତ୍ର ସ୍ଥାନ ହୋଇଥିବାବେଳେ ଜିଲ୍ଲାରେ 'ସାବିତ୍ରୀ ଆଡ଼ି' ନାମରେ ପରିଚିତ ଥିବାରୁ ଏଠାରେ କଲ୍ୟାଣମଣ୍ଡପ ନିର୍ମାଣର ଗୁରୁତ୍ୱ ଥିବା ସ୍ଥଳେ ଏହା ଅଧପନ୍ତରିଆ ଅବସ୍ଥାରେ ରହିଛି। ଏନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ପରେ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ଏସ୍ଏଫ୍‌ସି(ଜିଆଇଏ) ଯୋଜନାରେ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଅର୍ଥରେ ନିର୍ମାଣ କାର୍ଯ୍ୟ ହୋଇ ବର୍ତ୍ତମାନ ନିମ୍‌ଟାଲରେ ଅଟକିଛି କାର୍ଯ୍ୟ। ଅର୍ଥାଭାବରୁ ଏହା ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିବା ସହ ସୂଚନାଫଳକ ମଧ୍ୟ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି।



ସେହିପରି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ହେଉଛି ସତ କିନ୍ତୁ ଏଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆବଶ୍ୟକ ଥିବା ଅର୍ଥ ପାଇଁ ସୁପାରିସ୍ କରାଯାଇଛି। ଅର୍ଥ ମଞ୍ଜୁର ହେଲେ ଏହାର ନିର୍ମାଣ କାର୍ଯ୍ୟରେ ତ୍ୱରାନ୍ୱିତ ଆସିବ ବୋଲି ପ୍ରକାଶ କରିଥିଲେ। ତେଣୁ ଉକ୍ତ ପ୍ରକଳ୍ପର ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କିପରି ହେବ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ପଞ୍ଚାୟତବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

■ ଜଳେଶ୍ୱର ମହାଦେବ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପ୍ରସଙ୍ଗ

## କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ



ଭଦ୍ରକ,୨୫।୧୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମରେ ଜଳେଶ୍ୱର ମହାଦେବ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଅର୍ଥକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉଠାଣ କରି କାର୍ଯ୍ୟ ସମ୍ପାଦନ କରିଥିବା ବ୍ୟକ୍ତିଙ୍କୁ ପ୍ରଦାନ ନ କରି ନିଜସ୍ୱ କାର୍ଯ୍ୟରେ ବ୍ୟୟ କରିଥିବା ଜଣାପଡ଼ିଛି। ଏନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବ୍ୟୟଅର୍ଥପ୍ରଦାନର ସୁବନ୍ଦୋବସ୍ତ ନିମନ୍ତେ ସମ୍ପୃକ୍ତ ବ୍ୟକ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଗତ ୧୦ ତାରିଖରେ ଚାନ୍ଦବାଲି ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭଗବାନ କର ନାମକ ବ୍ୟକ୍ତିଙ୍କ ଅଭିଯୋଗ ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଚାନ୍ଦବାଲି ବ୍ଲକ୍ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ୨ଲକ୍ଷ ୪ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଚାନ୍ଦବାଲି ବ୍ଲକ୍ ଅଧୀନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଧନଞ୍ଜୟ ମହାପାତ୍ରଙ୍କୁ ଉକ୍ତ କେନ୍ଦ୍ର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ହୋଇଥିଲା। ପରେ କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଅଭିଯୋଗକାରୀ ଶ୍ରୀ କର ଉକ୍ତ କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିଭାଗକୁ ହସ୍ତାନ୍ତର କରିବା ପରେ ସେ ତାଙ୍କ ବ୍ୟୟ ଅର୍ଥକୁ ପାଇବା ପାଇଁ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେବାରୁ ସେ ତାଙ୍କୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଇତି ମଧ୍ୟରେ ବହୁ ବର୍ଷ ବିତିଯାଇଥିଲେ ସୁଦ୍ଧା ଯନ୍ତ୍ରୀ ଜଣକ ତାଙ୍କ ବ୍ୟୟ ଅର୍ଥ ପ୍ରଦାନ ନ କରି ଠକି ଚାଲିଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପରବର୍ତ୍ତୀ ସମୟରେ ଯନ୍ତ୍ରୀ ଶ୍ରୀ ମହାପାତ୍ର ଉକ୍ତ ଅର୍ଥକୁ ଉଠାଣ କରି ନିଜସ୍ୱ କାର୍ଯ୍ୟରେ ବିନିଯୋଗ କରିଥିବା ଶ୍ରୀ କର ବିଶେଷ ସୂତ୍ରରୁ ସୂଚନା ପାଇଥିବା ପ୍ରକାଶ କରିଛନ୍ତି। ଉକ୍ତ ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସେ କୌଣସି ସୁଫଳ ପାଇପାରୁ ନ ଥିବା ପ୍ରକାଶ କରିଛନ୍ତି। ତେଣୁ ନିରୂପାୟ ହୋଇ ସେ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ବିଚାରକୁ ନେଇ ତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତାଙ୍କ ଅଭିଯୋଗକୁ ବିଚାରକୁ ନେଇ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପରେ ୮ ମାସରେ ଛୁଆ ଜନ୍ମ ପ୍ରସଙ୍ଗ**

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ମିଳିବ ପ୍ରଶାସନିକ ସହାୟତା !




ଆରଡ଼ି/ଅସୁରାଳି,୨୫।୧୧(ସମିସ): ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଞ୍ଚାୟତର ପାରଡିଆ ଗାଁର ମନ୍ଦାକିନୀ ମଳିକଙ୍କ (୩୦) ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଏହାର ୮ ମାସ ପରେ ଆଉ ଏକ ଛୁଆ ଜନ୍ମ କରିବା ଖବର ଗତ ୧୫ ତାରିଖ "ସକାଳ'ରେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨ ତାରିଖରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମନ୍ଦାକିନୀଙ୍କର ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ୮ ମାସ ପରେ ଚଳିତ ମାସ ୧ ତାରିଖରେ ସେ ପୁଣି ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ପରେ ଛୁଆ ଜନ୍ମ କରିବାକୁ ନେଇ ଡାକ୍ତରଙ୍କ ଖାମଖିଆଲି ନୀତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ସରକାରୀ ନିୟମ ଅନୁସାରେ ସହାୟତା ପାଇବାକୁ ବାରମ୍ବାର ଚାନ୍ଦବାଲି ଓ ଭଦ୍ରକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡ଼ିଥିଲେ। କିନ୍ତୁ ୨୭୭ ଦିନ ପୂର୍ବରୁ ପ୍ରସବ ହୋଇଥିବା ଦାବି କରି ସହାୟତା କରାଯାଇ ନ ଥିଲା। ଏହାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ମନ୍ଦାକିନୀଙ୍କ ପକ୍ଷରୁ ତଦନ୍ତ ଓ କ୍ଷତିପୂରଣ ଦାବି କରାଯାଇଥିଲା। ଏହି ପରିସ୍ଥିତିରେ ତାଙ୍କ ଶଶୁର ବୈକୁଣ୍ଠ ମଲ୍ଲିକ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତୁରନ୍ତ ତଦନ୍ତ କରିବାକୁ ଓ ମନ୍ଦାକିନୀଙ୍କୁ ସରକାରୀ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନର ହସ୍ତକ୍ଷେପ ପରେ ଉକ୍ତ ପରିବାରକୁ ଏବେ କ୍ଷତିପୂରଣ ମିଳିବାର ଆଶା ସୃଷ୍ଟି ହୋଇଛି।

ସକାଳ ପ୍ରଭାବ

## ୪ କିରାଣି ପଦ ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଆଇନଜୀବୀ

ଦୋଳସାହି,୨୫।୧୧(ସମିସ): ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ କେତେକ ପଦ ଖାଲି ପଡ଼ିଛି। ଫଳରେ ସାଧାରଣ ଲୋକମାନଙ୍କର ସଠିକ୍ ସମୟରେ କୌଣସି କାମ ହୋଇପାରୁ ନାହିଁ। ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ମୁଖ୍ୟତଃ କାର୍ଯ୍ୟାଳୟରେ ଖାଲିପଡ଼ିଥିବା ୪ କିରାଣି ପଦ ପୂରଣ ପାଇଁ ଆଇନଜୀବୀମାନେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭେଟି ଦାବି କରିଛନ୍ତି। ତୁରନ୍ତ ପଦ ପୂରଣ କରିବାକୁ ଅନୁରୋଧ କରିଛନ୍ତି। ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଇନଜୀବୀମାନେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ୩ ଜଣ କିରାଣିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାଛଡ଼ା ଅନ୍ୟଜଣେ କିରାଣି ଅବସର ନେଇଛନ୍ତି। ୪ କିରାଣି ପଦ ଖାଲି ପଡ଼ିଥିବାରୁ କାର୍ଯ୍ୟାଳୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଦୂରଦୂରାନ୍ତରୁ କାର୍ଯ୍ୟାଳୟକୁ ଯାଉଥିବା ଲୋକମାନଙ୍କର କାର୍ଯ୍ୟ ହୋଇପାରୁ ନାହିଁ। ବାରମ୍ବାର କାର୍ଯ୍ୟାଳୟକୁ ଯାଇ ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ହୋଇପାରୁ ନ ଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜୁଥିବା ଆଇନଜୀବୀ ବିଷ୍ଣୁ ଚରଣ ଦାଶ, ସୁଧାଂଶୁ ଶେଖର ମାହୁନ୍ତ, ତୁଷାରକାନ୍ତ ସ୍ୱାଇଁ, ନଳିନୀକାନ୍ତ ନାୟକ, ହିମାଂଶୁ ଭଟ୍ଟାଚାର୍ଯ୍ୟ, ମନୋରଞ୍ଜନ ଦାସ, ରତିକାନ୍ତ ନାଥ, ସୁବାସ ବେହେରା ପ୍ରମୁଖ ଦର୍ଶାଇଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ କିରାଣି ପଦ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



## ନାଆମୀ ମହାବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ



ଭଣ୍ଡାରିପୋଖରୀ,୨୫।୧୧(ସମିସ): ନାଆମୀ ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୫ ଦିନ ଧରି ଚାଲିବା ସହ ଆସନ୍ତା ୨୮ ତାରିଖରେ ଶେଷ ହେବ। ଏହି ଉତ୍ସବକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁକାନ୍ତଚନ୍ଦ୍ର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଅଶୋକ ଦାସ ପିଲାମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜ ପ୍ରତିଭାର ପ୍ରଦର୍ଶନ ପାଇଁ ଆହ୍ୱାନ ଜଣାଇଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ରଘୁନାଥ ସାହୁ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଚିନ୍ତାମଣି ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରି ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସାଂସ୍କୃତିକ ବିଭାଗ ଉପଦେଷ୍ଟା ଡ. ଚିତ୍ତରଞ୍ଜନ ରାଉତ ସାଂସ୍କୃତିକ ପ୍ରତିଯୋଗିତାର ମୂଲ୍ୟବୋଧ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମନୋରମା ଖଣ୍ଡାଇ, ଡ. ଅଜୟକୁମାର ପ୍ରଧାନ, ଉମାକାନ୍ତ ବେହୁରା, ସୋମନାଥ ପଣ୍ଡା, ନିର୍ମଳ ଦାସ, ରାଜେଶ ମହତା ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବର ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟା**

# 'ପ୍ରଶାସନିକ ବ୍ୟବସ୍ଥାରେ ଓଡ଼ିଆ ଭାଷାର ପ୍ରଚଳନ ହେବା ଦରକାର'

ଭଦ୍ରକ,୨୫।୧୧(ସମିସ)



ସମ୍ପ୍ରତି ଅନ୍‌ଲାଇନ୍ ପୋର୍ଟାଲରେ ବହୁଭାଷିକ ବ୍ୟବହାର ବ୍ୟବସ୍ଥା ହୋଇଛି। ଓଡ଼ିଆ ଭାଷାକୁ ପ୍ରଶାସନିକ ଭାଷା ଉପଯୋଗୀ କରାଯିବାକୁ ଓଡ଼ିଆ ଶବ୍ଦାବଳୀର କମ୍ପ୍ୟୁଟରୀକରଣ ହୋଇଛି। ସମସ୍ତ ଦଲିଲ୍, ବିଜ୍ଞାପନ, ଫାଇଲ୍, ଆଦେଶନାମା ଓ ବିଚାରାଳୟ କାର୍ଯ୍ୟ ଇତ୍ୟାଦି ଓଡ଼ିଆରେ କରାଯିବାକୁ ସ୍ଥିର କରାଯାଇଛି। ଆଧୁନିକ ଭାରତୀୟ ଭାଷା ଭାବେ ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷା ତୁଳନାରେ ଓଡ଼ିଆ ଭାଷା ଆଜି ଉଲ୍ଲେଖନୀୟ ସ୍ୱତନ୍ତ୍ରତା ପ୍ରଦର୍ଶନ କରିଥିବାବେଳେ ଓ ପ୍ରଶାସନିକ ବ୍ୟବସ୍ଥାରେ ଆମ ଭାଷାର ପ୍ରଚଳନ ପାଇଁ ବହୁବାର ଆନ୍ଦୋଳନ ହୋଇଆସୁଥିବା ବେଳେ କେବଳ ପ୍ରଶାସନିକ ଅଧିକାରୀଙ୍କ ବ୍ୟାପକ ଇଂରାଜୀ ନିର୍ଭରତା ଯୋଗୁଁ ଓଡ଼ିଆ ଭାଷା ଶାସନର ଭାଷା ହେବା କ୍ଷେତ୍ରରେ ବାଧକ ସାଜୁଛି ବୋଲି ଭଦ୍ରକ ମଠପଡ଼ିଆର ମଙ୍ଗଳବାର ଅନୁଷ୍ଠିତ ତ୍ୟାଗଭୂମି ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ଅରବିନ୍ଦ ରାୟ ଯୋଗଦେଇ ଭାଷାଭିମାନ ଓ ଜାତ୍ୟାଭିମାନ ଜାଗିଲେ ଆମ ଭାଷା ଶାସନର ଭାଷା ଭାବେ ଗୃହୀତ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ 'ଓଡ଼ିଆ ଭାଷା ଓ ଆମ ଶାସନ ବ୍ୟବସ୍ଥା' ଶୀର୍ଷକରେ ଗଭୀର ଚିନ୍ତନ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ ରାଜନେତା ଦିବଂଗତ କବି ବିଷ୍ଣୁ ସେଠୀଙ୍କ ନାମରେ ଆଜିର ମଞ୍ଚ ସମର୍ପିତ ହୋଇଥିଲା। ଏହି ଅବସରରେ କବି ଶତ୍ରୁଜିତ୍ ମିଶ୍ରଙ୍କୁ "କବି ବିଷ୍ଣୁ ସେଠୀ କବିତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସଦସ୍ୟ ପଦ୍ମନ ରାୟ ମାନପତ୍ର ପାଠ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ଅଶୋକ ଦ୍ୱିବେଦୀ, ସୁଧାକର ରାଉତ, ସମାଜସେବୀ ସୁରେଶ ମହାନ୍ତି, ବିଷ୍ଣୁ ମହାପାତ୍ର, ଡ. ନିତ୍ୟାନନ୍ଦ ମିଶ୍ର, ଶ୍ରୀହର୍ଷ ସ୍ୱାଇଁ, ଦୁଃଶାସନ ମହାନ୍ତି, ଅଭୟ ପଣ୍ଡା, କୈଳାସ ମହାପାତ୍ର, ବସୁମିତ୍ରା ସାହୁ, ଉପେନ୍ଦ୍ର ବାରିକ, ନାରାୟଣ ପାଢ଼ୀ, ମନୋରଞ୍ଜନ ଦାସ, ଅଭୟ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, ମୁକ୍ତିକାନ୍ତ ନାୟକ, ଶଶୀକଳା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭଦ୍ରକ ମନମୋହନ ସଙ୍ଗୀତ ପରିଷଦର ଶିଳ୍ପୀମାନେ "ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଧାମନଗର ନୃତ୍ୟାଙ୍ଗନା ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**କବି ଶତ୍ରୁଜିତ୍‌ଙ୍କୁ 'ବିଷ୍ଣୁ ସେଠୀ କବିତା' ସମ୍ମାନ**

● ଆରଡ଼ିରେ ସେବାୟତଙ୍କୁ ଆକ୍ରମଣ ଘଟଣା

## ୧୧ ଜଣଙ୍କ ନାଁରେ ମାମଲା, ଜଣେ କୋର୍ଟଚାଲାଣ



ଭଦ୍ରକ/ଅସୁରାଳି,୨୫।୧୧(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅନ୍ତର୍ଗତ ପ୍ରମୁଖ ଶୈବପୀଠ ଆରଡ଼ିର ସେବାୟତ ରାଧାକାନ୍ତ ପାଢ଼ୀଙ୍କୁ ସୋମବାର ସେହି ଗାଁର ୧୧ରୁ ଅଧିକ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିଲେ। ଏନେଇ ତାଙ୍କ ପତ୍ନୀ ଶୁଭାସିନୀ ସାହୁ ଭଦ୍ରକ ଏସ୍‌ପିଙ୍କୁ ନ୍ୟାୟ ଭିକ୍ଷା କରିଥିଲେ। ଏଥି ସହିତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଧୂଷୁରୀ ଥାନାଧିକାରୀଙ୍କୁ ଅନୁରୋଧ କରି ସେମାନଙ୍କ ବିରୋଧରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଧୂଷୁରୀ ପୁଲିସ ତରଣୀସେନ ପାଢ଼ୀ ନାମକ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ମଙ୍ଗଳବାର ଅପରାହ୍ଣରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ କୋର୍ଟରେ ତାଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟ ୧୧ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସେବାୟତ ରାଧାକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ସୋମବାର ରାତିରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଚୋରି ସନ୍ଦେହରେ ଦୁଇ ଯୁବକ ମାଡ଼

ହାଟଡିହି,୨୫ା୧୧(ସମିସ): ଚୋରି ସନ୍ଦେହରେ ଦୁଇ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଘୃମ ମାଡ଼ମାରିଛନ୍ତିମିଠିଗାଁଗ୍ରାମବାସୀ।ଏଥିରେଜଣେରିଜର୍ଭପୁଲିସକର୍ମଚାରୀଥିବାବେଳେ ଏହାର ଭିଡ଼ିଓ ଭାଇରାଲ ହୋଇଛି। ସୋସୋ ଥାନା ଅଧୀନ ମିଠିଗାଁ ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ଦୁଇଜଣ ଅପରିଚିତ ଯୁବକ ବୁଲୁଥିବା ବେଳେ ଗାଁ ଲୋକେ ସେମାନଙ୍କୁ ଅଟକାଇଥିଲେ। କଥାରେ କୌଣସି ତାଳମେଳ ନରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଉପୁଜିଥିଲା। କିଛିଦିନ ହେଲା ଆଖପାଖ ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ଏମାନେ ଚୋରି ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ କରି ଗାଁଲୋକେ ସେମାନଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଯୁବକଦ୍ୱୟ ଆଗରପଡା ଥାନା ଅଧୀନସ୍ଥ ଚାରିଗାଁ ଗ୍ରାମର ବୋଲି ଜଣାପଡିଥିଲା। ଇନଷ୍ଟାଗ୍ରାମରୁ ପରିଚିତ ଜଣେ ଯୁବତୀଙ୍କୁ ଭେଟିବାକୁ ଆସିଥିବା ଜଣେ ଯୁବକ ଫେରିବାରେ ବିଳମ୍ବ ହେବାରୁ ତାଙ୍କୁ ଖୋଜିବାକୁ ଆସିଥିବା କହିଥିଲେ। ପରେ ଯୁବକଦ୍ୱୟଙ୍କୁ ଗ୍ରାମବାସୀ ଛାଡିଥିବା ଜଣାଯାଇଛି।

## ନାଳରୁ ନାବାଳକର ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୫ା୧୧(ସମିସ): ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଗ୍ରାମର ନାଳରୁ ମଙ୍ଗଳବାର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ର ହେଲେ କେତାଙ୍ଗ ଗ୍ରାମର ପ୍ରମୋଦ ନାଏକଙ୍କ ପୁଅ ଆକାଶ (୧୪)। ଆକାଶ ୨ ସାଙ୍ଗଙ୍କ ସହ ମିଶି ନାଳକୁ ମାଛ ଧରିବା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ଖବର ପାଇ ଘଟଗାଁ ପୁଲିସ ଓ ପାଟଣା ଅଗ୍ନିଶମବାହିନୀ ସହାୟତାରେ ଶବ ଉଦ୍ଧାର ସହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ କହିଛନ୍ତି।

## କାର୍ ଦୁର୍ଘଟଣାଗ୍ରସ୍ତ; ମା'ପୁଅ ଗୁରୁତର

ତୁରୁମୁଙ୍ଗା, ୨୫ା୧୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟରାଜପଥର ଚିଲିଦା ନିକଟରେ ମଙ୍ଗଳବାର ଅପରାହ୍ନରେ ରାସ୍ତାକଡ଼ରେ ଛିଡ଼ାଥିବା ଏକ କ୍ୟାମ୍ପର ଗାଡ଼ିକୁ ପଛପଟୁ ଧକ୍କାଦେଇ କାର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଥିବା ଯାତ୍ରୀଦ୍ୱୟ ମା'ଓ ପୁଅ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଦ୍ୱୟ ହେଲେ କେନ୍ଦୁଝର ବଣିଆପାଟ୍ର ଲକ୍ଷ୍ମଣ ସିଂ ଏବଂ ମା' ବିଦୁଲତା। ଉଭୟ ମୟୂରଭଞ୍ଜ ଜିଲ୍ଲା ଖିଚିଂ ମନ୍ଦିରକୁ ମା' କୀଚକେଶ୍ୱରୀଙ୍କ ଦର୍ଶନ ସାରି ଫେରୁଥିଲେ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

## ଅଟୋ ଓଲଟି ଡ୍ରାଇଭର ଗୁରୁତର

ମୋରଡ଼ା,୨୫ା୧୧(ସମିସ): ମୋରଡ଼ା ଥାନା ଅନ୍ତର୍ଗତ ଗୁହାଳଡିହା ପୋଲ ନିକଟରେ ସୋମବାର ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡିବାରୁ ଚାଳକ ଗୁରୁତର ହୋଇଛନ୍ତି। ଆହତ ଡ୍ରାଇଭର ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଧିନ ମାଣିଦା ଗ୍ରାମର ତପନ ହାଁସଦା। ତପନ ସକାଳ ୧୦ଟାରେ ତିନି ଜଣ ଲୋକଙ୍କୁ ଆଣି ଭୀମଭୋଇ ଭିନ୍ନକ୍ଷମ ମେଳାରେ ଛାଡି ଫେରୁଥିଲେ। ଝିଙ୍କିରିଆ ନିକଟରେ ଏକ କୁକୁଡ଼ାକୁ କୁଟି ଦେଇଥିଲେ। ସେ ମାଡ ଭୟରେ ଦ୍ରୁତଗତିରେ ଗାଡି ଚଳାଇ ନେଇ ଗୁହାଳଡିହା ପୋଲଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ପରେ ତପନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବ୍ୟାପକ ପୋଚ ଓ ଚୋରା ଦେଶୀ ମଦ ଜବତ

ବଡସାହି, ୨୫ ।୧୧(ସମିସ): ବଡସାହି ଥାନା ଅଧୀନରେ ବ୍ୟାପକ ଭାବେ ଚୋରା ଦେଶୀ ଓ ବିଦେଶୀ ତଥା ନକଲି ମଦର ବ୍ୟାପକ କାରବାର ଚାଲିଛି। ଥାନା ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ପରିମାଣର ପୋଚ ଓ ଦେଶି ରନ୍ଧାମଦ ଜବତ କରି ନଷ୍ଟ କରାଯାଇଛି। ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ ବେହେରା ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଉଦଳା ଏଏସଆଇ ଏସ ରବୀନ୍ଦ୍ର ରେଡିଙ୍କ ସମେତ ବିଭାଗୀୟ କର୍ମଚାରୀ ମାନେ ବଡ଼ସାହି ଥାନା ଅଧୀନ ଚହଲାପଦା ନିକଟସ୍ଥ ଜଙ୍ଗଲରୁ ରନ୍ଧା ଚାଲିଥିବା ଦେଶୀମଦ ସମେତ ୩୨୦ଲିଟର ମଦ ଓ ୩୨ଶହ କେଜି ପୋଚ ଜବତ କରିବା ସହ ନଷ୍ଟ କରିଥିଲେ। ସେହିପରି ବଡ଼ସାହି ଥାନା ଅଧୀନ କମଳାଶୋଳରେ ଚଢ଼ଉ କରି ୪୨ଶହ କେଜି ପୋଚ ଓ ୪୭୦ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି।

## ମଦ ବିରୋଧରେ ଥାନାର ଦ୍ୱାରସ୍ଥ ମହିଳା

ହାଟଡ଼ିହୀ,୨୫ା୧୧(ସମିସ): ନନ୍ଦିପଦା ଥାନା ସରଳ ଗ୍ରାମରେ ମଦ ବିକ୍ରିକୁ ନେଇ ଉତ୍ତେଜନା ଦେଖାଦେଇଛି। ମହିଳାଙ୍କ ବିରୋଧ ସତ୍ତ୍ୱେ ଗାଁର ଜଣେ ବ୍ୟକ୍ତି ମଦ ବିକ୍ରି ବନ୍ଦ କରୁନାହିଁ। ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଉକ୍ତ ବେପାରୀଙ୍କୁ ବାରମ୍ବାର କୁହାଯାଇଥିଲେ ମଧ୍ୟ ସେ ସବୁଶୁଣି ନଶୁଣିଲା ପରି ହେବାରୁ ଆଜି ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଉକ୍ତ ଦୋକାନ ବନ୍ଦ କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ବେଳେ ମହିଳାମାନେନନ୍ଦିପଦାଥାନାରଦ୍ୱାରସ୍ଥହୋଇଲିଖିତଅଭିଯୋଗକରିଥିବାଜଣାଯାଇଛି।

## ରାଜ୍ୟ ମୃତ୍ତିକା ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଙ୍ଘର ଉପସଭାପତି ଶିବପ୍ରସାଦ



କେନ୍ଦୁଝର, ୨୫ା୧୧(ସମିସ): ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଂଘର ୧୫ତମ ରାଜ୍ୟ ସମ୍ମିଳନୀ ପୁରୀ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଆସନ୍ତା ୨ବର୍ଷ ପାଇଁ ହରପ୍ରସାଦ ରଥ ସଭାପତି, ଶିବପ୍ରସାଦ ଦାସ ଉପସଭାପତି, ଅମୁଲ୍ୟ ରଞ୍ଜନ ସ୍ୱାଇଁ ସାଧାରଣ ସମ୍ପାଦକ, ଜିତେନ୍ଦ୍ର କୁମାର ପ୍ରଧାନ ସହ ସାଧାରଣ ସମ୍ପାଦକ, ଏ. ସମେଲେଶ୍ୱର ରାଓ, ବ୍ରଜପତି ମିଶ୍ର, ଦୀପକ କୁମାର ପାଢ଼ୀ, ମଳୟ କେତନ ରାୟ ଯୁଗ୍ମ ସମ୍ପାଦକ, ପବିତ୍ର କୁମାର ରାଉତ, ଅରୂପାନନ୍ଦ ବାରିକ, ଜଗନାଥ ମହାନ୍ତି, ସୌମ୍ୟରଞ୍ଜନ ସିଠ ସାଙ୍ଗଠନିକ ସମ୍ପାଦକ, ଭାଗୀରଥି ଜେନା ହେଡକ୍ୱାର୍ଟର ସମ୍ପାଦକ, ନରେଶ ପ୍ରଧାନ ଅର୍ଥ ସମ୍ପାଦକ, ଚିନ୍ମୟ ନାୟକ, ଗୁରୁଦେବ ସିଂହ ସମୀକ୍ଷକ ଏବଂ କାର୍ଯ୍ୟକାରୀ କମିଟିକୁ ୩୦ ଜଣ ନିର୍ବାଚିତ ହୋଇଥିବା ବେଳେ ଦ୍ୱାରିକାନାଥ ମହାନ୍ତିଙ୍କୁ ସମ୍ମାନୀୟ ସଭାପତି ସହିତ ୫ ଜଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

# ଏମ୍‌ସ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଆନନ୍ଦପୁର, ୨୫ା୧୧ (ସମିସ)



ଘଟଗାଁଠାରେ ଏମ୍‌ସ ପ୍ରତିଷ୍ଠା ପାଇଁ ଘଟଗାଁ ଏମ୍‌ସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନନ୍ଦପୁର ଗସ୍ତରେ ଆସିଥିବା ବେଳେ ଏମ୍‌ସ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖଣି ଅଞ୍ଚଳରେ ଦୂଷିତ ପରିବେଶ ଓ ଦୁର୍ଗମ ପାହାଡ ଘେରା ଅଞ୍ଚଳର ଶ୍ରମିକ, କୃଷକ, ଗରିବ ଖଟିଖିଆମାନେ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଥିବା ବେଳେ ଗୁଣିଗାରେଡି ଉପରେ ବିଶ୍ୱାସ କରି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି। ଜିଲ୍ଲାରେ ବିଶେଷଜ୍ଞ ଡାକ୍ତର ଅଭାବ ସାଙ୍ଗକୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଦାଉ ସାଧୁଥିବା ବେଳେ ଉନ୍ନତ ସ୍ୱାସ୍ଥ୍ୟସେବା ଜିଲ୍ଲା ପାଇଁ ସାତସପନ ପାଲଟିଛି। ପ୍ରାଚୁର୍ଯ୍ୟରେ ଥାଇ ମଧ୍ୟ ଲୋକମାନଙ୍କ ଜୀବନ ଧାରଣ ମାନରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଫଳରେ ଜିଲ୍ଲାବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ କଟକ, ଭୁବନେଶ୍ୱର ଯାଇ ଦଲାଲମାନଙ୍କ ଦ୍ୱାରା ଶୋଷଣର ଶିକାର ହେବା ସହ ଅନେକ ଜୀବନ ହାରୁଛନ୍ତି। ସେଥିପାଇଁ ଏମ୍ସ ପ୍ରତିଷ୍ଠା ପାଇଁ ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ୨୦୨୫ରେ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ଦାବି ଉପସ୍ଥାପିତ ହୋଇଥିଲା। ଘଟଗାଁଠାରେ ଏମ୍‌ସ ପ୍ରତିଷ୍ଠା ହେଲେ ଉତ୍ତର ଓଡିଶାର ଆଦିବାସୀମାନେ ବିଶେଷକରି ଉପକୃତ ହେବେ। କମିଟିର କାର୍ଯ୍ୟକାରୀ ସଭାପତି ସୋମନାଥ ଦାସ, ସମ୍ପାଦିକା କଳ୍ପନା ଦେହୁରୀ, ସଦସ୍ୟା ଅନ୍ନପୂର୍ଣ୍ଣା ଦେହୁରୀ, ଆବାହକ ବିଶ୍ୱରଞ୍ଜନ ବେହେରା, ଉପସଭାପତି ବିନୋଦ ବିହାରୀ ନାୟକ, ସହସମ୍ପାଦକ ଅତୁଲ ବେହେରା ବିଜେପି ଯୁବନେତା ସନ୍ତୋଷ ଜେନା ଦାବିପତ୍ର ପ୍ରଦାନ କରିଥିଲେ।

## ଦୁଇଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ନୂତନ କୋଠା ଲୋକାର୍ପିତ




ବାରିପଦା, ୨୫ ।୧୧(ସମିସ): ବାରିପଦା ତହସିଲ ଅଧୀନ ବାଘରାରୋଡ଼ରେ ବାରିପଦା ରାଜସ୍ୱ ନିରୀକ୍ଷକ-୧ ଏବଂ ୨ କାର୍ଯ୍ୟାଳୟର ନବନିର୍ମିତ କୋଠା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ, ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, ବାରିପଦା ତହସିଲଦାର ସପନ କୁମାର ସାହୁ, ମନ୍ତ୍ରୀଙ୍କ ସଚିବ ରାମ ଚନ୍ଦ୍ର ସୋରେନ, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଭରତ ଚନ୍ଦ୍ର ପାତ୍ର, ରାଜସ୍ୱ ନିରୀକ୍ଷକଙ୍କ ସମେତ ବାରିପଦା ତହସିଲ ଓ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦୁଇଟି କାର୍ଯ୍ୟାଳୟରେ ଉପର ମହଲାରେ ରାଜସ୍ୱ ନିରୀକ୍ଷକଙ୍କ ଆବାସିକ ବ୍ୟବସ୍ଥା ହୋଇଛି। ଫଳରେ ଲୋକଙ୍କ ପାଇଁ ଆରଆଇଙ୍କ ଉପସ୍ଥିତିରେ ସୁବିଧା ହେବା ସହିତ ତ୍ୱରିତ ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଆଜିଠାରୁ ଏହି ନୂତନ ଗୃହରେ ଏହି ଦୁଇଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାରମ୍ଭ ହୋଇଛି। ଏହା ପୂର୍ବରୁ ନିର୍ମାଣ କାର୍ଯ୍ୟ ପାଇଁ ବାରିପଦା ତହସିଲ କାର୍ଯ୍ୟାଳୟରେ ଦୁଇଟି ଅଫିସ ଅସ୍ଥାୟୀ ଭାବେ କାର୍ଯ୍ୟ କରି ଆସୁଥିଲା।

## ଅଟୋ ଚାଳକଙ୍କୁ ମାଡ଼ ଘଟଣାର ଗାଁରେ ଉତ୍ତେଜନା

ତୁରୁମୁଙ୍ଗା, ୨୫ା୧୧(ସମିସ): ଗାଡ଼ି ଭଡ଼ାକୁ କେନ୍ଦ୍ରକରି ଅଟୋ ଚାଳକଙ୍କୁ ମାଡ଼ ମାରିବା ପରେ ସୋମବାର ରାତିରେ ବେଗନା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ଗାଁକୁ ତଦନ୍ତ ପାଇଁ ଯାଇଥିଲା ବେଳେ ଅଭିଯୁକ୍ତ ବାପା-ପୁଅଙ୍କୁ ଗିରଫ ଦାବିରେ ସଂଧ୍ୟା ୭ରୁ ରାତି ୧୧ଟା ପର୍ଯ୍ୟନ୍ତ ପୁଲିସ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକେ ଅଟକ ରଖିଥିଲେ। ସାନୁ ସେଠୀଙ୍କ ଅଟୋରେ ସେହି ଗାଁର ପଙ୍କଜ ସେଠୀ ଧାନ ବିଡ଼ା ଆଣିଥିଲେ। ଭଡ଼ା ବାବଦକୁ ୨୫୦ ଟଙ୍କା ବଦଳରେ ୨୦୦ ଟଙ୍କା ଦେଇଥିଲେ। ଏହାପରେ ବଚସା ହେବା ସହ ଉତ୍ତ୍ୟକ୍ତ ଅବସ୍ଥାରେ ପଙ୍କଜ ଏବଂ ତାଙ୍କ ଦୁଇ ପୁଅ ଅମୀୟ ସେଠୀ ଓ ପୀୟୁଷ ସାନୁଙ୍କୁ ମାଡ଼ ମାରିଥିଲେ। ଖବର ପାଇ ପାଟଣା ଥାନାଧିକାରୀ ମାନସ ମହାକୁଳ ଲୋକଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ପରେ ଘଟଗାଁ ଏସଡିପିଓ ବିଜୟକୃଷ୍ଣ ମହାପାତ୍ର ଲୋକଙ୍କୁ ବୁଝାସୁଝା କରିଥିଲେ। ଗ୍ରାମରେ ଏକ ସେକ୍ସନ ପୁଲିସ ଫୋର୍ସ ଆକ୍ରମଣକାରୀ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ମୁତୟନ ହୋଇଛନ୍ତି। ସାନୁ ସେଠୀଙ୍କ ଅଭିଯୋଗ ପରେ ପାଟଣା ଥାନାରେ ମାମଲା ରୁଜୁ ହୋଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମୋରଡ଼ା,୨୫ା୧୧(ସମିସ): ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଣାକାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହେଲେ ମଞ୍ଚରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ଫଟୋ ଲଗାଯାଇ ନ ଥିବାରୁ ସେମାନେ ମଞ୍ଚକୁ ଆସିନଥିବା ଜଣାପଡିଛି। ବିଏସଏସଓ ସଲମା ମୁର୍ମୁଙ୍କ ପରିଚାଳନାରେ ଶିବିରରେ ୨୦ଟି ପଞ୍ଚାୟତର କୋଣ ଅନୁକୋଣରୁ ଭିନ୍ନକ୍ଷମ ଯୋଗଦେଇଥିଲେ। ଭିନ୍ନକ୍ଷମଙ୍କୁ ଚିହ୍ନଟ ଓ ସେମାନଙ୍କ ବସ୍ ପାସ, ବିଭିନ୍ନ ଉପକରଣ ସାମଗ୍ରୀ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଋଣ ସମ୍ବନ୍ଧୀୟ ବ୍ୟତୀତ ସରକାରଙ୍କ ପକ୍ଷରୁ ରହିଥିବା ସୁବିଧା ସୁଯୋଗ ନେଇ ସୂଚନା ଦିଆଯାଇଥିଲା। ଭିନ୍ନକ୍ଷମଙ୍କୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ଜିଲ୍ଲାସ୍ତରରୁ ପାଞ୍ଚ ଜଣ ଡାକ୍ତର ଯୋଗଦେଇଥିଲେ। ୬୩୧ ଜଣ ଭିନ୍ନକ୍ଷମ ଆବେଦନକରି ଥିବାବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚଟି ବିଭାଗରେ ୩୯୫ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପରୀକ୍ଷା କରାଯାଇଥିବା ଭିନ୍ନକ୍ଷମଙ୍କ ମଧ୍ୟରୁ ୧୭୯ ଜଣଙ୍କୁ ପରବର୍ତ୍ତୀ ସମୟରେ ଟ୍ରାଇ ସାଇକଲ, ହୁଇଲ ଚେୟାର, କୃତ୍ରିମ ଅଙ୍ଗ, ଶ୍ରବଣ ଯନ୍ତ୍ର, ଏମ୍‌ଟିସି, ଏମ୍‌ଆଇସି କିଟ୍, ସିପି ଚୌକି, ଆଶା ବାଡ଼ି, ବ୍ୟାଟେରୀ ଚାଳିତ ଟ୍ରାଇ ସାଇକଲ ଆଦି ପ୍ରଦାନ କରାଯିବ ବୋଲି ବିଏସଏସଓ ସୂଚନା ଦେଇଛନ୍ତି। ସେହିପରି ୯୧ଜଣଙ୍କୁ ବସ୍ ପାସ, ୧୨୧ଜଣଙ୍କୁ ଇନକମ ସାର୍ଟିଫିକେଟ, ୨୨ଜଣଙ୍କୁ ଆବାସ, ୧୦ଜଣଙ୍କୁ ବାଣୀଶ୍ରୀ ଏବଂ ୧୧୨ଜଣଙ୍କୁ ପେନସନ ପ୍ରଦାନ କରାଯାଇଛି।

## ଆନନ୍ଦପୁର କଲେଜରେ ଐତିହ୍ୟ ପ୍ରଦର୍ଶନୀ

ଆନନ୍ଦପୁର, ୨୫ା୧୧(ସମିସ): ବିଶ୍ୱ ଐତିହ୍ୟ ସପ୍ତାହ-୨୦୨୫ ପାଳନ ଅବସରରେ ଗତ ୨୨ ତାରିଖ ଶନିବାର ଆନନ୍ଦପୁର ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ "ପୋଷ୍ଟର ପ୍ରଦର୍ଶନୀ' ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ଛାତ୍ରଛାତ୍ରୀ କୋଣାର୍କ ସୂର୍ଯ୍ୟ ମନ୍ଦିର, ଅଜନ୍ତା, ଏଲୋରା, ପୁରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଖଜୁରାହୋ, ଲଳିତଗିରି, ରତ୍ନଗିରି ଓ ଉଦୟଗିରି, ମହାବୋଧି ମନ୍ଦିର, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ଲିଙ୍ଗରାଜ ମନ୍ଦିର, ଦିଲୱାରା ଜୈନ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଲାଲକିଲା, ତାଜମହଲ, ଭାରତର ଜାତୀୟ ଉଦ୍ୟାନ ଇତ୍ୟାଦି ଅନେକ ଐତିହ୍ୟଗୁଡ଼ିକର ପୋଷ୍ଟର ପ୍ରଦର୍ଶନୀ କରିବା ସହ ଏସବୁ ଐତିହ୍ୟ ସମ୍ପର୍କରେ ବିଭିନ୍ନ ତଥ୍ୟ ଛାତ୍ରଛାତ୍ରୀ ଏବଂ ଅନ୍ୟ ଅଧ୍ୟାପକଙ୍କୁ ପ୍ରଦାନ କରିଥିଲେ। ପ୍ରଦର୍ଶନୀକୁ ବିଭିନ୍ନ ବିଭାଗର ପ୍ରାୟ ୨୦୦ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଏହି ପ୍ରୟାସକୁ ଅନେକ ପ୍ରଶଂସା କରିଛନ୍ତି।

## ୨ ମୋବାଇଲ ଲୁଟେରା ଗିରଫ

ରାଇରଙ୍ଗପୁର,୨୫ା୧୧(ସମିସ): ସୋମବାର ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଜଣେ ଯୁବତୀଙ୍କଠାରୁ ମୋବାଇଲ ଛିନତାଇ କରିଥିବା ଦୁଇ ଜଣ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଇଟିଣ୍ଡା, ୱାର୍ଡ ନମ୍ବର ୧୨ ଅଞ୍ଚଳର ବିଷ୍ଣୁ ବେହେରା (୨୩) ଓ ମଧୁବନ ୱାର୍ଡ ନମ୍ବର ୭ ଅଞ୍ଚଳର ଗଣେଶ ନାଏକ (୨୦)। ଖୁଣ୍ଟା ଥାନା ଅନ୍ତର୍ଗତ ବାଙ୍ଗରା ଗ୍ରାମର ସିନଗା ହାଁସଦା ସୋମବାର କଲେଜ ଯାଉଥିବା ବେଳେ ମୁର୍ମୁ ଛକ ନିକଟରେ ମୋବାଇଲ ଛିନତାଇ ହୋଇଥିଲା। ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଛିନତାଇ କରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଧରିବାକୁ ଚେଷ୍ଟା କରିଥିବା ବେଳେ ବିଫଳ ହୋଇଥିଲେ। ପରେ ଏନେଇ ରାଇରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଯାଞ୍ଚ କରି ଦୁଇ ଜଣଙ୍କୁ ଧରିଛି। ସେମାନଙ୍କ ପାଖରୁ ଛିନତାଇ ମୋବାଇଲ ଉଦ୍ଧାର ହେବା ସହ ପଲସର ବାଇକ ଜବତ ହୋଇଛି। ଉଭୟଙ୍କୁ ରାଇରଙ୍ଗପୁର ଟାଉନ ଥାନା ପୁଲିସ କୋର୍ଟଚାଲାଣ କରିଛି।

## ଗଚ୍ଛିତ ବାଲିକୁ ଜବତ କଲା ଖଣି ବିଭାଗ

ବାରିପଦା, ୨୫ ।୧୧(ସମିସ): ମୋରଡା ତହସିଲ ଅଧୀନ ଜମ୍ବୀରା ନଦୀର ବରକନ୍ଦ ସଇରାତରୁ ଧାର୍ଯ୍ୟ ବାଲି ଉତ୍ତୋଳନ ସରିବା ପରେ ମଧ୍ୟ ଚୋରାରେ କାରବାର ଚାଲିଥିଲା। ଏ ନେଇ ସ୍ଥାନୀୟ ଜନସାଧାରଣ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିବା ପରେ ଖଣି ନୀରିକ୍ଷକ ଉଦୟଭାନୁ ସାହୁ ମଙ୍ଗଳବାର ପୁଲିସ ସହିତ ପହଞ୍ଚି ନଦୀ ଗର୍ଭରେ ଜମା ଥିବା ଉତ୍ତୋଳିତ ବାଲିଗଦାକୁ ଜବତ କରିଛନ୍ତି। ସେଗୁଡିକ ପରବର୍ତ୍ତୀ ସମୟରେ ନିଲାମ କରାଯିବ। ଅପରପକ୍ଷରେ ବଡସାହି ତହସିଲ ଅଧୀନ ବେଲପାଳ ନିକଟରେ ଜବତ ବାଲି ନିଲାମ ହୋଇ ନ ପାରିବାରୁ ଅନ୍ୟ ଏକ ତାରିଖ ସ୍ଥିର କରାଯାଇଛି।

## ଜଗବନ୍ଧୁ ହାଇସ୍କୁଲରେ ବିଜ୍ଞାନମେଳା



ବଡ଼ସାହି,୨୫ ।୧୧(ସମିସ): ବଡ଼ସାହି ବ୍ଲକ୍ ବାଲିଯୋଡା ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ମାର୍ଗଦର୍ଶନରେ ବରିଷ୍ଠ ଶିକ୍ଷକ ଦୀପକ ରାମ ମେଳାକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରାରେ ଉଦବୁଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଜ୍ଞାନ ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ୨୦ଟି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଶିକ୍ଷକ ପାର୍ଥସାରଥୀ ଜେନା ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରେଖାରାଣୀ ମହାକୁଡ଼, ତପସ୍ୱିନୀ ସାହୁ, ଅଲିଭାଜ୍ୟୋତି ମହାପାତ୍ର ଓ ଅଫିସ ସହାୟକ ପଦ୍ମାବତୀ ମହାନ୍ତ ସହଯୋଗ କରିଥିଲେ।

## ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ବାରିପଦା, ୨୫ା୧୧(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଦ୍ୱାରା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସାଗରିକା ସିଂହ ସଭାରେ ସଭାପତିତ୍ୱ କରିବା ସହ ଆର୍ଥିକ ସାକ୍ଷରତା ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନ ଓ ଏହା ଜୀବନକୁ ସୁଗମ କରେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଯୋଗଦେଇ ବସନ୍ତ କୁମାର ମହାପାତ୍ର, ଗୌତମ କୁମାର ସି, ଅଭୟ ରଞ୍ଜନ ନାୟକ, ମନୋଜ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ସବିଶେଷ ଧାରଣା ପ୍ରଦାନ କରିବା ସହ ଏହା ଜୀବନରେ ଆର୍ଥିକ ଯୋଜନା କରିବାରେ ସାହାଯ୍ୟ କରେ ଓ ଭବିଷ୍ୟତ ଜୀବନକୁ ସୁରକ୍ଷା ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡଃ ଦେବପ୍ରିୟା ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡଃ ଚନ୍ଦ୍ରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କବିତା ସଂକଳନ 'ଅମୃତ ଗୋଲାପ' ଉନ୍ମୋଚିତ



କରଞ୍ଜିଆ, ୨୫ା୧୧(ସମିସ): କବି ଇଂଜିନିୟର ତ୍ରିଲୋଚନ ସେଠୀଙ୍କ କବିତା ସଂକଳନ 'ଅମୃତ ଗୋଲାପ' କବି ଭରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡାକ୍ତର ଜନାର୍ଦ୍ଦନ ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ମିତ୍ରଭାନୁ ତନ୍ତୀ ଯୋଗ୍ ଓ ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ୍ ସଂପାଦକ କର୍ଣ୍ଣାର୍ଜୁନ ସାହା, ପାଞ୍ଚପିଢ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଅନିଲ ଚାରୁଦର୍ଶୀ, ଇଟରନୀଟି ଇଂରାଜୀ ପତ୍ରିକା ସଂପାଦକ ହରେକୃଷ୍ଣ ମହାନ୍ତ, ଅଧ୍ୟାପକ ମିଳନ ମହାନ୍ତ ପ୍ରମୁଖ ଯୋଗ ଦେଇ କବିଙ୍କ ରଚିତ କବିତା ସଂକଳନ ଉପରେ ବକ୍ତବ୍ୟ ରଖିଥିଲେ। କବି ଇ ତ୍ରିଲୋଚନ ସେଠୀ କବିତା ସଂକଳନ ଅମୃତ ଗୋଲାପ ଉପରେ ଆଲୋକପାତ କରିଥିଲେ। ପୁସ୍ତକର ପ୍ରକାଶକ ଅନିତା ସେଠୀଙ୍କ ସହିତ ସଞ୍ଜୀବ ସାହୁ କବି ଶ୍ରୀଧର ମହାନ୍ତ, କବି ସରୋଜ କୁମାର ବେହେରା, କାଳିଆ ପ୍ରେମୀ ଉମେଶ ପତି, ରବୀନ୍ଦ୍ର ମହାନ୍ତ, ହରେକୃଷ୍ଣ ମହନ୍ତ ଉପସ୍ଥିତ ହୋଇ ସ୍ୱରଚିତ କବିତା ପାଠ କରିଥିଲେ। ଚନ୍ଦନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ ଜଳାଭାବ; ଶିଶୁ ହନ୍ତସନ୍ତ




କପ୍ତିପଦା,୨୫ା୧୧(ସମିସ): କପ୍ତିପଦା ବ୍ଲକ କଳମଗଡିଆ ପଞ୍ଚାୟତର ଅପହଞ୍ଚ ଇଲାକା କମାଇ ସାହିକୁ ଆଜିଯାଏ ଭଲ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗାଁରେ କୌଣସି ବିଦ୍ୟାଳୟ ନଥିବା ବେଳେ ଅଙ୍ଗନବାଡ଼ି ଏକମାତ୍ର ଭରସା। ଅଙ୍ଗନବାଡ଼ି ଶିକ୍ଷାପରେ ପୋଥିରେ ଡୋରି ବାନ୍ଧିଥିବା ଏଠାକାର ୭୦ ପରିବାର। ପୂର୍ବରୁ ଏଠାରୁ ୩କାମି ଦୂର ଶ୍ରୀପଦ ମଞ୍ଜରୀପୁରଠାରେ ଥିଲା ଅଙ୍ଗନବାଡ଼ି କେନ୍ଦ୍ର। ଏତେଦୂରରୁ ପିଲା ଯିବା ସମସ୍ୟାକୁ ନେଇ ଗାଁରେ ପ୍ରତିଷ୍ଠା ହୋଇଛି ଅଙ୍ଗନବାଡି। ତେବେ ଗାଁରେ ଗୋଟିଏ ମାତ୍ର ନଳକୂପ ଥିବା ବେଳେ ଏହା କେନ୍ଦ୍ରଠାରୁ ବହୁ ଦୂରରେ ରହିଛି। ଛୋଟ ପିଲାମାନେ ସେଠାକୁ ଯିବା ବିପଦ ସଂକୁଳ ହୋଇଥିବା ବେଳେ ଅଙ୍ଗନବାଡ଼ି କର୍ମୀ ଅଫିସ କାମରେ ବାହାରକୁ ଗଲେ ଉକ୍ରଟ ହୋଇପଡେ ଜଳ ସମସ୍ୟା। ଦୂରରୁ ପାଣି ଆଣି ରୋଷେଇ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଗାଁରେ ୭୦ପରିବାରକୁ ଗୋଟିଏ ନଳକୂପ ରହିଥିବାବେଳେ ଖରାଦିନେ ଉକ୍ରଟ ପାଣି ସମସ୍ୟା ଦେଖାଦିଏ। ତେଣୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗୋଟିଏ ନଳକୂପ ପ୍ରତିଷ୍ଠା ପାଇଁ ଦାବି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି କର୍ମୀ; କିନ୍ତୁ ଫଳ ଶୂନ ବୋଲି ଗାଁର ପାଇକରାୟ ହନରା, ନରେଶ ବାନରା, ବୁଦ୍ଧିରାମ ସିଂ, ଜଗନ୍ନାଥ ସିଂ ଓ ଓକିଲ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି।

## ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବାରିପଦା, ୨୫ ।୧୧(ସମିସ): ଶ୍ୟାମାଖୁଣ୍ଟା ବ୍ଲକର ଧନପୁର ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଡଃ ଭକ୍ତହରି ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବରେ ଇଂ ଅନିଲ କୁମାର ସିଂ, ସମ୍ମାନିତ ଅତିଥି ସୁମିତା ସିଂ ଓ ବୁଦ୍ଧିରାମ ବେହେରା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ, ପ୍ରଧାନ ଆଚାର୍ଯ୍ୟା, ଅନ୍ୟ ଗୁରୁମା, ଗୁରୁଜୀ ଉପସ୍ଥିତ ରହି ମେଳାରେ ସହଯୋଗ କରିଥିଲେ। ସଭାପତି ଦିବ୍ୟଜ୍ୟୋତି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମନିର୍ଭର ଭାରତ, ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



ତୁରୁମୁଙ୍ଗା, ୨୫ା୧୧(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ଜେପି କଲ୍ୟାଣମଣ୍ଡପଠାରେ ମଙ୍ଗଳବାର ବିଜେପି ପାଟଣା ନିର୍ବାଚନମଣ୍ଡଳୀ ସ୍ତରରେ ରାଷ୍ଟ୍ର ଗାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷକମୋର୍ଚ୍ଚା ଜିଲ୍ଲା ସମ୍ପାଦକ ତଥା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ପ୍ରାରମ୍ଭିକ ମନ୍ତ୍ରସ୍ତୋତ୍ର ଗାନ କରିଥିଲେ। ମୁଖ୍ୟଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥିଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଲକ୍ଷ୍ମଣ ରାଉତ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ମିଡିଆ ପ୍ରମୁଖ ସିଦ୍ଧାର୍ଥ ସିଂ, ଜିଲ୍ଲା ଉପସଭାପତି ଅଗୁନୁ ମହାନ୍ତେ, ରାଜ୍ୟ ପରିଷଦ ସଦସ୍ୟା ସୋମବାରୀ ମୁଣ୍ଡା, କେନ୍ଦୁଝର ଜିଲ୍ଲା ସମ୍ପାଦକ ହେମରଞ୍ଜନ ବାରିକ୍, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ବିଜେପି ଆଇଟି ସେଲ ଜେମ୍ସ ମୋହାନ ଜିଲ୍ଲା ସମ୍ପାଦିକା ବିଜୟଲକ୍ଷ୍ମୀ ପାତ୍ର ଏବଂ ୭ ମଣ୍ଡଳ ସଭାପତି ଏବଂ ସମସ୍ତ ଶକ୍ତିକେନ୍ଦ୍ର ଓ ବୁଥରୁ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୮୫- ପ୍ରଥମ ଥର ପାଇଁ ଉଲ୍‌କାପିଣ୍ଡର ଫଟୋଚିତ୍ର ଉତ୍ତୋଳନ କରାଗଲା।
- ୧୯୩୨- ମହାନ୍ କ୍ରିକେଟର ସାର୍ ଡନ୍ ବ୍ରାଡ୍‌ମ୍ୟାନ୍ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦,୦୦୦ ରନ୍ କଲେ।
- ୧୯୬୭- ଲିସ୍‌ବନ୍‌ରେ ବାଦଲ ଫାଟିବାରୁ ୪୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮- ମୁମ୍ବାଇର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୧୬୬ ଜଣଙ୍କ ପ୍ରାଣହାନି, ୩୦୦ରୁ ଅଧିକ ଆହତ।

# ଜାନୁଆରୀରେ 'ଡନ୍ ୩'ର ସୁଟିଂ



ଫରହାନ୍ ଅଖତର୍ ୨୦୨୩ରେ ସେ 'ଡନ୍ ୩' ନିର୍ମାଣ କରୁଛନ୍ତି ବୋଲି ଘୋଷଣା କରିଥିଲେ। ରଣବୀର ସିଂହ ଏଥିରେ ଲିଡ୍ ରୋଲରେ ନଜର ଆସିବେ ବୋଲି ସେତେବେଳେ ସେ କହିଥିଲେ। ନିକଟରେ 'ଡନ୍ ୩'କୁ ନେଇ ଏକ ଖବର ଆସିଛି। ଫରହାନ୍ '୧୨୦ ବାହାଦୂର'ର ପ୍ରମୋସନ୍ କରୁଥିବା ସମୟରେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'ଡନ୍ ୩' ହେବ ବୋଲି କହିଥିଲେ। ସେ ଆସନ୍ତା ଜାନୁୟାରୀରୁ ଏହାର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଥିରେ ରଣବୀରଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ମଧ୍ୟ ସେ ବ୍ରେକ୍ ଦେଇପାରନ୍ତି ବୋଲି ମଧ୍ୟ କୁହାଯାଉଛି। ଫିଲ୍ମର ସୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ ଏବଂ ଏହାକୁ ଡିସେମ୍ବରରେ ରିଲିଜ୍ କରିବା ପାଇଁ ଫରହାନ୍ ଯୋଜନା କରିଛନ୍ତି।

# ସମ୍ବିଧାନ ଦିବସ



ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏହାକୁ ଭାରତରେ ଲାଗୁ କରାଯାଇଥିଲା। ୨୦୧୫ ମସିହାରେ ନାଗରିକଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। କାରଣ ସେହି ବର୍ଷ 'ଭାରତୀୟ ସମ୍ବିଧାନର ଜନକ' ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଶହେ ପଚିଶତମ ଜୟନ୍ତୀ ପାଳିତ ହୋଇଥିଲା। ତାଙ୍କ ସମ୍ମାନାର୍ଥେ 'ସମ୍ବିଧାନ ଦିବସ' ପାଳନ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଏବଂ ସେମାନଙ୍କୁ ନିୟମରେ ବାନ୍ଧି ରଖିଥାଏ। ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ଶାସନ କବଳରୁ ଭାରତ ସ୍ୱାଧୀନତା ହାସଲ କଲାବେଳେ ଦେଶରେ ଏକ ସ୍ଥାୟୀ ସମ୍ବିଧାନ ନ ଥିଲା। ଭାରତର ପ୍ରଥମ ଆଇନ ମନ୍ତ୍ରୀ ବାବାସାହେବ ଆମ୍ବେଦକର ୧୯୪୭ ମସିହାରରେ ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ ଏବଂ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା। ଆମ୍ବେଦକର ଭାରତର ସମ୍ବିଧାନକୁ ଦୁଇବର୍ଷ ଏଗାର ମାସ ଏବଂ ୧୮ ଦିନରେ ପ୍ରସ୍ତୁତ କରି ରାଷ୍ଟ୍ରକୁ ସମର୍ପି ଦେଇଥିଲେ। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ। ସମ୍ବିଧାନର ମୂଳ କପି ଏବେ ମଧ୍ୟ ପାର୍ଲାମେଣ୍ଟ ଲାଇବ୍ରେରୀରେ ରଖାଯାଇଛି। ସେତେବେଳେ ଏହାର ସପକ୍ଷରେ ସଂସଦର ୨୮୪ ଜଣ ସଦସ୍ୟ ହସ୍ତାକ୍ଷର କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ଜଣ ମହିଳା ସଦସ୍ୟ ଥିଲେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରର ସମ୍ବିଧାନର କେତେକ ଅଂଶ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇ ଏକ ବୃହତ୍ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା। ସମ୍ବିଧାନକୁ ଗୋଟିଏ ରାଷ୍ଟ୍ରର ଦର୍ପଣ ଭାବେ ଗ୍ରହଣ କରାଯାଇଥାଏ। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ଶାସନ ପରିଚାଳନା ନିମନ୍ତେ ଅନୁସୃତ ନିୟମାବଳୀର ସମଷ୍ଟିକୁ ସମ୍ବିଧାନ କୁହାଯାଏ। ସମଗ୍ର ବିଶ୍ୱରେ ଭାରତର ସମ୍ବିଧାନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ସମ୍ବିଧାନ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ଛଅ ଦିନ ଗାଏବ ହୋଇଯାଏ ଟ୍ରେନ୍



ପ୍ରତ୍ୟେକ ଟ୍ରେନ୍ ତାର ଗନ୍ତବ୍ୟ ସ୍ଥଳରୁ ବାହାରି ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ। ହେଲେ ବିଶ୍ୱରେ ଏମିତି ଏକ ଟ୍ରେନ୍ ରହିଛି, ଷ୍ଟେସନରୁ ବାହାରିବା ମାତ୍ରେ ତାହା ଉଭାନ୍ ହୋଇଯାଏ। ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରିବାର ଛଅ ଦିନ ପର୍ଯ୍ୟନ୍ତ ଯାତ୍ରୀଙ୍କର ବାହ୍ୟ ଦୁନିଆ ସହିତ କୌଣସି ସମ୍ପର୍କ ରୁହେନାହିଁ। ବେଜିଂରୁ ମସ୍କୋ ଯାଏଁ ୭୮୨୬ କିଲୋମିଟର ଯାତ୍ରା କରୁଥିବା ଏହି ଟ୍ରେନ୍‌ର ନାଁ କେ୩। ଟ୍ରାନ୍ସ-ମଙ୍ଗୋଲିୟାନ ରୁଟ୍‌ରେ ଚାଲୁଥିବା ଏହି ଟ୍ରେନ୍‌ଟି ତାର ଗତିପଥରେ ଚୀନ୍, ମଙ୍ଗୋଲିଆ, ରୁଷ୍ ତିନୋଟି ଦେଶ ଅତିକ୍ରମ କରିଯାଏ। ପ୍ରତ୍ୟେକ ବୁଧବାର ବେଜିଂରୁ ଟ୍ରେନ୍‌ଟି ତା'ର ଯାତ୍ରା ଆରମ୍ଭ କରି ସୋମବାର ଦିନ ମସ୍କୋରେ ପହଞ୍ଚିଥାଏ। କରୋନା ଯୋଗୁ ୨୦୨୦ ମସିହାରୁ ଏହି ଟ୍ରେନ୍ ଚଳାଚଳ ବନ୍ଦ ଥିବାବେଳେ ଏବେ ପୁଣି ଥରେ ଏହାକୁ ଚଳାଇବା ପାଇଁ ଯୋଜନା କରାଯାଉଛି। ସାଧାରଣତଃ ଜଣେ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ତାର ଲୋକେସନ୍ ସମ୍ପର୍କରେ ତାର ସାଙ୍ଗସାଥୀ ପରିବାର ଲୋକେ ଜାଣିପାରନ୍ତି। ଏହାବାଦ୍ ଯାତ୍ରୀମାନେ ପରିବାର, ସାଙ୍ଗସାଥୀଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିପାରନ୍ତି। ହେଲେ କେ୩ ଟ୍ରେନ୍‌ଟି ବେଜିଂ ଷ୍ଟେସନ ଛାଡିବାମାତ୍ରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଗୋବି ମରୁଭୂମି, ମଙ୍ଗୋଲିଆର ତୃଣଭୂମି, ସାଇବେରିଆର ବରଫାବୃତ୍ତ ଜଙ୍ଗଲ, ବୈକାଲ ହ୍ରଦ ଦେଇ ଏହି ଟ୍ରେନ୍ ଅତିକ୍ରମ କରେ। ଏଥିରେ ଦୁଇ ପ୍ରକାରର କେବିନ୍ ସୁବିଧା ଥାଏ। ଡିଲକ୍ସ ୨ ବର୍ଥ କିମ୍ବା ୪ବର୍ଥ ହାର୍ଡ ସ୍ଲିପର। ସେହିପରି ଟ୍ରେନ୍‌ଟି ଯେଉଁ ଦେଶ ଯାଉଥାଏ ସେହି ସ୍ଥାନର ଖାଇବା ଯାତ୍ରୀଙ୍କୁ ପରୋଷା ଯାଏ। ଏହି ଟ୍ରେନ୍‌ରେ ଯାତ୍ରା କରିବାକୁ ହେଲେ ଭାରତୀୟ ମୁଦ୍ରାରେ ୪୫,୦୦୦ ଟଙ୍କାରୁ ଟିକେଟ ଆରମ୍ଭ ହୋଇଥାଏ। ସେହିପରି ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଖରେ ଚୀନ୍, ମଙ୍ଗୋଲିଆ ଏବଂ ରୁଷ୍ ତିନିଟି ଦେଶର ଟୁରିଷ୍ଟ ଭିସା ରହିଥିବା ଜରୁରି।

# କଣ୍ଟେଣ୍ଟ କ୍ରିଏସନ୍



ରିପୋର୍ଟ ଅନୁସାରେ, ଡିଜିଟାଲ କଣ୍ଟେଣ୍ଟ ତିଆରି କରିବା ମାମଲାରେ ମେଟ୍ରୋ ସହର ସବା ଆଗରେ ରହିଥାଏ। ହେଲେ ଏବେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଏହି ଦୂରତ୍ୱକୁ କମ୍ କରିଛି। ଏବେ ଛୋଟ ସହରର କ୍ରିଏଟର ନିଜ ଆଞ୍ଚଳିକ ଭାଷାରେ କଣ୍ଟେଣ୍ଟ ପ୍ରସ୍ତୁତ କରି ବିଶ୍ୱରେ ଲୋକପ୍ରିୟ ହେବାର ପ୍ରୟାସ କରୁଛନ୍ତି। ସ୍ଥାନୀୟ ଭାଷା, ସଂସ୍କୃତି ଓ କାହାଣୀକୁ ବିଶ୍ୱର କୋଣଅନୁକୋଣର ଲୋକେ ବି ପସନ୍ଦ କରୁଛନ୍ତି। ତେଣୁ ଏମିତି କୁହାଯାଇପାରିବ ଯେ, ସାମାଜିକ ଗଣମାଧ୍ୟମ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

ସେହିପରି ୭୫ ପ୍ରତିଶତ ଯୁବପିଢ଼ି କଣ୍ଟେଣ୍ଟ କ୍ରିଏସନକୁ ଗୁରୁତର କ୍ୟାରିୟର ଭାବେ ଦେଖୁଛନ୍ତି। ଏ ଲାଗି ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ କେବଳ ମନୋରଞ୍ଜନର ସାଧନ ନ ହୋଇ କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏହାକୁ ଯୁବପିଢ଼ି ବିଜନେସ୍ ଟୁଲ୍ ଭଳି ଦେଖୁଛନ୍ତି। ତେବେ ରିପୋର୍ଟ ଅନୁସାରେ, ୫୫ ପ୍ରତିଶତ ଯୁବପିଢ଼ି ଏହା ଦ୍ୱାରା ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇଥିବା କହିଛନ୍ତି।

କଣ୍ଟେଣ୍ଟ କ୍ରିଏଟ୍ ଲାଗି ୟୁଟ୍ୟୁବ୍ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ ପାଲଟିଛି। ତେଣୁ ୯୦ ପ୍ରତିଶତରୁ ଅଧିକ ଜେନ୍ ଜି କଣ୍ଟେଣ୍ଟ କ୍ରିଏଟର ୟୁଟ୍ୟୁବ୍‌ରେ ଅଛନ୍ତି। ସେହିପରି ହିନ୍ଦୀ ସହିତ ଆଞ୍ଚଳିକ ଭାଷାରେ ତିଆରି କଣ୍ଟେଣ୍ଟକୁ ଲୋକମାନେ ଖୁବ୍ ପସନ୍ଦ କରୁଛନ୍ତି।


**ଭାରତରେ ଡିଜିଟାଲ ଦୁନିଆରେ ଏକ ନୂଆ ପରିବର୍ତ୍ତନ ଆସିଛି। ଭାରତର ଯୁବପିଢ଼ି ମୁଖ୍ୟତଃ ୧୮-୨୪ ବର୍ଷ ବୟସ ଅର୍ଥାତ୍ ଜେନ୍ ଜି ଇଣ୍ଟରନେଟ୍‌ରେ ନିଜସ୍ୱ ପରିଚୟ ତିଆରି କରୁଛନ୍ତି। ୟୁଟ୍ୟୁବ୍ ଇଣ୍ଡିଆ ଏବଂ ସ୍ମିଥ୍‌ଗିଗରର ନୂଆ ରିପୋର୍ଟ ଅନୁସାରେ, ୮୩ ପ୍ରତିଶତ ଭାରତୀୟ ଯୁବପିଢ଼ି ନିଜକୁ କଣ୍ଟେଣ୍ଟ କ୍ରିଏଟର ବୋଲି ମାନୁଛନ୍ତି। ତେଣୁ ଏବେ କଣ୍ଟେଣ୍ଟ କ୍ରିଏସନ କେବଳ ଏକ ସଉକ ନୁହେଁ, ଏହା କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏଥିରୁ ମିଳୁଥିବା ଆର୍ଥିକ ସ୍ୱାଧୀନତା ଯୁବପିଢ଼ିଙ୍କୁ ଡିଜିଟାଲ ଦୁନିଆରେ ଆଗକୁ ନେଉଛି।**

## ସମ୍ଭାବନା



# ସଫଳତାରେ ବାଧକ ଖରାପ ଅଭ୍ୟାସ

**ପରୀକ୍ଷା ତଥା ଜୀବନରେ ସମସ୍ତେ ସଫଳତା ପାଇବାକୁ ଚାହାଁନ୍ତି। ସେହିପରି କଠିନ ପରିଶ୍ରମ କରିବା ସତ୍ତ୍ୱେ ଅନେକଙ୍କୁ ସଫଳତା ମିଳି ନ ଥାଏ। ହେଲେ କିଛି ଖରାପ ଅଭ୍ୟାସ ମଧ୍ୟ ସଫଳତାରେ ବାଧା ସୃଷ୍ଟି କରିଥାଏ।**



- ପଢ଼ିବା ପାଇଁ ଶାନ୍ତ ଜାଗା ନ ମିଳିବା। ଆଖପାଖର କୋଳାହଳପୂର୍ଣ୍ଣ ବାତାବରଣ, ଫୋନ, ଟିଭି ଏବଂ ସାମାଜିକ ଗଣମାଧ୍ୟମ ଯୋଗୁଁ କାମ ତଥା ପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇପାରେ ନାହିଁ।
- ଗୋଟେ ସମୟରେ ସବୁ କିଛି କରିବାର ପ୍ରବୃତ୍ତି ବେଳେ ବେଳେ ସମସ୍ୟାରେ ପକାଏ। ଏଣୁ ଗୋଟିଏ ସମୟରେ ଗୋଟିଏ କାମ ଉପରେ ଗୁରୁତ୍ୱ ଦେବା ଦରକାର।
- ସେହିପରି ଡେରିରେ ଶୋଇବା ଏବଂ ବିଳମ୍ବରେ ଉଠିବା ଅଭ୍ୟାସ ବି ଦାୟୀ। ଏପରିକି ୭-୮ ଘଣ୍ଟା ନ ଶୋଇବା ଦ୍ୱାରା କାମରେ ସଫଳତା ମିଳେ ନାହିଁ।
- ଉତ୍ତମ ଭୋଜନ ନ କରିବା ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଠିକ୍ ଖାଦ୍ୟ ନ ଖାଇବା ଦ୍ୱାରା ଶରୀରର ଅସୁସ୍ଥ ହୁଏ। ପଢ଼ା କିମ୍ବା କୌଣସି କାର୍ଯ୍ୟରେ ମନ ଲାଗେ ନାହିଁ।
- ଖଟ ଉପରେ ଶୋଇ ରହି ପଢ଼ିବା ଅଭ୍ୟାସରୁ ଦୂରେଇ ରହିବା ଉଚିତ। ଚେୟାର୍ ଟେବୁଲ ପଢ଼ାଭ୍ୟାସକୁ ଆପଣାଇବା ଭଲ।
- ଦୀର୍ଘ ସମୟ ଧରି ବସି ପଢ଼ିବା ଆଦୌ ଠିକ୍ ନୁହେଁ। ପଢ଼ା ମଝିରେ ୧୦-୧୫ ମିନିଟ୍‌ର ବ୍ରେକ ନେବା ଭଲ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍




ଇନଷ୍ଟାଗ୍ରାମ୍ ନୋଟ୍‌ସ ଭଳି ହ୍ୱାଟ୍ସଆପ୍ ଏକ ନୂଆ ଫିଚର୍‌କୁ ପରିଚିତ କରାଇଛି। ଏହାର ନାଁ 'ଏବାଉଟ୍'। ତେବେ ହ୍ୱାଟ୍ସଆପ୍‌ରେ ପୂର୍ବରୁ ଥିବା ଷ୍ଟାଟସ୍‌ର ଏହା ହେଉଛି ଅପଗ୍ରେଡ୍ ଭର୍ସନ। ଏବେ ବ୍ୟବହାରକାରୀ ଛୋଟ ଛୋଟ ଟେକ୍ସଟ୍ ଅପଡେଟ୍ ଏଥିରେ ସେୟାର୍ କରିପାରିବେ। ଏହା ସେମାନଙ୍କର ୱାନ୍-ଟୁ-ୱାନ୍ ଚାଟ୍ ଉପରେ ଦେଖିବାକୁ ମିଳିବ। ଏପରିକି ସେମାନଙ୍କ ପ୍ରୋଫାଇଲ ପେଜ୍‌ରେ ବି ଦେଖିବାକୁ ମିଳିବ। ବ୍ୟବହାରକାରୀ ଏହା ମାଧ୍ୟମରେ ନିଜ ବିଷୟରେ ଏଇ ଯେମିତି କଣ କରୁଛନ୍ତି, କାହିଁକି ବ୍ୟସ୍ତ ଆଦି ଅନ୍ୟ ବିବରଣୀ ଶୀଘ୍ର ଅପଡେଟ୍ ସେୟାର୍ କରିପାରିବେ।

ଅନ୍ୟପଟେ କିଛି ଲୋକଙ୍କୁ ଏହି ଫିଚର୍ ନୂଆ ଲାଗିବ। ହେଲେ 'ଏବାଉଟ୍' ଫିଚର୍ ଆପ୍‌ରେ ପୂର୍ବରୁ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ବ୍ୟବହାରକାରୀ ଛୋଟ ଛୋଟ ଅପଡେଟ୍ ସେୟାର୍ କରୁଥିଲେ ଇନଷ୍ଟାଗ୍ରାମ୍ ନୋଟ୍ ଭଳି। ହେଲେ ଏଥର ଏହି ଫିଚରକୁ ଉନ୍ନତମାନର କରାଯାଇଛି। ଏହି ଅପଡେଟ୍ ଚାଟ୍ ଉପରେ ଦେଖିବାକୁ ମିଳୁଛି ଏବଂ ବ୍ୟବହାରକାରୀ ଏଥିରେ ଟ୍ୟାପ୍ କରି ସିଧା ରିପ୍ଲାଏ ଦେଇପାରିବେ। ଏହି ଅପେଡଟ୍ ୨୪ ଘଣ୍ଟାରେ ଗାଏବ ହୋଇଯାଏ। କାରଣ ଏହା ହେଉଛି ଡିଫଲ୍ଟ ସେଟିଂ। ଅବଶ୍ୟ ଏବେ ଏହା ଇନଷ୍ଟାଗ୍ରାମ୍ ନୋଟ୍ ଭଳି ଆଡଭାନ୍ସ ନୁହେଁ। ହ୍ୱାଟ୍ସଆପ୍‌ର ଏହି ଫିଚର୍ କେବଳ ଟେକ୍ସଟ୍ ଅପଡେଟ୍ ଯାଏଁ ସୀମିତ।

# ସମୟ ପରିଚାଳନାର ଉପାୟ

**କିଛି ଲୋକ ଏମିତି ଥାନ୍ତି, ଯେଉଁମାନଙ୍କ ଅଭ୍ୟାସ ସବୁ କାମ ବିଳମ୍ବରେ କରିବା। ଏଭଳି ଲୋକ ସବୁ ସ୍ଥାନରେ ବିଳମ୍ବରେ ପହଞ୍ଚି ଥାନ୍ତି। ତା'ସହ ସେମାନଙ୍କର ସମୟଜ୍ଞାନ ନ ଥିବା କଥାକୁ ସ୍ପଷ୍ଟ କରିଥାଏ। ତେବେ ସମୟକୁ କିଭଳି ପରିଚାଳନା କଲେ, ସବୁ କାମ ସମୟରେ କରିପାରିବେ, ସେ ସମ୍ପର୍କରେ ଜ୍ଞାନ ରହିବା ଉଚିତ।**

- ସମୟରେ କାମ କରିବାକୁ ଚାହୁଁଥିଲେ, ଆଲାର୍ମ ଏବଂ ଟାଇମର୍ ବ୍ୟବହାର କରନ୍ତୁ। ଏଭଳି କରିବା ଦ୍ୱାରା ବିଳମ୍ବ ହେବ ନାହିଁ।
- ନିତିଦିନର କାମ ଠିକ୍ ସମୟରେ କରିପାରୁ ନ ଥିଲେ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହି ତାଲିକା ଅନୁସାରେ, କାମ କରିବା ଦ୍ୱାରା ସବୁ କାମ ସମୟ ଅନୁସାରେ ହୋଇପାରିବ।



- କୌଣସି କାମକୁ ସମୟରେ କରିବା ପାଇଁ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ। ସେଥିରେ ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ଏକ ସମୟ ଲେଖନ୍ତୁ ଏବଂ ତଦନୁସାରେ କାର୍ଯ୍ୟ କରନ୍ତୁ।
- ଧ୍ୟାନ କରିବା କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ। ଫଳରେ କାମ କରିବାରେ ଆଗ୍ରହ ସୃଷ୍ଟି ହୁଏ। ସମୟ ଅନୁସାରେ କାମ କରିବା ସହଜ ହୋଇଥାଏ।

## ଦ୍ୱିତୀୟ ଟେଷ୍ଟ: ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ

# ସିରିଜ୍ ସୁଇପ୍ ଦ୍ୱାରଦେଶରେ ଦକ୍ଷିଣ ଆଫ୍ରିକା



**ବର୍ଷାପଡା, ୨୫।୧୧(ଏଜେନ୍ସି):** ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ଦେଇଛି ଦକ୍ଷିଣ ଆଫ୍ରିକା। ଏହି ଲକ୍ଷ୍ୟକୁ ପିଛା କରି ମଙ୍ଗଳବାର ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୨୭ ରନ୍‌ରେ ୨ଟି ୱିକେଟ ହରାଇ ଅଧିକ ବିପଦକୁ ଆମନ୍ତ୍ରଣ କରିଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଦୁଇ ଟେଷ୍ଟ ଓପନର ଯଶସ୍ୱୀ ଜୟସ୍ୱାଲ ୧୩ ଓ ଲୋକେଶ ରାହୁଲ ୬ ରନ୍ କରି ଆଉଟ ହୋଇଛନ୍ତି। ଏମାନଙ୍କ ଆଉଟ ସହ ଘରୋଇ ଦଳର ମ୍ୟାଚ୍ ଡ୍ର ରଖିବା ଆଶା ମଧ୍ୟ ଦୂରେଇଯାଇଛି। ସାଇ ସୁଦର୍ଶନ ୨୫ ବଲ୍‌ରୁ ୨ ଓ କୁଲଦୀପ ଯାଦବ ୨୨ ବଲ୍‌ରୁ ୪ ରନ୍ କରି ଏପ୍ରକାର ଅସମ୍ଭବ ବିଜୟ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ସିରିଜ୍ ଏବଂ ପ୍ରଥମ ସିରିଜ୍ ସ୍ୱିପ୍‌ର ଦ୍ୱାରଦେଶରେ ପହଞ୍ଚିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାର ୪୮୯ ରନ୍ ଜବାବରେ ଭାରତ ମାତ୍ର ୨୦୧ ରନ୍ କରିଥିଲା। ୨୮୮ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ଥିବା ଦକ୍ଷିଣ ଆଫ୍ରିକା ୫ ୱିକେଟରେ ୨୬୦ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ୫୪୯ ରନ୍‌ର ଲକ୍ଷ୍ୟକୁ ପିଛା କରି ୨ ୱିକେଟରେ ୨୭ ରନ୍ ଭରଣା କରିନେଇଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନ ଖେଳରେ ଭାରତକୁ ବାକିଥିବା ୮ ୱିକେଟ ବିନିମୟରେ ଆଉ ୫୨୨ ରନ୍ ସଂଗ୍ରହ କରିବ। ଭାରତ ଯଦି ଏହି ମ୍ୟାଚ୍‌କୁ ଡ୍ର ରଖିପାରିଲେ, ନିଶ୍ଚିତ ଏହା ଏକ ବିସ୍ମୟକର ଫଳାଫଳ ହେବ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୨୬୦ ରନ୍ କରିବା ପରେ ଦଳ ତାହାର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଟ୍ରିଷ୍ଟାନ ଷ୍ଟବ୍ସ ୧୮୦ ବଲ୍ ଖେଳି ୯୪, ଟୋନି ଡି ଜୋର୍ଜି ୪୯ ରନ୍ କରିଥିଲେ। ୱିଆନ୍ ମୁଲ୍ଡର ଅପରାଜିତ ରହି ଓ ରିୟାନ ରିକେଲଟନ ୩୫ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ ପାଇଥିଲେ ମଧ୍ୟ ଆବଶ୍ୟକ ବେଳେ ଏହା କିଛି କାମରେ ଆସି ନ ଥିଲା।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/୧୦** (ମୁଥୁସ୍ୱାମୀ-୧୦୯, ଜାନ୍‌ସେନ୍-୯୩, କୁଲଦୀପ-୪/୧୧୫)।
**ଭାରତ ପ୍ରଥମ ଇନିଂସ: ୨୦୧/୧୦** (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍- ୬/୪୮, ହାର୍ମର-୩/୬୪)।
**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫, ଘୋଷିତ** (ଷ୍ଟବ୍ସ-୯୪, ଡି ଜୋର୍ଜି-୪୯, ମୁଲ୍ଡର-୩୫ଅ, ଜାଡେଜା-୪/୬୨)।
**ଭାରତ ଦ୍ୱିତୀୟ ଇନିଂସ: ୨୭/୨।**

## ● ଆଜିଠୁ ସୟଦ ମୁସ୍ତାକ ଅଲି ଟି-୨୦

# ଓଡ଼ିଶା ସାମ୍ନାରେ ସାମସନ୍ ଚ୍ୟାଲେଞ୍ଜ


**କଟକ,୨୫।୧୧(ସମିସ):** ଭାରତୀୟ ଘରୋଇ କ୍ରିକେଟର ଟି-୨୦ ଫର୍ମାଟ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ୧୮ ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବ। ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଦିବସରେ ଶକ୍ତିଶାଳୀ କେରଳ ଦଳକୁ ଭେଟିବ। ଉଭୟ ଦଳ ଗତ ୧୨ ବର୍ଷ ଭିତରେ ଦୁଇଥର ସାମ୍ନାସାମ୍ନି ହୋଇଥିଲେ ମଧ୍ୟ ଓଡ଼ିଶା ପଛୁଆ ରହିଛି। ଦୁଇଟି ଯାକ ମ୍ୟାଚ୍‌ରେ କେରଳକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟ ନେଇ ଓଡ଼ିଶା ଦଳ ବୁଧବାର ପଡ଼ିଆକୁ ଓହ୍ଲାଇବ। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷ ମ୍ୟାଚ୍ ଖେଳାଯିବ। ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ୫ବର୍ଷ ପରେ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି। ଏହାଛଡ଼ା ୬ଜଣ ନବାଗତଙ୍କୁ ଦଳରେ ସାମିଲ କରାଯାଇଛି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମଥର ସୁଯୋଗ ପାଇଛନ୍ତି। ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ଭଳି ଯୁବ ପ୍ରତିଭାଙ୍କ ଉପରେ ଦଳର ପ୍ରାରମ୍ଭିକ ବ୍ୟାଟିଂ ଭାର ନିର୍ଭର କରିବ। ଶୁଭ୍ରାଂଶୁ ସେନାପତି, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାରଙ୍କ ସହ ଅଲରାଉଣ୍ଡର ପ୍ରୟାସ କୁମାର ସିଂହ ମଧ୍ୟକ୍ରମ ସମ୍ଭାଳିବେ। ୩ବର୍ଷର ବ୍ୟବଧାନ ପରେ ବାମହାତୀ ସ୍ପିନର ପପୁ ରାୟଙ୍କୁ ଦଳରେ ସୁଯୋଗ ମିଳିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପରଭେଜ ମହାରୁଫଙ୍କଠାରୁ ପ୍ରଶଂସିତ ହୋଇଥିବା ପେସ୍ ବୋଲର ଭଗୀଶ ଶର୍ମାଙ୍କ ଉପରେ ଦଳର ନଜର ରହିବ। ପେସ୍ ଆଟାକ୍‌ରେ ରାଜେଶ ମହାନ୍ତି, ସର୍ବେଶ୍ୱର ମହାନ୍ତି ଏବଂ ସୌମ୍ୟରଞ୍ଜନ ଲେଙ୍କା ରହିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ତାରକା ସଞ୍ଜୁ ସାମସନ କେରଳ ଦଳର ନେତୃତ୍ୱ ନେଉଛନ୍ତି। ୱିକେଟକିପର ବିଷ୍ଣୁ ବିନୋଦ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। ଏତଦବ୍ୟତୀତ କେରଳ ଦଳରେ ଏକାଧିକ ଆଇପିଏଲ ତାରକା ମଧ୍ୟ ସ୍ଥାନ ପାଇଛନ୍ତି। ବୁଧବାର ପୂର୍ବାହ୍ନରେ ହେବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ଓଡ଼ିଶାକୁ ଜିତାଇଲେ ଶୁଭ୍ର

**କଟକ,୨୫।୧୧(ସମିସ):** ୨୩ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ତ୍ରିଭଦ୍ରମର ସେଣ୍ଟ ଜାଭିୟର୍ସ କେସିଏ କ୍ରିକେଟ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୩ ରନ୍‌ରେ ଉତ୍ତରାଖଣ୍ଡକୁ ହରାଇଛି। ଉତ୍ତରାଖଣ୍ଡ ଅଧିନାୟିକା ନନ୍ଦିନୀ କାଶ୍ୟପ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଜିଏମ ଅଲକାନନ୍ଦଙ୍କ ଦ୍ରୁତ ୩୯ରନର ଅପରାଜିତ ପାଳି ସହାୟତାରେ ଓଡ଼ିଶା ୭ ୱିକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୬ ୱିକେଟ ହରାଇ ୧୦୭ରନ କରିବାକୁ ସକ୍ଷମ ହୋଇଥିଲା। ରାଘବୀ ଦଳ ପକ୍ଷରୁ ସର୍ବାଧିକ ୩୪ରନ କରିଥିଲେ। ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୧୪ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିବା ସହ ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।



## ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହେଲେ କଳିକେଶ



**ଭୁବନେଶ୍ୱର, ୨୫।୧୧ (ସମିସ):** ପୂର୍ବତନ ସାଂସଦ ତଥା ବିଜେଡି ବିଧାୟକ କଳିକେଶ ନାରାୟଣ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆରଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ସେ ପୁଣିଥରେ ଏହି ଜାତୀୟ ସଂଘର ସଭାପତି ଭାବେ ପଦ ବଜାୟ ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ସଭାପତି ପଦ ଲାଗି ଅନୁଷ୍ଠିତ ନିର୍ବାଚନରେ କଳିକେଶ ୩୬-୨୧ ଭୋଟରେ ଭିକେ ଧଲ୍‌ଙ୍କୁ ପରାସ୍ତ କରିଥିଲେ। କଳିକେଶଙ୍କ ଏହି ବିଜୟ ଜାତୀୟ ରାଇଫଲ ସଂଘର ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ ଓଡ଼ିଶା ରାଇଫଲ୍ ସଂଘ ପକ୍ଷରୁ କଳିକେଶଙ୍କୁ ଅ ଭି ନ ନ୍ଦ ନ ଜଣାଯାଇଛି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ କଳିକେଶଙ୍କ ସଭାପତିତ୍ୱ କାର୍ଯ୍ୟକାଳ ସମୟରେ ପ୍ରଥମଥର ଲାଗି ସୁଟିଂ ଲିଗ୍ ଆରମ୍ଭ ହୋଇଥିଲା।

## ଆମେରିକା ସହ ଭାରତର ପ୍ରଥମ ମୁକାବିଲା

**ଦୁବାଇ, ୨୫।୧୧ (ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ହେବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ କ୍ରିକେଟର ଖେଳସୂଚୀ ଆଜି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେବେ। ଏହା ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଖେଳାଯିବ। ଫେବୃଆରୀ ୭ରୁ ୨୦ ଯାଏ ଗ୍ରୁପ୍ ଲିଗ୍ ମ୍ୟାଚ୍, ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮, ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିଲାଗି ୮ଟି ଭେନ୍ୟୁ ଚୟନ କରାଯାଇଛି। ଭାରତରେ ୫ଟି ଓ ଶ୍ରୀଲଙ୍କାରେ ୩ଟି ଭେନ୍ୟୁ ରହିଛି। ପାକିସ୍ତାନ ଯେଉଁ ପର୍ଯ୍ୟାୟକୁ ଗଲେ ମଧ୍ୟ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ଫାଇନାଲକୁ ଯୋଗ୍ୟତା ଅର୍ଜନ ନ କରେ ତେବେ ଅହମ୍ମାବାଦ୍ ଓ ସେମିଫାଇନାଲକୁ ନ ଯାଏ, ତେବେ ମୁମ୍ବାଇ, କୋଲକାତାରେ ସେମିଫାଇନାଲ ଖେଳାଯିବ। ୧୬ଟି ଦଳ ଭାଗ ନେଉଥିଲାବେଳେ ସେଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗ୍ରୁପ୍-ଏ'ରେ ଆମେରିକା, ପାକିସ୍ତାନ, ନାମିବ୍ୟା ଓ ନେଦରଲାଣ୍ଡସ ସହ ସ୍ଥାନ ପାଇଛି। ଭାରତ ତାହାର ପ୍ରଥମ ମ୍ୟାଚ୍ ମୁମ୍ବଇରେ ଆମେରିକା ସହ ଫେବୃଆରୀ ୭ରେ, ଦ୍ୱିତୀୟ ମ୍ୟାଚ୍ ଦିଲ୍ଲୀରେ ନାମିବ୍ୟା ସହ ଫେବୃଆରୀ ୧୨ରେ, ତୃତୀୟ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଫେବୃଆରୀ ୧୫ରେ ଓ ଚତୁର୍ଥ ମ୍ୟାଚ୍ ଅହମ୍ମଦାବାଦ୍‌ରେ ନେଦରଲାଣ୍ଡସ ସହ ଫେବୃଆରୀ ୧୮ରେ ଖେଳିବ।

**ଟି-୨୦ ବିଶ୍ୱକପ୍ ଖେଳସୂଚୀ**

## କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍

# ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିଅନ



**ଭୁବନେଶ୍ୱର, ୨୫।୧୧ (ସମିସ):** ହକି ଇଣ୍ଡିଆ ଆନୁକୂଲ୍ୟରେ ହରିୟାଣାରେ ତୃତୀୟ ହକି ଇଣ୍ଡିଆ କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) କ୍ରମାଗତ ୨ୟ ବର୍ଷ ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଫାଇନାଲରେ ଓଡ଼ିଶା ନାଭାଲ ଦଳ ୨-୦ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି ଏକାଡେମୀକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ନାଭାଲ ୪-୦ ଗୋଲରେ ଭାରତ ହକି ଏକାଡେମୀକୁ ହରାଇଥିଲା। ମିଡ୍‌ଫିଲ୍ଡର ପ୍ରଜ୍ଞା ପଟେଲ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଯାଇଛି।

## ବେଲ୍‌ଜିୟମଠୁ ହାରିଲା ଭାରତ

**ଇପୋ, ୨୫।୧୧ (ଏଜେନ୍ସି):** ମାଲେସିଆରେ ଚାଲିଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ପ୍ରଥମ ପରାଜୟବରଣ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ବେଲ୍‌ଜିୟମ ୩-୨ ଗୋଲ୍‌ରେ ଭାରତକୁ ହରାଇଦେଇଛି। ରୋମାନ ଡୁଭେକେଟ୍ ଡବଲ୍ ଗୋଲ୍ ଦେଇ ବେଲ୍‌ଜିୟମକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ପକ୍ଷରୁ ଅଭିଷେକ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଶିଳାନନ୍ଦ ଦଳ ପାଇଁ ଦ୍ୱିତୀୟ ଗୋଲ୍‌ଟି ଦେଇ କିଛିଟା ଆଶା ଉଜ୍ଜୀବିତ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇଥିଲା। ଭାରତ ବୁଧବାର ମାଲେସିଆକୁ ଭେଟିବ।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ; କିଟ୍‌କୁ ୩ ପଦକ

**ଭୁବନେଶ୍ୱର, ୨୫।୧୧ (ସମିସ):** ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଦ୍ୱିତୀୟ ଦିବସରେ ସୋମବାର ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଶ୍ରେଷ୍ଠ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ କାଂସ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାର ରିଙ୍କି ନାୟକଙ୍କୁ ଭାରୋତ୍ତୋଳନରେ ରୌପ୍ୟ ମିଳିଛି। ଅପରପକ୍ଷରେ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟକୁ ୩ଟି କାଂସ୍ୟ ପଦକ ସଫଳତା ମିଳିଛି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ଦିବ୍ୟାଙ୍କା ପ୍ରଧାନ, ମହିଳା ୫୦ ମିଟର ଫ୍ରିଷ୍ଟାଇଲରେ ନୀଳାବ୍ଜା ଘୋଷ ଓ ମହିଳା ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂ ରିଲେ ଟିମ୍ କାଂସ୍ୟ ପଦକ ଜିତିଛନ୍ତି।





## ଦିନିକିଆ ରାପିଡ୍ ଚେସ୍: ହର୍ଷିତ, ମନୀଷ ଚାମ୍ପିଅନ

**ଭୁବନେଶ୍ୱର,୨୪।୧୧ (ସମିସ):** କଟକର ଇଣ୍ଡସ ଚେସ୍ ଏକାଡେମୀ ଆନୁକୂଲ୍ୟରେ ଏକ ଦିନିକିଆ ରାପିଡ୍ ଚେସ୍ ପ୍ରତିଯୋଗିତା ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓପନ ବିଭାଗରେ କଟକର ହର୍ଷିତ ରଞ୍ଜନ ସାହୁ ପ୍ରଥମ, ପୁରୀର ଜଗଦୀଶ ନାୟକ ଦ୍ୱିତୀୟ ଓ ଖୋର୍ଦ୍ଧାର ଓମ୍ ଆଦିତ୍ୟ ଖାଡଙ୍ଗା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ଖୋର୍ଦ୍ଧାର ମନୀଷ ମିଶ୍ର ପ୍ରଥମ, କଟକର ଦୁଇ ଖେଳାଳି ଅତିକ ସାହାଣୀ ଓ ଇ. ରାଗିଣୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି, ଫିଡେ ଆର୍ବିଟର ଗଜେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ଓ ସୁରଜ କାନୁନଗୋ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS